

ସଂସଦ ନିୟମରେ ଚାଲେ, କାହାରି ବିଶେଷ ଅଧିକାର ନାହିଁ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 347 ଭାଗ ୩୩ | ସଂଖ୍ୟା ୩୪୭ | Friday 13 March 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୧୩ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଟଙ୍କା ଅଣ୍ଟା ବଙ୍କା

### ଡଲାର୍ ତୁଳନାରେ ସର୍ବନିମ୍ନ ସ୍ତରରେ ପହଞ୍ଚିଲା



ମୁମ୍ବାଇ,୧୨।୩: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ଆଜି ଏକ ବଡ଼ ଧରଣର ହ୍ରାସ ଘଟିଛି। ଗୁରୁବାର କାରବାର ସମୟରେ ଟଙ୍କା ସର୍ବକାଳୀନ ସର୍ବନିମ୍ନ ସ୍ତର ଅର୍ଥାତ୍ ୯୨.୩୬କୁ ଖସି ଆସିଛି। ପଶ୍ଚିମ ଏସିଆରେ ଦିନକୁ ଦିନ ବୃଦ୍ଧି ପାଉଥିବା ଉତ୍ତେଜନା ଓ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରର ନିୟମିତ ବୃଦ୍ଧି ଯୋଗୁଁ ଭାରତୀୟ ମୁଦ୍ରା ଉପରେ ଜବରଦସ୍ତ ଚାପ ବଢ଼ିଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବା ଫଳରେ ଏହାର ସିଧାସଳଖ ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିଛି। ଇରାନ ଜଳସୀମାରେ ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ପରେ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କାରେ ତୈଳ ଦର ଆକାଶଛୁଆଁ ହୋଇଛି। ଭାରତ ତା'ର ଆବଶ୍ୟକତାର ପ୍ରାୟ ୮୦ ପ୍ରତିଶତ ତୈଳ ଆମଦାନୀ କରୁଥିବାରୁ ଡଲାରର ଚାହିଦା ବୃଦ୍ଧି ପାଉଛି, ଯାହା ଫଳରେ ଟଙ୍କା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହାଛଡ଼ା ଭୂ-ରାଜନୈତିକ ସଙ୍କଟ ଯୋଗୁଁ ନିବେଶକମାନେ ନିରାପଦ ନିବେଶ ଭାବେ ଡଲାରକୁ ପସନ୍ଦ କରୁଛନ୍ତି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବା ଫଳରେ ଏହାର ପ୍ରଭାବ ମଧ୍ୟ ଭାରତୀୟ ମୁଦ୍ରା ଉପରେ ପଡୁଛି। ଟଙ୍କା ଦୁର୍ବଳ ହେବା ଫଳରେ ଆମଦାନୀ ହେଉଥିବା ସାମଗ୍ରୀ ଯଥା ଅଶୋଧିତ ତୈଳ, ଇଲେକ୍ଟ୍ରୋନିକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହେବ, ଯାହାକି ମୁଦ୍ରାସ୍ଫୀତି ବଢ଼ାଇବା ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷରେ ଦେଶର ଆଇଟି ଓ ଫାର୍ମା କମ୍ପାନୀଗୁଡ଼ିକ ଏଥିରୁ ଲାଭବାନ ହୋଇପାରନ୍ତି।

# ଡିପୋରୁ ବିଧାନସଭା ଗ୍ୟାସ୍ ତାତି

- ଗୃହର ମଧ୍ୟଭାଗରେ କଂଗ୍ରେସର ହଟ୍ଟଗୋଳ
- ଦର ବୃଦ୍ଧି ପ୍ରସଙ୍ଗରେ ମିଳିଲାନି ବିଜେଡି ସମର୍ଥନ
- ଗୃହରେ ବାରି ହେଲା ବିଜେଡିର ଅସହାୟତା
- ଚାଲିପାରିଲାନି ପ୍ରଥମାର୍ଦ୍ଧ ଅଧିବେଶନ





ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଗାଁଠୁ ସହର ସବୁଠି ଗ୍ୟାସକୁ ନେଇ ଏବେ ହୋହଲ୍ଲା ଚାଲିଛି। ସମ୍ଭାବ୍ୟ ଗ୍ୟାସ ସଙ୍କଟକୁ ନେଇ କିଏ ଅଗ୍ରୀମ ବୁକିଂ କରୁଛି ତ ଆଉ କିଏ ଷ୍ଟକ୍ ରଖୁଛି। ସେପଟେ କିନ୍ତୁ ବଜାରରେ ପୂର୍ବଭଳି ସିଲିଣ୍ଡର ନାହିଁ। ଯେଉଁଥିପାଇଁ ଘରୋଇ ଉପଭୋକ୍ତାଙ୍କଠାରୁ ବ୍ୟାବସାୟିକ ଉପଭୋକ୍ତାଙ୍କ ବିଭିନ୍ନ ଗ୍ୟାସ ଡିପୋରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ସରକାର ବାରମ୍ବାର ଗ୍ୟାସର ଅଭାବ ନାହିଁ କହୁଥିଲେ ବି ବାସ୍ତବ ଚିତ୍ର ଭିନ୍ନ। ଭୁବନେଶ୍ୱର, କଟକ, ସୁନ୍ଦରଗଡ଼, ଜୟପୁର, କେନ୍ଦ୍ରାପଡ଼ା, ବାରିପଦା ସବୁଠି ସମାନ ସ୍ଥିତି। ଗ୍ୟାସର ବିକଳ୍ପ ଭାବେ ଏବେ ଇଣ୍ଡକ୍ସନ ଚୁଲା ଉପରେ ମାଡ଼ ପଡ଼ିଛି। ଗ୍ୟାସକୁ ନେଇ ଦେଖା ଦେଇଥିବା ଏହି ତାତି ଆଜି ବିଧାନସଭାରେ ବି ପ୍ରତିଫଳିତ ହୋଇଛି।

ରାଜ୍ୟରେ ଗ୍ୟାସ ଅଭାବ ଓ କଳାବଜାରୀ ନେଇ ଆଜି ଗୃହ ଅଚଳ କରିଛି କଂଗ୍ରେସ। କଂଗ୍ରେସର ହଟ୍ଟଗୋଳ ସହ ବିଜେଡି ସଦସ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଆଜି ପ୍ରଥମାର୍ଦ୍ଧରେ ଗୃହ ଚାଲିପାରିନାହିଁ। ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ସେପଟେ ଆଜି ବିଜେଡି ବିଧାୟକଙ୍କ ଅସହାୟତା ସ୍ପଷ୍ଟ ବାରି ହୋଇପଡୁଥିଲା। ରାଜ୍ୟସଭାରେ କଂଗ୍ରେସ ସହ ମେଳି କରିଥିବାରୁ ନା କଂଗ୍ରେସର ବିରୋଧରୁ ନିଜକୁ ଦୂରେଇ ରଖିପାରିଲା ନା ସମର୍ଥନ କରି ଗୃହ ମଧ୍ୟଭାଗକୁ ଲମ୍ଫଦେଲା। କଂଗ୍ରେସର ପ୍ରତିବାଦ ଭିତରେ ବିଜେଡି ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରଶ୍ନକାଳରେ ଭାଗନେଲେ।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ରାଜ୍ୟରେ ଗ୍ୟାସ ଅଭାବ ଓ କଳାବଜାରୀକୁ ନେଇ ବିଧାୟକମାନେ ପୋଷ୍ଟର ପ୍ରଦର୍ଶନ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରଶ୍ନକାଳରେ ଭାଗ ନେଇନଥିଲେ। ହୋହାଲ୍ଲା ମଧ୍ୟରେ ଗୃହରେ ୨ଟି ତାରକା ପ୍ରଶ୍ନ ଆଲୋଚନା ହେବା ପରେ ୧୦ଟା ୪୦ ମିନିଟରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମାନ ଭାବେ ଗୃହ ମଧ୍ୟରେ ହଟ୍ଟଗୋଳ କରିଥିଲା। କଂଗ୍ରେସ ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟ ନିନ୍ଦା କରିଥିଲେ। ସେ କହିଥିଲେ ଯେ ଶୂନ୍ୟକାଳରେ ରାଜ୍ୟ ଓ ଜାତୀୟ ପ୍ରସଙ୍ଗ ଆଲୋଚନା ହୋଇପାରିବ। ମାତ୍ର କାହିଁକି କଂଗ୍ରେସ ବିଧାୟକମାନେ ପ୍ରତିବାଦ କରୁଛନ୍ତି ଜାଣିପାରୁନି। ଗୃହକୁ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ।

➪ପୃଷ୍ଠା-୬

### ଅମୃତ ଭାରତ ଟ୍ରେନ୍ ନେଇ ମୁଖ୍ୟମନ୍ତ୍ରୀଙ୍କୁ ରେଳମନ୍ତ୍ରୀଙ୍କ ଚିଠି

## ଓଡ଼ିଶା ସହ ଆସାମ ଓ ତେଲଙ୍ଗାନାକୁ ଯୋଡ଼ିବ



- ଭୁବନେଶ୍ୱର-ଧାନବାଦ୍ ଓ ପୁରୀ-ପାଟନା ସ୍ୱତନ୍ତ୍ର ରେଳସେବା ନିୟମିତ
- ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଓଡ଼ିଶା ସହ ଆସାମ ଓ ତେଲଙ୍ଗାନାକୁ ସଂଯୋଗ କରିବା ପାଇଁ ଏକ ନୂଆ ଅମୃତ ଭାରତ ଟ୍ରେନ ସେବା ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି। ଏଥିସହ ଦୁଇଟି ସ୍ୱତନ୍ତ୍ର ରେଳସେବାକୁ ନିୟମିତ ରେଳସେବାରେ ପରିଣତ କରିବା ପାଇଁ ମଧ୍ୟ ଅନୁମୋଦନ ଦିଆଯାଇଛି।

ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ରେଳସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ଆଜି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଏକ ନୂତନ ଅମୃତ ଭାରତ ଟ୍ରେନ୍ ଆସାମର କାମାକ୍ଷା ଓ ତେଲଙ୍ଗାନାର ଚାରଲାପାଲି (ସିକନ୍ଦରାବାଦ) ମଧ୍ୟରେ ଚାଲିବ। ଏହା ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର- କେଉଁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଓ ବ୍ରହ୍ମପୁର ଦେଇ ଯିବ।

ସେହିପରି ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ୍ ସ୍ପେଶାଲ୍ ଟ୍ରେନ୍ ଧାନବାଦ୍ ପହଞ୍ଚିବା ପୂର୍ବରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ରେଢ଼ାଖୋଲ, ସମ୍ବଲପୁର ସହର, ଝାରସୁଗୁଡ଼ା ଓ ରାଉରକେଲା ଷ୍ଟେସନ ଦେଇ ଯିବ। ଏହି ଟ୍ରେନକୁ ଏବେ ନିୟମିତ କରାଯାଇଛି।

ସେହିପରି ➪ପୃଷ୍ଠା-୬

### ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ

## ମନୀଷ ଅଗ୍ରୱାଲ ସମବାୟ ସୋସାଇଟି ରେଜିଷ୍ଟ୍ରାର



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଆଜି ଆଇଏଏସ ଅଫିସର ସ୍ତରରେ ଏକ ବଡ଼ ଧରଣର ବଦଳି କରିଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ ମନୀଷ କୁମାର ଅଗ୍ରୱାଲଙ୍କୁ ରାଜ୍ୟ ସମବାୟ ସୋସାଇଟିର ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଥିବା ବେଳେ ୨୦୨୧ ବ୍ୟାଚ୍ ଆଇଏଏସ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ମନୀଷ ଅଗ୍ରୱାଲ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱରେ ଥିଲେ। ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏଥିସହ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚର ଆଇଏଏସ୍ ଅଫିସରମାନଙ୍କ ଉପରେ ସରକାର ନୂତନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପ୍ରଥମ ଥର ପାଇଁ ପାରାଦୀପରେ ଜଣେ ଆଇଏଏସ ଅଫିସରଙ୍କୁ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୧୨ ବ୍ୟାଚର ଆଇଏଏସ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୨

**ବଦଳିଲେ ମାଲକାନଗିରି ଜିଲ୍ଲାପାଳ**

ବ୍ୟାଚ୍ ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ୨୦୧୩ ବ୍ୟାଚ ଆଇଏଏସ ମଧୁସ୍ମିତା ସାହୁଙ୍କୁ ଶିକ୍ଷକ ଶିକ୍ଷା ଓ ରାଜ୍ୟ ଶିକ୍ଷା ଅନୁସନ୍ଧାନ ଓ ତାଲିମ ପରିଷଦର ନିର୍ଦ୍ଦେଶକ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦାୟିତ୍ୱ ଦିଆଯାଇଛି।

୨୦୧୪ ବ୍ୟାଚ୍ ➪ପୃଷ୍ଠା-୬

### କାମ ଦେଲା ଜୟଶଙ୍କରଙ୍କ ଫୋନ୍‌କଲ୍

## ଭାରତୀୟ ଜାହାଜ ପାଇଁ ହର୍ମୁଜ ପ୍ରଣାଳୀ ଖୋଲା

ନୂଆଦିଲ୍ଲୀ,୧୨।୩: ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଚାଲିଥିବାରୁ ବିଶ୍ୱର ପ୍ରମୁଖ ଦେଶମାନେ ତୈଳ ପରିବହନ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜଗୁଡ଼ିକ ତୈଳ ପରିବହନ କରୁଥିଲେ ହେଁ ଏହାକୁ ଇରାନ୍ ବନ୍ଦ କରିଦେଇଛି। ଏହି ପରିପ୍ରେକ୍ଷୀରେ



**ଦେଶରେ ପହଞ୍ଚିଲା ଦୁଇଟି ଟ୍ୟାଙ୍କର୍**

ଭାରତରେ ମଧ୍ୟ ତୈଳ ଓ ଗ୍ୟାସ୍ ସଙ୍କଟ ଦେଖାଦେଇଛି। କିନ୍ତୁ ଆଜି ଇରାନ୍‌ର ଏକ ସକାରାତ୍ମକ ପଦକ୍ଷେପ ଦେଶରେ ତୈଳ ଓ ଗ୍ୟାସ୍ ସମସ୍ୟାର ସମାଧାନ ପାଇଁ ବାଟ ଫିଟାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଭାରତୀୟ ପତାକା ଥିବା ତୈଳ ଜାହାଜଗୁଡ଼ିକୁ ଇରାନ୍ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାର ଅନୁମତି ଦେବା ସକାଶେ ରାଜି ହୋଇଛି। ଆଜି ଭାରତ ଓ ଇରାନ ମଧ୍ୟରେ ଉଚ୍ଚସ୍ତରୀୟ କୂଟନୈତିକ ଆଲୋଚନା ଫଳପ୍ରଦ ହୋଇଛି। ଭାରତର ବୈଦେଶିକ ➪ପୃଷ୍ଠା-୬

### ରାଜ୍ୟସଭା ଗଣିତ: ଘଣ୍ଟାକୁ ଘଣ୍ଟା ବଦଳୁଛି ସଂଖ୍ୟା

## ବେଙ୍ଗାଲୁରୁ ଗଲେ କଂଗ୍ରେସର ୯ ବିଧାୟକ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ରାଜ୍ୟସଭା ରାଜନୀତିରେ ଘଡ଼ିକେ ଘୋଡା ଛୁଟୁଛି। ପ୍ରତି ଘଣ୍ଟାରେ ବଦଳୁଛି ନେତାଙ୍କ ଗଣିତ। କିଏ ରହିବ କିଏ କ୍ରସ ଭୋଟିଂ କରିବ ଅଙ୍କ କଷି କଷି ଖାତା ପରେ ଖାତା ସରିଗଲାଣି। ପ୍ରତିଦିନ ସମ୍ଭାବ୍ୟ କ୍ରସ ଭୋଟିଂ ତାଲିକାରେ ଯୋଡ଼ି ହେଉଛି ନୂଆ ନାଁ। ରବୀନ୍ଦ୍ର ଜେନା ବିଜେପିରେ ମିଶିବା ପରେ ଏବେ ସମସ୍ତଙ୍କ ନଜର ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଧାୟକଙ୍କ ଉପରେ। ସେପଟେ ଆଜି ସନ୍ଧ୍ୟାରେ କଂଗ୍ରେସର ୯ ଜଣ ବିଧାୟକ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ଦିଲ୍ଲୀରୁ ସେମାନେ ବେଙ୍ଗାଲୁରୁରେ ଏକାଠି ରହିବେ ବୋଲି ଜଣାପଡ଼ିଛି।

ଆଜି ସନ୍ଧ୍ୟାରେ କଂଗ୍ରେସର ୯ ଜଣ ବିଧାୟକ ଦିଲ୍ଲୀ ଯାଇଥିବା ଜଣାପଡିଛି। ଦିଲ୍ଲୀରୁ ଏହି ୯ ଜଣ ବିଧାୟକ ବେଙ୍ଗାଲୁରୁ ଯିବେ। ସେଠାରେ ସେମାନେ ଏକାଠି ରହିବେ ବୋଲି ଜଣାପଡ଼ିଛି। କେବଳ ଭୁବନେଶ୍ୱରରେ ଅଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଓ ସୋଫିଆ ଫିର୍ଦ୍ଦୋସ। ପିସିସି ସଭାପତି ଭକ୍ତ ଦାସ ଆଜି ବିଧାନସଭାରେ ଥିବା କଂଗ୍ରେସ ବିଧାୟକ ଦଳ ପ୍ରକୋଷ୍ଠରେ ରାଜ୍ୟସଭା ନେଇ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ସୀମା ବାହାରେ ରାଜନୈତିକ ଅସଦାଚରଣ କରିବା ଆରମ୍ଭ କରିଛି। ➪ପୃଷ୍ଠା-୬

**ସ୍କାନର୍‌ରେ ବିଜେଡିର ଆଉ ଦୁଇ ବିଧାୟକ**

## ମିସାଇଲ ଜିଲ୍ଲା ଏବେ କ୍ରାଇମ୍‌ରେ ଏକ ନମ୍ବର

- ହତ୍ୟା, ଦୁଷ୍କର୍ମ ଓ ଲୁଟ୍‌ରେ ଶୀର୍ଷରେ ବାଲେଶ୍ୱର
- ୨୦୨୫ରେ ୭.୩୬% ବଢ଼ିଛି ଧର୍ତ୍ତବ୍ୟ ଅପରାଧ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବ୍ୟାପକ ସହରୀକରଣ, ଡିଜିଟାଲ କାରବାର ବୃଦ୍ଧି ଓ ଜଗତିକରଣର ପ୍ରଭାବରେ ରାଜ୍ୟର କ୍ରାଇମ ଗ୍ରାଫ ବଢ଼ିବାରେ ଲାଗିଛି। ଚୋରି ଓ ଡକାୟତି ସାଙ୍ଗକୁ ମହିଳା ଦୁଷ୍କର୍ମ ଘଟଣା ପ୍ରତିବର୍ଷ ବଢ଼ିଚାଲିଛି। ସରକାରୀ ତଥ୍ୟ କହୁଛି, ୨୦୨୪ ତୁଳନାରେ ୨୦୨୫ରେ ରାଜ୍ୟରେ ସାମଗ୍ରିକ ଅପରାଧ ହାରରେ ୭.୩୬ ପ୍ରତିଶତ ବୃଦ୍ଧି ଘଟିଛି। ମହିଳାଙ୍କ ପ୍ରତି ଦୁଷ୍କର୍ମ ଘଟଣା ପୂର୍ବ ବର୍ଷ ତୁଳନାରେ ସାମାନ୍ୟ କମିଥିଲେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ବାଲେଶ୍ୱର ଜିଲ୍ଲା ସବୁଠୁ ସମ୍ବେଦନଶୀଳ। ଦେଶର ମିସାଇଲ ଜିଲ୍ଲା ➪ପୃଷ୍ଠା-୬


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# କମନ୍ ପ୍ରାର୍ଥୀଙ୍କଠୁ ବଳିଗଲାଣି ନିଶ୍ଚିତଙ୍କ ଟେନସନ୍



- ଭୋଟ ଯୋଗାଡ଼ ପାଇଁ ସଂତୃପ୍ତ ଝାଳନାଳ
- ନବୀନ ନିବାସରେ ଘନ ଘନ ବୈଠକ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିଜେଡିର ନିଶ୍ଚିତ ବିଜୟୀ ପ୍ରାର୍ଥୀ କୁହାଯାଉଥିବା ସଂତୃପ୍ତ ମିଶ୍ର ଏବେ ପୂରା ଟେନସନ୍‌ରେ। କମନ୍ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କଠାରୁ ତାଙ୍କ ଟେନସନ୍ ବଢ଼ିଗଲାଣି। ଅବସ୍ଥା ଏଭଳି ହୋଇଛି ଯେ ନିଶ୍ଚିତ ପ୍ରାର୍ଥୀ ସଂତୃପ୍ତ ଘରକୁ ଘର ବୁଲି ବିଜେଡି ବିଧାୟକଙ୍କୁ ଭେଟିବା ସହ ସେମାନଙ୍କୁ ଭୋଜି ଦେବାରେ ବ୍ୟସ୍ତ।

ଏହାର ପ୍ରଭାବ ନବୀନ ନିବାସରେ ଜଳ ଜଳ ହୋଇ ଦେଖାଯାଉଛି। ପ୍ରତିଦିନ ବିଧାୟକମାନଙ୍କୁ ନିବାସକୁ ଡକାଯାଉଛି। ବିଶେଷକରି ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରିବାର ସମ୍ଭାବନା ରହିଛି, ସେମାନଙ୍କୁ ଜଣଙ୍କ ପରେ ଜଣଙ୍କୁ ଡକାଯାଉଛି। ନବୀନ ପଟ୍ଟନାୟକ ସେମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି। ଏହି କ୍ରମରେ ଆଜି ବିଧାୟିକା ସୁବାସିନୀ ଜେନାଙ୍କୁ ଡାକରା ହୋଇଥିଲା। ସୁବାସିନୀଙ୍କ ପତି ରବୀନ୍ଦ୍ର ଜେନା ବିଜେଡି ଛାଡ଼ି ବିଜେପିରେ ଯୋଗଦେବା ପରେ ବିଜେଡି ଶିବିରରେ ଏକ ପ୍ରକାର ଛନକା ପଶିଛି। ଏହି ସନ୍ଦେହ ତାଲିକାରେ ଆଉ କିଛି ବିଧାୟକ ବି ରହିଛନ୍ତି।

ତେଣେ ବିଜେଡିର ନିଶ୍ଚିତ ବିଜୟୀ ପ୍ରାର୍ଥୀ କୁହାଯାଉଥିବା ସଂତୃପ୍ତ ମିଶ୍ରଙ୍କ ଚିନ୍ତା ବି ଜଳ ଜଳ ହୋଇ ଦିଶିଲାଣି। ପ୍ରଥମରୁ ମନଦମ୍ଭ କରି ରହିଥିବା ସଂତୃପ୍ତ ଏବେ ଜଣଙ୍କ ପରେ ଜଣେ ବିଧାୟକଙ୍କୁ ଭେଟି ସେମାନଙ୍କୁ ମନାଇବାରେ ଲାଗିଛନ୍ତି। ହୋଟେଲରେ ଭୋଜିଭାତର ବି ଆୟୋଜନ କରୁଛନ୍ତି। ସଂତୃପ୍ତଙ୍କ ପ୍ରାର୍ଥିତ୍ୱକୁ ନେଇ ପ୍ରଥମେ ପୂର୍ବତନ ବିଧାୟକ ତଥା ଦଳର ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ପ୍ରଶ୍ନ କରିଥିଲେ। ଏଭଳି ପ୍ରତିବାଦ କରିଥିଲେ ଯେ ବିଜେଡି ତାଙ୍କୁ ଦଳରୁ ବାହାର କରିଦେଲା। ତେବେ ପ୍ରଭାତଙ୍କ ଏଭଳି ବିରୋଧ ପଛରେ ବିଜେଡିର ଆଉ କିଛି ବଡ଼ ମୁଣ୍ଡ ରହିଥିବା ସୂଚନା ମିଳିବା ପରେ ଏବେ କେବଳ ନବୀନ ନିବାସ ନୁହେଁ, ଖୋଦ ସଂତୃପ୍ତ ବି ଚିନ୍ତାରେ ପଡ଼ିଯାଇଛନ୍ତି।

ତେଣେ ବିଜେଡି କମନ୍ ପ୍ରାର୍ଥୀ କରିଥିବା ଡାକ୍ତର ହୋତା ବି ବିଜୟ ପାଇଁ ଆବଶ୍ୟକ ଭୋଟ ଯୋଗାଡ଼ରେ ଲାଗିପଡ଼ିଛନ୍ତି। ତେବେ ତାଙ୍କ ପାଇଁ କାଳ ହୋଇଛି କଂଗ୍ରେସରେ ଧୀରେ ଧୀରେ ବଢୁଥିବା ଅସନ୍ତୋଷ। ପ୍ରଥମେ ବିଜେଡି ସହ ମେଣ୍ଟକୁ କିଛି କଂଗ୍ରେସ ନେତା ସହଜରେ ହଜମ କରିପାରୁ ନ ଥିବା ବେଳେ ଏହି ବୁଝାମଣା କେବଳ ରାଜ୍ୟସଭା ପାଇଁ ଉଦ୍ଦିଷ୍ଟ ବୋଲି ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର କହିଦେବା ପରେ ତାହା କଂଗ୍ରେସ ଶିବିରରେ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି। ତେଣୁ କଂଗ୍ରେସ ଭୋଟ କିଭଳି ଏକଜୁଟ ରହିବ, ସେହି ଚିନ୍ତା ଏବେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ସମେତ ବିଜେଡି ଓ ଡାକ୍ତର ହୋତାଙ୍କୁ ଘାରିଛି। ➪ପୃଷ୍ଠା-୬

# ମହାକାଳପଡ଼ାକୁ ଭତ୍ତା ଟଙ୍କା ଟେନସନ



**ମହାକାଳପଡ଼ା,୧୨।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଏବେ କିଛି ଦିନ ହେବ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ଉଠୁଛି ପଡୁଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ମୋଟ୍ ୩୧ ପଞ୍ଚାୟତରୁ ୨୭ଟି ପଞ୍ଚାୟତର ତଥ୍ୟ କହୁଛି ୧୦ ପଞ୍ଚାୟତକୁ ଛାଡି ଅବଶିଷ୍ଟ ୧୭ ପଞ୍ଚାୟତରେ ଏବେବି ଅଗ୍ରୀମ ଭତ୍ତା ଟଙ୍କା ୯୪,୭୦,୪୫୮ ଟଙ୍କା ସରକାରୀ ଖାତାକୁ ନଫେରି ବ୍ୟକ୍ତିଗତ ଭାବେ ହାତରେ ରହିଛି।

ସରପଞ୍ଚ, ପିଇଓ ଓ ଏଡିଇଓ ମାନେ ଭତ୍ତା ଟଙ୍କା ପ୍ରଦାନ ପାଇଁ ନେଇଥିବା ଅଗ୍ରୀମ ଟଙ୍କା ଭତ୍ତା ବଣ୍ଟନ ପରେ ବଳକା ଟଙ୍କାକୁ ନଫେରାଇବା ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନ ଏବେ ହରଡ଼ଘଣାରେ ପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଅଗ୍ରୀମ ଟଙ୍କା ଉଠାଇଥିବା କିଛି ସରପଞ୍ଚଙ୍କ କାର୍ଯ୍ୟକାଳ ସରିଥିଲା ବେଳେ କିଛି କର୍ମଚାରୀ ମାନଙ୍କ ଅନ୍ୟ ବ୍ଲକ୍ କୁ ବଦଳି ମଧ୍ୟ ହୋଇସାରିଛି। ଏନେଇ କିଛି ସଚେତନ ନାଗରିକ ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ଅତଣ୍ଡା ଚିଠି ଲେଖି ଅଭିଯୋଗକୁ ସମାଧାନ କରିବା ପାଇଁ ପ୍ରୟାସ କରୁଛି। ଯାହାକୁ ନେଇ ପ୍ରଶାସନର ପାରିବା ପଣିଆ ଉପରେ ଲୋକେ ଅସନ୍ତୋଷ ପ୍ରକଟ କରିଛନ୍ତି।

**ରାଜଗଡ ପଞ୍ଚାୟତରେ ସର୍ବାଧିକ ୮୬,୭୦,୮୦୦ ଟଙ୍କା**

**ପିଇଓଙ୍କ ତଥ୍ୟ ବଢ଼ାଇଲା ସନ୍ଦେହ**

ରାଜଗଡ଼ ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ୬ ଫେବୃଆରୀ ପର୍ଯ୍ୟନ୍ତ ଦେଇଥିବା ଭତ୍ତା ଟଙ୍କା ହିସାବ ଅନୁସାରେ ରାଜଗଡ଼ ପଞ୍ଚାୟତରେ ମୋଟ ୮୭,୫୩,୧୦୦ ଟଙ୍କା ଅଗ୍ରୀମ ରହିଛି। ସେଥିମଧ୍ୟରୁ ତତ୍କାଳୀନ ଏଡିଇଓ ଲିପିକା ରାଉତଙ୍କ ପାଖରେ ସର୍ବାଧିକ ୮୬,୭୦,୮୦୦ ଟଙ୍କା ରହିଛି। ଏନେଇ ଆମେ ଲିପିକା ରାଉତଙ୍କ ସହିତ କଥା ହେବାରୁ ତାଙ୍କ ପାଖରେ କୌଣସି ଗଚ୍ଛିତ ଟଙ୍କା ନାହିଁ ବୋଲି ସେ ସ୍ପଷ୍ଟିକରଣ ରଖିଥିଲେ। ସେ ଯେଉଁ ଅଗ୍ରୀମ ଟଙ୍କା ଆଣିଥିଲେ ତାହାକୁ ସେ ଭତ୍ତା ଟଙ୍କା ବାଣ୍ଟିବା ସହିତ ଅବଶିଷ୍ଟ ଟଙ୍କା ଜମା କରିସାରିଛନ୍ତି। ହେଲେ ଏହି ଘଟଣା ଏବେ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଖୋଦ୍ ପଞ୍ଚାୟତର ପିଇଓ ହାତକାଟି ଲେଖିଛନ୍ତି କି ତତ୍କାଳୀନ ଏଡିଇଓଙ୍କ ପାଖରେ ଅଗ୍ରୀମ ନେଇଥିବା ଟଙ୍କା ରହିଛି ହେଲେ ଲିପିକା ସଂଚାରକୁ ଦେଇଥିବା କ୍ଲିନ୍ ଚିଟ୍ ଉତ୍ତର ଏବେ ଏହି ଘଟଣାକୁ ଆହୁରି ରହସ୍ୟମୟ କରିଛି।

ଏଠି ପ୍ରଶ୍ନ ଉଠୁଛି ଯେ ସତ କହୁଛି କିଏ? ପଞ୍ଚାୟତର ପିଇଓ ନା ତତ୍କାଳୀନ ଏଡିଇଓ? ତେବେ ଏହି ଅଗ୍ରୀମ ଭତ୍ତା ଟଙ୍କାର ଲୁଚକାଳି ଖେଳ ଭିତରେ କିନ୍ତୁ ଏବେ ସମଗ୍ର ମହାକାଳପଡ଼ା ପ୍ରଶାସନକୁ ଦୋଷ ମୁଣ୍ଡାଇବାକୁ ପଡୁଛି। କେବେ ଏହି ଲୁଚକାଳି ଖେଳରେ ପ୍ରଶାସନ ପୂର୍ଣ୍ଣଚ୍ଛେଦ ପକାଇବ ତାହା ଦେଖିବାକୁ ସମସ୍ତଙ୍କର ନଜର।

## ଜିଲ୍ଲା କାର୍ଯ୍ୟାଳୟରେ କୁଢକୁଢ ଅଳିଆ



**କେନ୍ଦ୍ରାପଡା,୧୧।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରେ କୁଢ କୁଢ ଅଳିଆ ଜମା ହୋଇ ରହିଛି । କାର୍ଯ୍ୟାଳୟ ସାଇଟ୍ରେ ଦୀର୍ଘଦିନ ହେଲା ଏହି ଅଳିଆ ଜମା ହୋଇ ରହିବା ଫଳରେ ଦୁର୍ଗନ୍ଧ ହେବା ସହ ଲୋକ ଏଠାରେ ଝାଡା ପରିସ୍ରା କରୁଛନ୍ତି । ଦୀର୍ଘଦିନ ହେଲା ଏହି ଅଳିଆକୁ ପ୍ରଶାସନ ଦୃଷ୍ଟି ନଦେବାରୁ ଅଳିଆ ଜମା ହୋଇ ରହିଛି। ଯାହାଫଳରେ ଜିଲ୍ଲା କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପରିବେଶ ଦୂଷିତ ହେଉଛି । ତୁରନ୍ତ ଏହି ଅଳିଆକୁ ଏଠାରୁ ଉଠାଇବା ପାଇଁ ସାଧାରଣରେ ଦାବି ହେଉଛି।

## ଚୋରା ମଦ ମାଫିଆଙ୍କ ଆତଙ୍କରାଜ, ନୀରବଦ୍ରଷ୍ଟା ଅବକାରୀ ବିଭାଗ

**ନିଶ୍ଚିନ୍ତକୋଇଲି,୧୨।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବଡକ୍ଷୀର ପଂଚାୟତର ଧଳପଡା ଗ୍ରାମର ଜୈନିକ ବ୍ୟକ୍ତି ଦୀର୍ଘ ଦିନଧରି ଚୋରା ମଦ ବ୍ୟବସାୟ କରୁଛନ୍ତି। ଆଖପାଖ ଲୋକମାନେ ଘର ପାଖରେ ମିଳୁଥିବା ମଦ ବ୍ୟବସାୟୀଙ୍କ ଠାରୁ ମଦ ପିଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଗଣ୍ଡଗୋଳ କରୁଥିବାର ମଧ୍ୟ ନଜିର ରହିଛି।ଏବଂ ଆଖପାଖ ଆଞ୍ଚଳରେ କୁପ୍ରଭାବ ପକାଉଥିବା ମଧ୍ୟ ଅଭିଯୋଗ କରାଯାଇଛି।ବାରମ୍ବାର ଖବର ପ୍ରସାରଣ ପରେ ନିଦା ଦାରୁ ପାଲଟିଛି ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିକାରୀ। ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।ତେବେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଓ ଅବକାରୀ ବିଭାଗ ଅଧିକାରୀ ଏହି ଚୋରା ମଦ ବ୍ୟବସାୟୀଙ୍କ ବିରୁଦ୍ଧରେ କେଉଁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।

## ଦଳିତ ବ୍ୟକ୍ତିଙ୍କୁ ମାଡ଼, ପୁଲିସ ନିରବ



**କେନ୍ଦ୍ରାପଡା,୧୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶଥାନା ଅନ୍ତର୍ଗତ ଢିଅପଡାଠାରେ ରହୁଥିବା ଦଳିତ ପରିବାରର କିଛି ବ୍ୟକ୍ତିଙ୍କୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ନିସ୍ତୁକ ମାଡ ମାରିଥିବାରୁ ଏମାନଙ୍କ ଭିତରୁ ଦୁଇତିନିଜଣ କଟକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେବାପରେ ମଧ୍ୟ ଅଭିଯୁକ୍ତକୁ ଗିରଫ ନ କରିବାରୁ ଅଭିଯୁକ୍ତମାନେ ଏହି ଦଳିତ ପରିବାରକୁ ଧମକ ଦେଉଛନ୍ତି । ଏ ନେଇ ଶତାଧିକ ଦଳିତ ପରିବାରର ମହିଳା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଅଧର ମଳିକ, ସନ୍ଧ୍ୟାରାଣୀ ମଳିକ, ଶରତ ମଳିକ, ଲିପ୍ସା ମଳିକ, ସୁଭଦ୍ରା ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି ।

## ଗୋପବନ୍ଧୁ ଛକ ପଚ୍ଛପଟ ରାସ୍ତାରେ କାୟା ବିସ୍ତାରୁଛି ନିଶା କାରବାର



**ଯାଜପୁର ରୋଡ଼, ୧୨।୩ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଗୋପବନ୍ଧୁ ଛକ ଠାରୁ ନହକା ଗୋଲେଇ ଛକକୁ ସଂଯୋଗ କରୁଥିବା ରାସ୍ତାର ଏରିଆରେ ଡୋଳିପୁର ଅବକାରୀ ଥାନା ଓ ଯାଜପୁର ରୋଡ଼ ପୋଲିସ୍ ପ୍ରଶାସନଙ୍କ ଅବହେଳା ହେତୁ ଏହି ରାସ୍ତା କଡ଼ରେ ମାଫିଆମାନଙ୍କ ଦ୍ୱାରା ମାରାତ୍ମକ ନିଶା ଦ୍ରବ୍ଯ ଦେଶି, ବିଦେଶୀ ମଦ, ଗଞ୍ଜେଇ, ପାଉଡର ଆଦି କାୟା ବିସ୍ତାର କରୁଛି ବୋଲି ଛକ ବଜାରରେ ଏବେ ଆଲୋଚନା ହେଉଛି। ଗୋଟିଏ ପକ୍ଷେ ସରକାର ମଦକୁ ଅଗ୍ରାଧିକାର ଦେଉଥୁଲା ବେଳେ ମାଫିଆମାନଙ୍କ ଦ୍ୱାରା ଏହି ଏରିଆ ଅଂଚଳରେ ଗଞ୍ଜେଇ, ଧଳା ଜହର କାବୁରେ ସାବାଳକ ଓ ଯୁବସମାଜ ପୀଡ଼ିତ ହେଉଥୁବା ଲୋକମାନେ ଟୁପୁରୁ ଟାପୁରେ ହେଉଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଏଠାରେ ବିନା ଲାଇସେନ୍ସରେ ମଦ, ମାରାତ୍ମକ ନିଶା ଦ୍ରବ୍ୟ ବେପାର ହେଉଥିଲେ ମଧ୍ୟ ଡୋଳିପୁର ଅବକାରୀ ଥାନା ପୋଲିସ୍ ଏହାର କିପରି ସୂଚନା ପାଇପାରୁ ନାହାନ୍ତି ବୋଲି ବର୍ତ୍ତମାନ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଜିଲ୍ଲା ଅବକାରୀ ପ୍ରଶାସନ ଏଠାରେ ଚାଲିଥିବା ନିଶା କାରବାର ବେପାର ଉପରେ କଡ଼ା ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଯୁବକର ମୃତଦେହ ଉଦ୍ଧାର

**ଯାଜପୁର ରୋଡ଼,୧୨।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ମୁଣ୍ଡମାଳ ଡାହିସାହିରେ ଏକ ଦୁଃଖଭରା ଅଭାବନୀୟ ଘଟଣା ଆଜି ସାମ୍ନାକୁ ଆସିଛି। ବ୍ୟାସ-ସରୋବର ଛକ ଠାରୁ ଅନତି ଦୂରରେ ଥିବା ବଡ଼ ପାଣିଟାଙ୍କି ପଛପଟ ଏକ ବର ଗଛରୁ ଉଦ୍ଧାର ହୋଇଛି ଯୁବକଙ୍କ ଝୁଲନ୍ତା ମୃତଦେହ। ଯୁବକ ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ମୃତ ଯୁବକ ଡାହିସାହି ଅଂଚଳ ସନ୍ତୋଷ ମଳିକଙ୍କ ପୁଅ ସୁରତ ମଳିକ(୨୪) ବୋଲି ଜଣାପଡିଛି।

**ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶାସନର ରୋକ**

## ରାଜନୈତିକ ପଶାପାଲିରେ ଛନ୍ଦି ହୋଇଛି ପାଇକା ମହୋତ୍ସବ



**କେନ୍ଦ୍ରାପଡା, ୧୨।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ, ମହାକାଳପଡା ଏବଂ ପାଟକୁରା ଥାନା ଅଧୀନରେ ଦୀର୍ଘ ୧୧ ବର୍ଷ ହେଲା ପାଇକା ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ସମସ୍ତ ପ୍ରଶାସନିକ ଏବଂ ପାଇକା ମହୋତ୍ସବ ସମିତି ପକ୍ଷରୁ ସମସ୍ତ ପ୍ରସ୍ତୁତି ସମାପ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ପାଇକା ମହୋତ୍ସବ କରିବା ପାଇଁ ଅନୁମତି ପାଇବା ପରେ ୨ ଦିନ ମହୋତ୍ସବ ଚାଲିବା ପରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ଅନୁମତିକୁ ବାତିଲ କରିବାରୁ ଥାନା ଅଧିକାରୀ, ତହସିଲଦାର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଉତ୍ସବକୁ ବନ୍ଦ କରିଥିବାରୁ ଏହାର ପ୍ରତିବାଦରେ ତୀବ୍ର ବିରୋଧ କରି ଶତାଧିକ ମହିଳା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି । ମହୋତ୍ସବ ପାଇଁ ମାର୍ଶାଘାଇ, ମହାକାଳପଡାର ୬ଟି ପଂଚାୟତର ଜନସାଧାରଣ ତଥା ଆଖପାଖ ଅଂଚଳରୁ ଏହି ମହୋତ୍ସବ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକ ଭିଡ଼ ଜମାଇଥାନ୍ତି । ଉତ୍ସବରେ ଆହୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବା ସହ ଏଥିରେ ପଡିଥିବା ଦୋକାନ ମାନଙ୍କରୁ ବିଭିନ୍ନ ଘରକରଣା ସାମଗ୍ରୀ କିଣିଥାନ୍ତି। ଉପଜିଲ୍ଲାପାଳଙ୍କ ଠାରୁ ସ୍ୱୀକୃତି ମିଳିବା ପରେ ଜିଲ୍ଲା ଏବଂ ଜିଲ୍ଲା ବାହାର ବିଭିନ୍ନ ଅଂଚଳରୁ ଶତାଧିକ ଦୋକାନୀ ନିଜର ବ୍ୟବସାୟ ଅନୁଷ୍ଠାନ ମେଲାଇବା ପରେ ହଠାତ୍ ଏହି ମହୋତ୍ସବକୁ ବନ୍ଦ କରିବା ଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଛି ।

ତୁରନ୍ତ ଏହି ମହୋତ୍ସବକୁ ଚାଲୁ କରିବା ପାଇଁ ରଂଜନ କୁମାର ସୁତାର, କୁନମୁନ ନାୟକ, ଜ୍ୟୋତି ପ୍ରସନ୍ନ ନାୟକ, ଜଗନ୍ନାଥ ନାୟକ, ହିମାଂଶୁ ନାୟକ, ତ୍ରିଲୋଚନ ଦାସଙ୍କ ସମେତ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ପାଞ୍ଚବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ, ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ପାଞ୍ଚ ବର୍ଷରେ ଜିଲ୍ଲାରେ ୩୫୨ ମାମଲା ପଞ୍ଜୀକୃତ**

**ପାରାଦୀପ,୧୨।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଦୁଷ୍କର୍ମ ମାମଲା ଏବେ ଉଦବେଗ ଜନକ ସ୍ତିତିରେ | ଗତ ୧୫ ଦିନ ତଳେ ପାରାଦୀପ ତାରିଣୀଗଡା ଚାରି ମହଲା ଛାତ ତଳୁ ଯୁବତୀଙ୍କ ଶବ ମିଳିବା ଘଟଣା ଏହା ଏକ ଦୁଷ୍କର୍ମ ଓ ହତ୍ୟା ଘଟଣା ପୋଲିସ ସ୍ପଷ୍ଟ କରିବାର ମାତ୍ର ପାଞ୍ଚଦିନ ଭିତରେ ପୁଣି ସେହି ପାରାଦୀପ ଅଂଚଳର ଏକ ୭ ବର୍ଷର ନାବାଳିକାକୁ ଚିକେନ ଦୋକାନୀ ଥଣ୍ଡାରେ ମଦ ଦେଇ ଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଥିଲା। ଏହି ଘଟଣାକୁ ମାତ୍ର ସପ୍ତାହେ ନପୂରୁଣୁ ଏବେ ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅଂଚଳରୁ ପୁଣି ଆଉ ଏକ ଲଜ୍ଜା ଜନକ ଘଟଣା ସାମ୍ନାକୁ ଆସିଛି | ଏକ ପାଞ୍ଚବର୍ଷର ନାବାଳିକାକୁ ସାରା ରାତି ଅମାନୁଷିକ ଭାବେ ଦୁଷ୍କର୍ମ କରାଯାଇଥିବା ଓ ସେ ଗୁରୁତର ହେବାରୁ ତାକୁ ପ୍ରଥମେ ମଣିଜଙ୍ଗା ପରେ ଜଗତସିଂହପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି। ନାବାଳିକାଟି ନିଜ ବାପାଙ୍କ ସହ ବନ୍ଧୁ ଘରକୁ ବୁଲିବାକୁ ଆସିଥିବା ବେଳେ ଅଭିଯୁକ୍ତ ମନୋଜ ଦାସ ତାର ବାପାକୁ ନିଶା ଖୁଆଇ ନାବାଳିକାକୁ ଦୁଷ୍କର୍ମ କରିଥିବା କୁହାଯାଉଛି | ଏ ସଂକ୍ରାନ୍ତରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ପରେ ତିର୍ତ୍ତୋଲ ପୋଲିସ ୧୫୮/୨୦୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି | ଅଭିଯୁକ୍ତ ନାମରେ ଆଗରୁ ଏଭଳି କିଛି ଘଟଣା ଥିବା ବେଳେ ସେ ଅନେକ ସମୟରେ ଘଟଣାକୁ ମିମାଂଶ କରାଇ ଦେବାରେ ସକ୍ଷମ ହେଉଥିବା ଓ ସେ ଏହି ଘଟଣା ଘଟାଇ ଫେରାର ହେଇ ଯାଉଥିବା ବେଳେ ଲୋକମାନେ ତାକୁ ଗୋଡ଼ାଇ ଗୋଡ଼ାଇ ସ୍ଥାନୀୟ ପଙ୍କପାଳ ନିକଟରୁ ଧରି ପୋଲିସକୁ ଦେଇଥିବା ମଧ୍ୟ ଜଣାପଡିଛି |

ଜଗତସିଂହପୁର ଜିଲ୍ଲାରେ ଗତ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ମୋଟ ୩୫୨ଟି ଦୁଷ୍କର୍ମ ମାମଲା ପଞ୍ଜୀକୃତ ହୋଇଥିବା ମଧ୍ୟ ଜଣାପଡିଛି। ପାଞ୍ଚବର୍ଷ ମଧ୍ୟରେ ୧୫ ଜଣଙ୍କୁ ବିଭିନ୍ନ ଦୁଷ୍କର୍ମ ମାମଲାରେ ଦଣ୍ଡବିଧାନ କରାଯାଇଥିବା ବେଳେ ଜିଲ୍ଲାରେ ବୃଦ୍ଧି ପାଉଥିବା ଏଭଳି ଘଟଣା ଏବେ ପୋଲିଶ ପାଇଁ ଚିନ୍ତାର କାରଣ ପାଲଟିଛି।

## ଚାରି ମାସରେ ମଲେଣି ୧୦୦ରୁ ଉର୍ଦ୍ଧ୍ୱ କଇଁଛ



**ରାଜନଗର,୧୨।୩ (ସଂଚାର ବ୍ୟୁରୋ):** ଏବେ ଅଲିଭି ରିଡେଲ ସାମୁଦ୍ରିକ କଇଁଛଙ୍କ ଅଣ୍ଡା ଦେବାର ସମୟ. ନଭେମ୍ବର ଏକ ତାରିଖ ଠାରୁ ଆଗନ୍ତୁକ କଇଁଛ ମାନଙ୍କ ମିଳନ ପର୍ବ ପରେ ମା କଇଁଛମାନେ ଏବେ କୂଳ ମୁହାଁ ହେବାରେ ଲାଗିଛନ୍ତି । ଆଉ ଦିନ କେଇଟା ପରେ ସମୂହ ଅଣ୍ଡାଦାନ ଦେବା ଅପେକ୍ଷାରେ ଥିବାବେଳେ ଗଭୀର ସମୁଦ୍ର ଭିତରେ ଶକ୍ତିଶାଳୀ ଟ୍ରଲର ବୋଟ ଧକ୍କାରେ ନିରୀହ କଇଁଛ ମାନଙ୍କ ମୃତ୍ୟୁ ଘଟୁଛି । ବିଭିନ୍ନ ଗଣ ମାଧ୍ୟମରେ କଇଁଛ ମରିବା ସଂଖ୍ୟାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇବା ପରେ ବୁଧବାର ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଭୁବନେଶ୍ୱର ଆଞ୍ଚଳିକ ଅତିରିକ୍ତ ବନ ସଂରକ୍ଷକ ତଥା ଗହିରମଥା କଇଁଛ ସୁରକ୍ଷା ଦାୟିତ୍ୱରେ ଥିବା ଏମ. ଯୋଗ ଜଗଦାନନ୍ଦ ଚିଂଚିରି ମୁହାଣ ଠାରୁ ଏକକୁଳା କଇଁଛ ଅଣ୍ଡାଦେବା ସ୍ଥାନ ବୁଲି ଦେଖିବା ସହିତ ମୃତ କଇଁଛ ସମ୍ବନ୍ଧରେ ଅନୁଧ୍ୟାନ କରି ଫେରିବା ପରେ ରାଜନଗର ବନ ବିଭାଗର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଥିଲେ।

ସେ କହିଛନ୍ତି ଯେ ଆମ ଗହିରମଥା ନିଷିଦ୍ଧାଞ୍ଚଳରେ କଇଁଛ ପାଇଁ ସୁରକ୍ଷାକୁ କଡାକଡି କରାଯାଉଛି। ନିଷିଦ୍ଧାଞ୍ଚଳ ସୀମା ବାହାରେ କଇଁଛମାନେ ମରିବା ସହିତ ଦକ୍ଷିଣା ପବନ ବହିଲେ ସେଗୁଡିକ ସାତଭାୟା ବେଳାଭୂମିରେ ଲାଗୁଛନ୍ତି । ନଭେମ୍ବର ମାସରୁ ଆଜି ସୁଦ୍ଧା ଶହେରୁ ଉର୍ଦ୍ଧ୍ୱ କଇଁଛ ମରିଛନ୍ତି ଏବଂ ସେଗୁଡିକର ନମ୍ବରିଂ କରାଯାଉଛି। କଇଁଛ ସୁରକ୍ଷା ପାଇଁ ଷୋଳଟି ସୁରକ୍ଷା କ୍ୟାମ୍ପ କରାଯାଇଛି ।ଆଗକୁ ଯେପରି କଇଁଛ ନମରିବେ ସେଥିପାଇଁ ବନ ବିଭାଗ ସଜାଗ ରହିଛି ବୋଲି କହିଥିଲେ ।

## ଶ୍ରମିକଙ୍କ ସୁରକ୍ଷା କାହା ହାତରେ

**ନିଶ୍ଚିନ୍ତକୋଇଲି,୧୨।୩ (ସଂଚାର ବ୍ୟୁରୋ):** ଶ୍ରମିକଙ୍କ ସୁରକ୍ଷା ଚିନ୍ତା କରୁ ନାହାଁନ୍ତି ଠିକାଦାର କି ପ୍ରଶାସନିକ ଅଧିକାରୀ। କେଉଁଠି ଖାଦ୍ୟ ପାଇଁ ଆଉଟୁ ପାଉଟୁ ଶ୍ରମିକ ତ ଆଉ କେଉଁଠାରେ ତତଲା ପିଚୁ ପଡି ଜଳି ଯାଉଛି ଶ୍ରମିକଙ୍କ ଗୋଡ଼। ଠିକାଦାର ସୋମନାଥ ବେହେରାଙ୍କୁ ଯୋଗାଯୋଗ କଲେ ଲେବର ସର୍ଦ୍ଦାର ବୁଝିବେ କହି କାଟି ଦେଉଛନ୍ତି ସାମ୍ବାଦିକଙ୍କ କଲ୍.....। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନ୍ଦୁପାଟଣା ୯ନଂ କେନାଲ ବାମ ପାର୍ଶ୍ୱ ବନ୍ଧରେ ପିଚୁ ମରାମତି କାମ ଚାଲିଛି। କାର୍ଯ୍ୟ ନିକଟରେ ନାଁ ଅଛନ୍ତି ବିଭାଗୀୟ ଅଧିକାରୀ ନା ଅଛନ୍ତି ଠିକାଦାର ଅନ୍ୟ ପଟରେ ଶ୍ରମିକଙ୍କ ଗୋଡ଼ ରେ ତତଲା ପିଚୁ ଢ଼ାଳି ହୋଇ ପୋଡ଼ି ଗଲା ପରେ ବି କାହାରି ଦରଦ ଦେଖିବାକୁ ମିଳିଲାନି ।ଯାହାକୁ କଲ୍ କଲେ ସମସ୍ତେ ମୁଣ୍ଡ ହୁଗୁଳାଇବାକୁ ଚେଷ୍ଟା କରିଥିଲେ। ଖବର ଅନୁଯାୟୀ ତେରେଣ୍ଡି ଗାଁ ର କୁନା ଜେନାଙ୍କ ଗୋଡ଼ରେ ପିଚୁ ଢଳି ଗୋଡ଼ ଜଳି ଯାଇଥିବା ଦେଖିବାକୁ ମିଳିଛି।ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ଉପରିସ୍ଥ ଅଧିକାରୀ କେଉଁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି।



## ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ



**ଡେରାବିଶ, ୧୨।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ପ୍ରଭୁ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ପରିସର ଓ ସମ୍ମୁଖ ଭାଗକୁ ଆଜି ସଫେଇ କରାଯାଇଛି। ବ୍ଲକ ଅନ୍ତର୍ଗତ କୁଶିଆପାଳ ଓ ଗୁଆଳସିଂ ଗ୍ରାମପଞ୍ଚାୟତ ମଧ୍ୟସ୍ଥିତ ଦି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ପରିଚାଳକ ସୁବେଦାରୀ ମେଜର ବ୍ରଜ କିଶୋର ସାହୁଙ୍କ ତତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ମନ୍ଦିର ପରିସରରେ ପଞ୍ଚୁଦୋଳ ଅବସରରେ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ମେଳଣ ଫଳରେ ମନ୍ଦରି ପରିସର ଓ ଏହାର ଚାରିପାଖରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଅନ୍ୟାନ୍ୟ ଆବର୍ଜନା ପଡ଼ିରହିଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ପାଳନ କମିଟି ବୈଠକ

**ମହାକାଳପଡା, ୧୨।୩ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ସ୍ଥାନୀୟ ଅନ୍ଧୁଲି ମଠ ଠାରେ ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ, କଥାକାର, ଔପନ୍ୟାସିକ ତଥା ସ୍ତମ୍ଭକାର ପ୍ରଫେସର ଡକ୍ଟର ବାସନ୍ତୀ ମହାନ୍ତିଙ୍କ ପୌରହିତ୍ୟରେ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଶତବାର୍ଷିକୀ ଉତ୍ସବ ପାଳନ ସହ ଅଂଚଳରେ ଶିକ୍ଷାର ବିକାଶ ଓ ସମାଜ କଲ୍ୟାଣ ନିମନ୍ତେ ଆଲୋଚନା ହୋଇଥିଲା। ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ଯରେ କଳା,ସାହିତ୍ଯ, ସଂଗୀତ, ନୃତ୍ଯ,ବିତର୍କ ଇତ୍ୟାଦି ପ୍ରତିଯୋଗିତା କରାଯିବା ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାମ୍ପ୍ ଇତ୍ୟାଦି ଆୟୋଜିତ କରାଯିବ ବୋଲି ମଧ୍ୟ ଏହି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି।

ଏହି ଅବସରରେ ଶତବାର୍ଷିକୀ ପାଳନ କମିଟି ଗଠନ କରାଯାଇଥିଲା। ଡକ୍ଟର ବାସନ୍ତୀ ମହାନ୍ତିଙ୍କୁ କମିଟିର ଅଧ୍ୟକ୍ଷା ଭାବେ ନିର୍ବାଚିତ କରାଯାଇଥିବାବେଳେ ବିଶିଷ୍ଟ କବି ନିରାକାର ଦାସ ଓ ବରିଷ୍ଠ ପତ୍ରକାର ଅରୁଣ କାନୁନଗୋ ଉପ ସଭାପତି, କ୍ଷୀରୋଦ ବେହେରା ସଂପାଦକ, ନିରାକାର ମଥାନ ସହ ସଂପାଦକ ଓ ମଠର ମହନ୍ତ ଶ୍ରୀନିଗମାନନ୍ଦ ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ପ୍ରକାଶ ।

## ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ୨୨ ଯୁବକଙ୍କୁ ମିଳିଲା ନିଯୁକ୍ତି




**ପାରାଦୀପ, ୧୨।୩ (ସଂଚାର ବ୍ୟୁରୋ):** ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ ପକ୍ଷରୁ ୨୨ ଜଣ ସ୍ଥାନୀୟ ଯୁବକଙ୍କୁ ମିଳିଲା ନିଯୁକ୍ତି। ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଏହାର ପ୍ରତିବଦ୍ଧତା ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗୀ ବର୍ଗରେ ସାମିଲ କରିବା ପାଇଁ ଏକ ପ୍ରୟାସ ଆରମ୍ଭ କରିଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହ ବିଭିନ୍ନ ସହାୟକ କାର୍ଯ୍ୟକଳାପ ମାଧ୍ୟମରେ ପାରାଦୀପ ସମ୍ପ୍ରଦାୟକୁ ଜଡିତ କରିବାରେ ଏକ ପ୍ରେରଣାଦାୟକ ଶକ୍ତି ହୋଇଛନ୍ତି। ତାଙ୍କ ନେତୃତ୍ୱରେ, କମ୍ପାନୀ ସ୍ଥାନୀୟ ନିଯୁକ୍ତି ପାଇଁ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା ସଫଳତାର ସହିତ ପରିଚାଳନା କରିଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପାରାଦୀପ ଅଞ୍ଚଳର ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି ନୂଆଗାଁ, ଢିଙ୍କିଆ ଏବଂ ଗଡକୁଞ୍ଜଙ୍ଗାର ପଡ଼ୋଶୀ ଗ୍ରାମ ପଞ୍ଚାୟତରୁ ୨୨ ଜଣ ଯୁବ ପ୍ରାର୍ଥୀଙ୍କୁ ସଫଳତାର ସହିତ ନିଯୁକ୍ତି ଦେଇଛି।

ଏହି ନିଯୁକ୍ତି ପଦକ୍ଷେପରେ ବି.ଟେକ୍, ଡିପ୍ଲୋମା ଏବଂ ଆଇଟିଆଇ ଯୋଗ୍ୟତାଧାରୀ ବୈଷୟିକ ଭାବରେ ଯୋଗ୍ୟ ଯୁବକମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ପ୍ରକ୍ରିୟାଟି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ମଧ୍ୟରେ ଡକ୍ୟୁମେଣ୍ଟ-ଯାଞ୍ଚ ଶିବିର ସହିତ ଆରମ୍ଭ ହୋଇଥିଲା, ଯାହା ସମସ୍ତ ଯୋଗ୍ୟ ସ୍ଥାନୀୟ ଆବେଦନକାରୀଙ୍କ ପାଇଁ ସୁବିଧାଜନକ ପ୍ରବେଶ ଏବଂ ଅନ୍ତର୍ଭୁକ୍ତ ଅଂଶଗ୍ରହଣ ସୁନିଶ୍ଚିତ କରିଥିଲା। ପଞ୍ଚାୟତ ଅନୁଯାୟୀ ଗଡ଼କୁଞ୍ଜଙ୍ଗାରୁ ୧୦ ଜଣ, ଢିଙ୍କିଆରୁ ୫ ଜଣ ଓ ନୂଆଗାଁରୁ ୭ ଜଣ ଙ୍କୁ ପ୍ରଥମ ପର୍ଯ୍ୟାୟ ରେ ନିଯୁକ୍ତି ମିଳିଛି।ମେକାନିକାଲରେ ୨,ସୁରକ୍ଷା ବିଭାଗରେ ୧,ଆଇଟିଆଇ ଇଲେକ୍ଟ୍ରିକାଲ୍ ବିଭାଗ ରେ ୯ ଜଣ ଆଇଟିଆଇ ଫିଟରରେ ୧୦ଜଣ ରହିଛନ୍ତି। ଶୁକ୍ରବାର ଠାରୁ ସମସ୍ତ ମନୋନୀତ ପ୍ରାର୍ଥୀ ଯେଉଁ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ନିୟୋଜନ ପୂର୍ବରୁ ଜେଏସଡବ୍ଲୁର ସୁରକ୍ଷା ମାନଦଣ୍ଡ ବା ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ସ୍ଥାନରେ ବାଧ୍ୟତାମୂଳକ ଭାବେ ସୁରକ୍ଷା ତାଲିମ ଦିଆଯିବ।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ସ୍ଥାନୀୟ ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବିସ୍ତାର କରିବା ଏବଂ ଉପରୋକ୍ତ ୩ ଟି ପଞ୍ଚାୟତରେ ସ୍ଥାୟୀ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପୁନଃଦୋହରାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ପଦକ୍ଷେପ କୁ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଛି।

# ଫଳକ ଅନୁସାରେ କାମ ନ କରି ହରଡ଼ଘଣାରେ ଯନ୍ତ୍ରୀ

**ଯେନତେନ କାମ କରି ବିଲ୍ କରି ନେବାକୁ ମସୁଦା**

**ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ**



**ରାଜକନିକା,୧୨।୩ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ମୁରାଦପୁର ଗାଁ ରାସ୍ତା ଫଳକ ଅନୁସାରେ ନିର୍ମାଣ ନ ହୋଇ ଚୋରି ହୋଇ ଯାଇଥିବା ନେଇ ଚର୍ଚ୍ଚା ଏବେ ହେଉଛି। ଏଭଳି କାରମାନା ଫଳରେ ପଞ୍ଚାୟତ ନିର୍ବାହୀ ,ସରପଞ୍ଚ ଓ ବିଭାଗୀୟ ଯନ୍ତ୍ରୀଙ୍କ ଖୋଲାମେଲା ସଂପୃକ୍ତି ରହିଛି ତାହା ବାରି ହେଇ ପଡୁଛି।

ଅଭିଯୋଗ ଅନୁଯାୟୀ ଓଡିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଭଳି ଲୋକାଭିମୁଖୀ ଯୋଜନା ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ମୁରାଦପୁର ଗାଁ ହନୁମାନ ମନ୍ଦିରଠାରୁ ଶିବ ମନ୍ଦିର ଯାଏ ଏକ କଂକ୍ରିଟ ରାସ୍ତା ନିର୍ମାଣର ଫଳକ ଲାଗିଛି। ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାଁରେ ଏହି ଢଳେଇ କାମ ହେଉଛି । ଏଥିରେ ବ୍ୟୟବରାଦ ରହିଛି ୩ ଲକ୍ଷ ୬୯ ହଜାର ୮୫୪ ଟଙ୍କା। ଏହି ରାସ୍ତାଟି ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇ ଥିବାରୁ ଏହାର ପୁନରୁଦ୍ଧାର ହେବାର ଆବଶ୍ୟକତା ଥିଲା। ରାସ୍ତାଟିର ଅବସ୍ଥା ବି ଶୋଚନୀୟ ହେଲାଣି। ହେଲେ ବିଶେଷ ଭାବେ ଏହି ରାସ୍ତାଟି ନିମନ୍ତେ ଆର୍ଥିକ ବରାଦ ଥିବା ସତ୍ତେ କିନ୍ତୁ ଅନ୍ୟତ୍ର ରାସ୍ତା ହୋଇ ଥିବାରୁ ଏହା ଚୋରି ହୋଇଛି ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗି ଯାଇଛି। ତେଣୁ ତୃଟିପୂର୍ଣ୍ଣ ଭାବେ ହୋଇଥିବା କାମର ବିଲ୍ ଅଟକା ଯାଇଥିଲା। ହେଲେ ଏବେ କିନ୍ତୁ ପୁଣି ତତ୍ପର ହୋଇ କନିଷ୍ଠ ଯନ୍ତ୍ରୀ ଯେନତେନ ପ୍ରକାର କାମ କରିବାକୁ ସରପଞ୍ଚ,ପିଇଓଙ୍କୁ ରିପୋର୍ଟ ତଲବ କରିବା ପରେ ପୁଣି ନିର୍ଦ୍ଧାରିତ ସ୍ଥାନର ମାତ୍ର କେଇ ଫୁଟ ଢଳେଇ କାମ ଆଖି ପିଛୁଳାକେ ହୋଇଛି। ତାହା ପୁଣି ଅତି ନିମ୍ନମାନର । ଧସା ବାଲିରେକମ୍ ସିମେଣ୍ଟ ଗୋଳେଇ ଏହି କାମ ହୋଇ ଥିବାରୁ ତାହା ଭିତରେ ବି ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ତେବେ କନିଷ୍ଟ ଯନ୍ତ୍ରୀଙ୍କ ଭୂମିକା ସନ୍ଦେହ ଘେରରେ ରହୁଥିବାରୁ ରାସ୍ତାଟିର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ଏଥିପାଇଁ ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଦିଆଯିବା ସହିତ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀଙ୍କ ପାଖରେ ବି ଗୁହାରୀ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଗୋଟିଏ ଭୁଲକୁ ଲୁଚାଇବାକୁ ଯାଇ ପୁନର୍ବାର ଭୁଲ୍ କରୁଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଆଉ ସରପଞ୍ଚଙ୍କ ଏଭଳି ମନମାନି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

● ଅଗ୍ନିଶମ ଓ ଜରୁରୀକାଳୀନ ସେବା କାର୍ଯ୍ୟର ସମୀକ୍ଷା

# ପ୍ରଭାବୀ ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କ ପରାମର୍ଶ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଗ୍ନିଶମ ଓ ଜରୁରୀକାଳୀନ ସେବା, ହୋମଗାର୍ଡ ଓ ନାଗରିକ ସୁରକ୍ଷା କାର୍ଯ୍ୟ ସମ୍ପର୍କରେ ଆଜି ସମୀକ୍ଷା କରିଛନ୍ତି। ବୈଠକରେ ଅଗ୍ନିଶମ ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ ଅଗ୍ନିଶମ ସେବା ସମ୍ପର୍କିତ କାର୍ଯ୍ୟରେ କ୍ଷମତା ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ଓ ଆଗାମୀ ରଣନୀତି ସମ୍ପର୍କରେ ଉପସ୍ଥାପନ କରିଥିଲେ।

ବିପର୍ଯ୍ୟୟ ପରିଚାଳନା ଆଇନ୍ ଅନୁସାରେ, ଓଡ଼ିଶା ଅଗ୍ନିଶମ ସେବା ଅଗ୍ନିକାଣ୍ଡ, ସଡ଼କ ଦୁର୍ଘଟଣା, ରେଳ ଦୁର୍ଘଟଣା, କୋଠା ଭୁଶୁଡ଼ିବା, ପାଣିରେ ବୁଡ଼ିଯିବା ଘଟଣା ଓ ଅନ୍ୟାନ୍ୟ ବିପଦ ସମୟରେ ପ୍ରଥମେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେମାନେ ଜୀବନଜୀବିକା ରକ୍ଷା ପାଇଁ ମନୁଷ୍ୟ ସହ ପ୍ରାଣୀମାନଙ୍କୁ ମଧ୍ୟ ଉଦ୍ଧାର କରି ସାମାଜିକ ସେବାର ଏକ ଉଦାହରଣ ସୃଷ୍ଟି କରୁଛନ୍ତି। ଅଗ୍ନିକାଣ୍ଡଜନିତ କଲ୍ ଗ୍ରହଣ କରାଯାଇ ତୁରନ୍ତ ସହାୟତା ପ୍ରଦାନ ଫଳରେ ପ୍ରାୟ ୫୯୮ କୋଟି ଟଙ୍କାର ସମ୍ପତ୍ତି ଓ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇପାରିଛି। ବିଭିନ୍ନ ଦୁର୍ଘଟଣାରେ ୯,୫୪୭ ଜଣ ବ୍ୟକ୍ତି ଏବଂ ୧୬,୩୯୯ ପଶୁଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଥିବା ଅଗ୍ନିଶମ ଡିଜି ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ସଚିବ ରାଜ୍ୟରେ ଅଗ୍ନିଶମ ସେବାକୁ ଆହୁରି କହିଛନ୍ତି ଯେ ବିଭିନ୍ନ ପ୍ରକାର ଦୁର୍ଘଟଣାରୁ ଧନଜୀବନକୁ ସୁରକ୍ଷା ଦେବା ଗୁଣାତ୍ମକ ଶାସନ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପରିପ୍ରେକ୍ଷୀରେ ସେ ବିଭିନ୍ନ ଦୁର୍ଘଟଣା ମୁକାବିଲା ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିବର୍ଷ ପାଣିରେ ବୁଡ଼ିଜଡ଼ିତ ମୃତ୍ୟୁ ସଂଖ୍ୟାକୁ କମାଇବାରେ ଅଗ୍ନିଶମ ବିଭାଗ ପ୍ରଭାବୀ ଭୂମିକା ଗ୍ରହଣ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ବିଏମ୍‌ସି ପକ୍ଷରୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ

# ୧୦ ବସ୍ତିର ୩୦୩ ପରିବାରକୁ ଆବାସ ଗୃହ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃ ୧୦ରୁ ଅଧିକ ବସ୍ତିର ୩୦୩ ପରିବାର ସହ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ

**ବସ୍ତିମୁକ୍ତ ଓଡ଼ିଶା ଗଠନ ପାଇଁ ଯୋଜନା ହେବ :ମନ୍ତ୍ରୀ**

ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି। ଏହି ପରିବାରଗୁଡ଼ିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସିକ ପ୍ରକଳ୍ପ, ନୀଳମାଧବ ଆବାସିକ ପ୍ରକଳ୍ପ ଓ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପକୁ ସ୍ଥାନାନ୍ତର କରାଯିବ।

ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡ଼ିକର ପ୍ରାଥମିକ ସର୍ଭେ କରାଯାଇଥିଲା। ସେହି ସର୍ଭେ ଫଳାଫଳକୁ ଆଧାର କରି ୩୦୩ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ବିହାର,



ନୀଳମାଧବ ଓ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଗୃହ ପ୍ରଦାନ କରାଯାଇଛି। ଉଚ୍ଛେଦ ଓ ପୁନର୍ବାସ ନିୟମ ଅନୁଯାୟୀ, ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିଥିଲେ।

ବିଏମସି କମିଶନର ଚଞ୍ଚଳ ରାଣା କହିଥିଲେ ଯେ କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡ଼ିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଗୃହ ପ୍ରଦାନ କରାଯିବ ନାହିଁ। କୌଣସି ହିତାଧିକାରୀ ଘର ଭଡ଼ାରେ ଦେଇପାରିବେ ନାହିଁ ବୋଲି କମିଶନର ସତର୍କ କରାଇଦେଇଛନ୍ତି। ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିବା ଅର୍ଥ ହେଉଛି ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା। ଭୁବନେଶ୍ୱରରେ ନିଜ ନିଜର ସ୍ୱପ୍ନର ଘର ପାଇ ହିତାଧିକାରୀମାନେ ସୁଖ ଓ ଶାନ୍ତିରେ ନିଜ ଘରେ ରହୁଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମେୟର ସୁଲୋଚନା ଦାସ। କେବଳ ଭୁବନେଶ୍ୱର ନୁହେଁ, ସମଗ୍ର ଓଡ଼ିଶାକୁ ବସ୍ତି ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଭୁବନେଶ୍ୱରରେ ଗୃହ ନିର୍ମାଣ କରାଯାଉଛି ଓ ସୁଲଭ ମୂଲ୍ୟରେ ଗୃହ ଯୋଗାଇ ଦେବାକୁ ଯୋଜନା ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର।

## ବିଧାନସଭା ଖବର

### ଖରାଦିନେ ହେବନି ବିଦ୍ୟୁତ କାଟ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃ ରାଜ୍ୟର ୩୧ ପୌରାଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ହିଟୱେଭ ଆକ୍ସନ ପ୍ଲାନ। ୧୦ ପୌରାଞ୍ଚଳ ହିଟୱେଭ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ୩୦ ଜିଲ୍ଲା ଓ ଟ୍ୱିନସିଟି ପାଇଁ ପ୍ରସ୍ତୁତ ହୋଇଛି ଅଂଶୁଘାତ ମୁକାବିଲା ଯୋଜନା। ଏଥିପାଇଁ ରାଜ୍ୟ ଓ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜାତୀୟ ବିପର୍ଯ୍ୟୟ ତାଲିକାରେ ସାମିଲ ହେବ ଅଂଶୁଘାତ। ଏଥିପାଇଁ ସୁପାରିସ୍ କରିଛନ୍ତି ୧୬ତମ ଅର୍ଥ କମିସନ। ଏଥିସହ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ଶକ୍ତି ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପୋଷ୍ଟର ଓ ଲିଫଲେଟ ବଣ୍ଟାଯାଉଛି। ସବୁ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ନିଜକୁ ସୁରକ୍ଷିତ ରଖିବାକୁ ସଚେତନ କରାଯାଉଛି। ଜିଲ୍ଲାପାଳମାନଙ୍କୁ ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ଦିଆଯାଉଛି। ଆଜି ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

### ରବିବାର ଘଟିଛି ଅଧିକ ସଡ଼କ ଦୁର୍ଘଟଣା

ଚଳିତ ବର୍ଷ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ସପ୍ତାହ ୭ଦିନରେ ରାଜ୍ୟରେ ଘଟିଛି ୧୭୧୪ଟି ଦୁର୍ଘଟଣା। କେବଳ ରବିବାର ସର୍ବାଧିକ ୨୭୬ଟି ସଡ଼କ ଦୁର୍ଘଟଣା ଘଟିଛି। ରାଜ୍ୟରେ ଗତ ଅଢ଼େଇ ମାସରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୧୦୨୫ ଜଣ ଓ ଆହତ ହୋଇଛନ୍ତି ୧୫୯୪ ଜଣ। ରାଜ୍ୟର ଜାତୀୟ ରାଜପଥରେ ୪୪୭ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ପ୍ରାଣ ହରାଇଛନ୍ତି ୨୭୦ ଜଣ ଏବଂ ଆହତ ହୋଇଛନ୍ତି ୪୬୯ ଜଣ। ରାଜ୍ୟ ରାଜପଥରେ ୨୪୭ଟି ସଡ଼କ ଦୁର୍ଘଟଣାରେ ୧୫୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫୯ ଜଣ ଆହତ ହୋଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ରାସ୍ତାରେ ୯୧୦ଟି ସଡ଼କ ଦୁର୍ଘଟଣା ଘଟି ଏଥିରେ ପ୍ରାଣ ହରାଇଛନ୍ତି ୫୯୪ ଜଣ ଓ ଆହତ ହୋଇଛନ୍ତି ୮୫୬ ଜଣ। ସେହିପରି ଏକ୍ସପ୍ରେସୱେରେ ୧୩ଟି ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ଲିଖିତ ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୁତି ଜେନା।

### ଆଣ୍ଡାମାନ ଯାଉଛି ଓଡ଼ିଶା ବାଲି

ଓଡ଼ିଶାର ବିଭିନ୍ନ ସ୍ଥାନରୁ ଉତ୍ତୋଳନ ହେଉଥିବା ବାଲି ଚୋରାରେ ଆଣ୍ଡମାନ ଯାଉଛି। କଟକ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ାରୁ ବାଲି ଆଣ୍ଡାମାନକୁ ରପ୍ତାନୀ ହେଉଛି। ସେହିଭଳି ଗଜପତି ଓ ରାୟଗଡ଼ାରୁ ଆନ୍ଧ୍ର ପ୍ରଦେଶକୁ ବାଲି ରପ୍ତାନୀ ହେଉଥିବା ବେଳେ ଯାଜପୁରରୁ ପଶ୍ଚିମବଙ୍ଗ ଯାଉଛି ବାଲି। ଗୃହରେ ଖଣି ମନ୍ତ୍ରୀ ବିଭୁତି ଜେନା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# କଟକ ଓ ସୁନ୍ଦରଗଡ଼ରେ ୧୧୬ ଦମ୍ପତିଙ୍କ ବିବାହ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆର୍ଥିକ ଅନଗ୍ରସର ପରିବାରଗୁଡ଼ିକୁ ସାମାଜିକ ସହାୟତା ପ୍ରଦାନ କରିବା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'କୁ ଅଧିକ ସୁଦୃଢ଼ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କଟକ ଓ ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

କଟକରେ ଆୟୋଜିତ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଉତ୍ସବରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତା ପ୍ରଦାନ ଯୋଜନା ନୁହେଁ, ବରଂ ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୋଧରେ ଏକ ଦୃଢ଼ ସାମାଜିକ ପଦକ୍ଷେପ। ଏହି ଯୋଜନା ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଥିବା ଯୁବତୀମାନଙ୍କ ପାଇଁ ମର୍ଯ୍ୟାଦା, ସୁରକ୍ଷା



ନବଦମ୍ପତିଙ୍କୁ ଶୁଭେଚ୍ଛା ଦେଲେ ଉପମୁଖ୍ୟମନ୍ତ୍ରୀ

ଓ ସାମାଜିକ ସ୍ୱୀକୃତି ସୁନିଶ୍ଚିତ କରେ। ଏହି ଯୋଜନା ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଏ। କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ୫୫ ଜଣ ଦମ୍ପତି ଜନପ୍ରତିନିଧିଙ୍କ ସହ ଏହି ମାଙ୍ଗଳିକ କାର୍ଯ୍ୟରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବିଭାଗର ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ନବଦମ୍ପତିଙ୍କ ସହ ଆଲୋଚନା କରି ଆଶୀର୍ବାଦ ପ୍ରଦାନ କରିବା ସହ ପାରସ୍ପରିକ ସମ୍ମାନ, ବୁଝାମଣା ଓ ସମାନତା ଭିତ୍ତିରେ ପରିବାର ଗଠନ କରିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଶଙ୍କରସ୍ଥିତ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏକ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ଼ର ଏହି କାର୍ଯ୍ୟକ୍ରମରେ ୬୧ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କ ବିବାହ ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି। ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଉତ୍ସବର ଆୟୋଜନ ଓ ପରିଚାଳନା ପାଇଁ ବ୍ୟୟ କରାଯାଉଛି।

● ଦେବଗଡ଼ରେ ଟ୍ରିପଲ ମର୍ଡର

## ସ୍ତ୍ରୀ-ବୋହୂ ଓ ନାତୁଣୀକୁ ହାତୁଡ଼ିରେ ପିଟି ହତ୍ୟା

ଦେବଗଡ଼, ୧୨।୩ (ସଂଚାର ବ୍ୟୁରୋ) ଃ ଦେବଗଡ଼ରେ ଟ୍ରିପଲ ମର୍ଡର। ସ୍ତ୍ରୀ-ବୋହୂ ଓ ନାତୁଣୀକୁ ହତ୍ୟା । ହାତୁଡ଼ିରେ ପିଟି ପିଟି ମାରିଦେଲା ଅଭିଯୁକ୍ତ। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଲା ଥାନା ଗରିଆପାଲି ଗାଁରେ ପରିବାରର ତିନିଜଣଙ୍କୁ ମର୍ଡର । ଗାଁର ରମେଶ ଗରିଆଙ୍କ ଦୁଇପୁଅ ପେଷାରେ ଡ୍ରାଇଭର ହୋଇଥିବା ବେଳେ ସେମାନେ ପ୍ରାୟତଃ ବାହାରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ଗାଁରେ ଠାକୁର ବିଜେ ଶୋଭାଯାତ୍ରା ସାରି ଅଭିଯୁକ୍ତ ରମେଶ ଘରକୁ ଫେରିବା ପରେ ଖାଇପିଇ ଘର ବାରଣ୍ଡାରେ ଶୋଇଥିଲା । ରାତିରେ ସେ ଉତକ୍ଷିପ୍ତ ହୋଇ ପତ୍ନୀ କୁନ୍ଥ, ବୋହୂ ଲିପି ଓ ଚାରିବର୍ଷର ନାତୁଣୀ ଗାୟତ୍ରୀକୁ ହାତୁଡ଼ିରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଝିଆରୀ ପାୟଲ ଝରକା ବାଟେ ଡେଇଁ ପଳାଇ ଯିବାରୁ ଆକ୍ରମଣରୁ ବର୍ତ୍ତି ଯାଇଥିଲା। ଅଭିଯୁକ୍ତ ରମେଶ ଗରିଆ ପରିବାରରେ ବିଭିନ୍ନ ସମୟରେ କଳି ଝଗଡ଼ା ଲାଗି ରହୁଥିଲା । ତେଣୁ ପାରିବାରିକ କଳହରୁ ଏହି ଲୋମହର୍ଷକ ଘଟଣା ଘଟିଥିବା କୁହାଯାଉଛି । ଅଭିଯୁକ୍ତର ଦୁଇ ପୁଅ ଧୀରେନ ଓ ଭୁବନ ଘଟଣାସ୍ଥଳରେ ପହଞ୍ଚିଥିବା ବେଳକୁ ସେମାନଙ୍କ ସୁନାର ସଂସାର ଛାରଖାର ହୋଇଯାଇଥିଲା । କୁଣ୍ଢେଇଗୋଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଦେବଗଡ଼ ଏସପି ଅନୀଲ କୁମାର ମିଶ୍ର, ଏସଡିପିଓ ରମେଶ କୁମାର ମହାନା ସରଜମିନ ଅନୁଧ୍ୟାନ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ହାତୁଡ଼ି ଜବତ କରିଛି । ଅଭିଯୁକ୍ତ ଧରାପଡ଼ିବା ପରେ ସମସ୍ତ କଥା ପଦାକୁ ଆସିବ ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ କଣ୍ଟାପଡ଼ା ତହସିଲଦାର



କଣ୍ଟାପଡ଼ା, ୧୨।୩ (ସଂଚାର ବ୍ୟୁରୋ) ଃ ଆୟ ବହିଃର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କୁ ଭିଜିଲାନ୍ସ ବିଭାଗ ଗୁରୁବାର ଗିରଫ କରିଛି। ଖବରରୁ ପ୍ରକାଶ, ବୁଧବାର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତହସିଲଦାର ସାମନ୍ତରାୟଙ୍କ ଆୟ ବହିଃର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗକୁ ନେଇ ପୁରୀ ଜିଲା ଗଡ଼ିଶାଗଦା ଥାନା ଅଞ୍ଚଳରେ ଥିବା ନିଜ ପୈତୃକ ଘର ସମେତ କଟକ ଜିଲା କଣ୍ଟାପଡ଼ା ତହସିଲ କାର୍ଯ୍ୟାଳୟ, ସରକାରୀ ବାସଭବନ, ଭୁବନେଶ୍ୱରସ୍ଥିତ ନିଜସ୍ୱ ୩ ମହଲା ବିଶିଷ୍ଟ ୨ଟି କୋଠା, ସମ୍ପର୍କୀୟଙ୍କ ଘର କେନ୍ଦ୍ରାପଡ଼ା ଆଦି ୭ଟି ସେ ସ୍ଥାନରେ ଚଢ଼ାଉ କରି ନଗଦ ୨୧୫୦୦୦ ଟଙ୍କା ଓ ୭ଟି ବହୁ ମୂଲ୍ୟବାନ ପ୍ଲଟର କାଗଜ ପତ୍ର ଜବତ କରିଥିଲା।

# ବିଜେପି ନେତାଙ୍କ ଭାଗିଦାରୀରେ ଲୁଟ୍ ହେଉଛି ଖଣିଜ ସମ୍ପଦ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହା ଚାଲିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ର ପ୍ରସାଦ ମହାରଥୀ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଚାଲିଥିବା ଅଭିଯୋଗ କରିଥିଲେ।



ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। ପିପିଲି ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ସେ ସାମ୍ବାଦିକଙ୍କୁ ବାଲି ଉଠୁଥିବା ସ୍ଥାନକୁ ଆସିଲେ ତାଙ୍କ କ୍ୟାମେରା ଭାଙ୍ଗିଦେବା ସହ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଉଛନ୍ତି। ଉକ୍ତ ନେତାଙ୍କ ଫଟୋ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହ ରହିଛି। ତେଣୁ ବାଲି ଚୋରି କାରବାରରେ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେଉଛି। ଏହିପରି ଏକ ବାଲି ଚୋରି ଚାଲିଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ଅଧିକାରୀ ସମୀର କୁମାର ମିଶ୍ର ଓ ପୁଲିସ ଅଧିକାରୀଙ୍କ ସହ ଗତ ୧୦ ତାରିଖ ବିଳମ୍ବିତ ରାତିରେ ଘଟଣାସ୍ଥଳକୁ ଯାଉଥିବା ସମୟରେ ତାଙ୍କ ଗାଡ଼ିକୁ ଅଟକାଯାଇ ଗାଡ଼ି ଓ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଫଆଇଆର ଦାଖଲ ହେବାର ୪୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯେଉଁଠି ସରକାରୀ ଅଧିକାରୀ ସୁରକ୍ଷିତ ନୁହଁନ୍ତି, ସେଠି ସାଧାରଣ ଲୋକଙ୍କୁ ସରକାର କି ସୁରକ୍ଷା ଦେବେ ବୋଲି ଶ୍ରୀ ମହାରଥୀ ପ୍ରଶ୍ନ କରିଥିଲେ। ସେହିପରି ଶ୍ରୀ ସାମନ୍ତରାୟ କହିଥିଲେ ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ସମଗ୍ର ପୁରୀ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ସମ୍ପଦର ଲୁଟ ଚାଲିଛି। ବିଜେପି ନେତାଙ୍କ ସହଭାଗିତାରେ ଏହି ଲୁଟ ଚାଲିଛି।

# କତାରରୁ ଆସିଲା ମୃତ ଓଡ଼ିଆଙ୍କ ମୃତଦେହ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃକେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାର ଦେଶରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଶ୍ରମିକ କୁନା ଖୁଣ୍ଟିଆଙ୍କ ମୃତ ଶରୀରକୁ ଓଡ଼ିଶା ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଣ୍ଟିଆ ୪ ମାସ ତଳେ କତାରର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ତେବେ ଗତ ୬ ତାରିଖରେ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ।

ପରିବାର ଲୋକଙ୍କ କହିବାନୁଯାୟୀ, କୁନା ଖୁଣ୍ଟିଆ ନିଜ ରୁମ୍‌ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିବା ଖବର ସେମାନେ ପାଇଥିଲେ। ଏହାପରେ କୁନାଙ୍କ ମୃତଦେହକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଓଡ଼ିଶା ସରକାରଙ୍କ ନିକଟରେ ନିବେଦନ କରିଥିଲେ। ଏହି ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନାଙ୍କ ମୃତଦେହକୁ ଗଞ୍ଜାମ ଜିଲ୍ଲାସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ଆଜି ପଠାଇ ଦିଆଯାଇଛି। ଆଜି ସକାଳେ କୁନାଙ୍କ ମୃତଦେହ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରେ ପହଞ୍ଚିବା ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତୀଶ ପଣ୍ଡା ଉପସ୍ଥିତ ରହି କୁନାଙ୍କ ମୃତଦେହକୁ ଗଞ୍ଜାମ ଜିଲ୍ଲାସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁଃସନ୍ଦେହ ଘେରରେ ସ୍ତ୍ରୀ



ଥୁଆମୂଳ ରାମପୁର,୧୨।୩ଃ ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିବା ସହ ସନ୍ଦେହ ପ୍ରକାଶ ପାଇଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମାରକାନୀ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣକ ହେଲେ ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମର ଦଶରୁ କଟା (୩୮)। ସୂଚନା ମୁତାବକ, ଦଶରୁ ବିଗତ ୧୩ ବର୍ଷ ଧରି କୁମାରକାନୀସ୍ଥିତ ନିଜ ଶ୍ୱଶୁର ଘରେ ରହି ଆସୁଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସେ ଏକ ପ୍ଲାଷ୍ଟିକ ଦଉଡ଼ି ସାହାଯ୍ୟରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ଘରେ ସ୍ତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ଜଣେ ବ୍ୟକ୍ତି କିଭଳି ଏଭଳି ଚରମ ନିଷ୍ପତ୍ତି ନେଲେ ଏବଂ ମୃତ୍ୟୁ ପାଇଁ ପ୍ଲାଷ୍ଟିକ ଦଉଡ଼ିର ବ୍ୟବହାରକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଥୁଆମୂଳ ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୦୨/୨୦୨୬) ରୁଜୁ କରିଛି।

## ପୁରାଣ ଗଳ୍ପ 'ରାତି ପାହିଲେ ନାରାୟଣ ମରିବେ' ଉନ୍ମୋଚିତ



ପଟ୍ଟାମୁଣ୍ଡାଇ,୧୨।୩(ସଂଚାର ବ୍ୟୁରୋ)ଃ ପୁରାଣ ଚରିତ୍ରକୁ ଆମ ସାମାଜିକ ଜୀବନରେ ପ୍ରୟୋଗ କରି ଏକ ମୂଲ୍ୟବୋଧ ସମ୍ପନ୍ନ ମଣିଷ ସୃଷ୍ଟି କରିବା ଲକ୍ଷରେ ୨୯ଟି ଗଳ୍ପକୁ ନେଇ ସଂକଳିତ ଭିକାରୀ ଚରଣ ଦାସଙ୍କ ପୁରାଣ ଗଳ୍ପ 'ରାତି ପାହିଲେ ନାରାୟଣ ମରିବେ' ନିଶ୍ଚିତ ଭାବେ ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାରକୁ ଏକ ସ୍ୱତନ୍ତ୍ର ଅବଦାନ ବୋଲି ଆଜି ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଉତ୍ସବକୁ ପ୍ରଖ୍ୟାତ କବି ତଥା ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ ଉଦ୍‌ଘାଟନ କରି ଭିକାରୀ ଚରଣ ଦାସଙ୍କ କଳା, ସାହିତ୍ୟ ଓ ନାଟକ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଇଣ୍ଟରନ୍ୟାସନାଲ୍ ଗୀତା ମିଶନର ଅଧ୍ୟକ୍ଷ ତଥା ସାହିତ୍ୟିକ ଡକ୍ଟର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଶ୍ରୀ ଦାସଙ୍କ ଆଧ୍ୟାତ୍ମିକ ଜୀବନ ଉପରେ ଆଲୋକପାତ କରିଥିଲେ। ଲେଖକ ତଥା ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବାସୁଦେବ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି ଅତିଥି ଭାବେ, ପଟ୍ଟାମୁଣ୍ଡାଇ ସାମ୍ବାଦିକ ସଂଘର ସଭାପତି ତଥା ବିଶିଷ୍ଟ କବି ବ୍ରଜବନ୍ଧୁ ଦାଶ ବିଶିଷ୍ଟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଥାକାର ଓ ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ କଥାକାର ଓ ସ୍ତମ୍ଭକାର ଡକ୍ଟର ବାସନ୍ତୀ ମହାନ୍ତି, ସମାଜସେବୀ ତଥା ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଲୋକସେବା ଭବନର ଅବସରପ୍ରାପ୍ତ ଶାଖା ଅଧିକାରୀ ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କିଶୋର ଦେବୀଦତ୍ତ ପୃଥ୍ୱୀରାଜ ପ୍ରତାପସିଂହ ଯୋଗଦେଇଥିଲେ। ଏହି ଅବସରରେ ଗାଳ୍ପିକା ଅବନ୍ତୀ ବେହେରାଙ୍କ ଗଳ୍ପ ସଂକଳନ 'ଅର୍ଗଳୀରେ ବେକ' ଉନ୍ମୋଚିତ ହୋଇଥିଲା। ଶ୍ରୀ ଦାସଙ୍କୁ କଳା ଓ ସାହିତ୍ୟକୁ ଅବଦାନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଚାଶରୁ ଉର୍ଦ୍ଧ୍ୱ କବିଙ୍କୁ ନେଇ 'ବାପା' ଉପରେ ଆଧାରିତ ଏକ କବି ସମ୍ମିଳନୀରେ ଗାଳ୍ପିକା ଅବନ୍ତୀ ବେହେରା ସଭାପତିତ୍ୱ କରିଥିଲେ। କେନ୍ଦ୍ରାପଡ଼ା ବୌଦ୍ଧିକ ବିକାଶ ମଞ୍ଚର ସଭାପତି ରଣଧୀର ଜେନା ସ୍ୱାଗତ ଭାଷଣ, କବି ନିରାକାର ଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ଦାସ, ଅନୀତା ଦାସ, ସୁଲୋଚନା ସେନାପତି, କବି ହରପ୍ରିୟା ମହାନ୍ତି, ଅନିରୁଦ୍ଧ ଦାସ, ମହେଶ୍ୱର ଦାସ, ପ୍ରଶାନ୍ତ ଦାସ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ବିଶ୍ୱସ୍ତରୀୟ କମ୍ପାନୀର ଶୀର୍ଷ ୧୦%ରେ ବେଦାନ୍ତ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ)ଃଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏସଏଣ୍ଡପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଇୟରବୁକ୍ ୨୦୨୬ରେ ବିଶ୍ୱ କମ୍ପାନୀର ଶୀର୍ଷ ୧୦ ପ୍ରତିଶତ ମଧ୍ୟରେ ସ୍ଥାନ ପାଇଛି। ଏହା ଏକ ଦୃଢ଼ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସ୍ଏ) ସ୍କୋର ୮୪/୧୦୦ ଦ୍ୱାରା ସମର୍ଥିତ। ଏହା

**୮୦/୧୦୦ ସିଏସଏ ସ୍କୋର ସହ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୨ୟ**

ଆଲୁମିନିୟମ ଶିଳ୍ପରେ କମ୍ପାନୀର ପ୍ରଥମ ଶ୍ରେଷ୍ଠ ୧୦ ପ୍ରତିଶତ ଭିନ୍ନତା ଓ ଏସଏଣ୍ଡପି ଗ୍ଲୋବାଲ୍ ସିଏସଏ-୨୦୨୫ରେ ଦ୍ୱିତୀୟ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଲଗାତାର ତୃତୀୟ ବର୍ଷ ପାଇଁ ଏହାକୁ ହାସଲ କରାଯାଇଛି। ମୂଲ୍ୟାୟନ ଚକ୍ରରେ ୫୯ ଶିଳ୍ପର ୯,୨୦୦ରୁ ଅଧିକ କମ୍ପାନୀ ମୂଲ୍ୟାଙ୍କନ କରାଯାଇଥିଲା, ଯାହା ମଧ୍ୟରୁ କେବଳ ୮୪୮ଟି ଇୟରବୁକ୍ ସଦସ୍ୟ ଭାବେ ଯୋଗ୍ୟତା ହାସଲ କରିଥିଲା। ଶ୍ରେଷ୍ଠ ୧୦ ପ୍ରତିଶତ ମାନ୍ୟତା ଏକ ଚୟନିତ ଗୋଷ୍ଠୀକୁ ପ୍ରଦାନ କରାଯାଏ ଯାହା ସେମାନଙ୍କ



କ୍ଷେତ୍ରରେ ବିଶ୍ୱସ୍ତରୀୟ ସହକର୍ମୀଙ୍କ ତୁଳନାରେ ଉତ୍କୃଷ୍ଟ ସ୍ଥାୟିତ୍ୱ ପ୍ରଦର୍ଶନ କରେ।

ସ୍ଥାୟିତ୍ୱ ଇୟରବୁକ୍ ଏସଏଣ୍ଡପି ଗ୍ଲୋବାଲର କଠୋର କର୍ପୋରେଟ୍ ସ୍ଥାୟିତ୍ୱ ମୂଲ୍ୟାଙ୍କନ ଉପରେ ଆଧାରିତ, ଯାହା ବିଶ୍ୱର ସବୁଠାରୁ ବ୍ୟାପକ ଇଏସଜି ବେଞ୍ଚମାର୍କିଂ ପଦ୍ଧତି ମଧ୍ୟରୁ ଅନ୍ୟତମ। ଏହି ମୂଲ୍ୟାୟନ ପରିବେଶଗତ, ସାମାଜିକ ଓ ଶାସନ ମାନଦଣ୍ଡର ଏକ ବିସ୍ତୃତ ସ୍ପେକ୍ଟ୍ରମ୍ ଉପରେ କମ୍ପାନୀଗୁଡ଼ିକର ମୂଲ୍ୟାଙ୍କନ କରେ, ଯେଉଁଥିରେ ଜଳବାୟୁ କାର୍ଯ୍ୟ, ସ୍ୱଚ୍ଛତା, ବିପଦ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଆଚରଣ ଅନ୍ତର୍ଭୁକ୍ତ। ବେଦାନ୍ତ ଆଲୁମିନିୟମର ଅନ୍ତର୍ଭୁକ୍ତି ଗୁରୁତ୍ୱପୂର୍ଣ୍ଣ ଇଏସଜି ପରିମାପଗୁଡ଼ିକରେ ଏହାର ନିରନ୍ତର ପ୍ରଗତିକୁ ପ୍ରତିଫଳିତ କରେ।

ଏହି ମାନ୍ୟତା ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ସ୍ଥାୟିତା ଇୟରବୁକ୍ ୨୦୨୬ରେ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ଶୀର୍ଷ ୧୦ ପ୍ରତିଶତ ମଧ୍ୟରେ ସ୍ୱୀକୃତି ପାଇବା ବେଦାନ୍ତ ଆଲୁମିନିୟମ ପାଇଁ ଏକ ମାଇଲଖୁଣ୍ଟ। ସ୍ଥାୟିତ୍ୱ ଆମର ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁ, ଯାହା ଆମର ଅଂଶୀଦାରମାନଙ୍କ ପାଇଁ କିପରି ନବସୃଜନ, ପରିଚାଳନା ଏବଂ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରୁ, ତାହା ଆକାର ଦିଏ। ଏହି ମାନ୍ୟତା ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଲୁମିନିୟମ ବ୍ୟବସାୟ ଗଠନ କରିବା ଦିଗରେ କାର୍ଯ୍ୟ କରିବା ସହିତ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଏବଂ ନିରନ୍ତର ଉନ୍ନତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ।

# ସଂସଦୀୟ ବ୍ୟବସ୍ଥାକୁ ଅସମ୍ମାନ

ଭାରତର ସଂସଦ ହେଉଛି ଗଣତନ୍ତ୍ରର ମନ୍ଦିର। ଏଠାରେ ଜାତିର ପ୍ରତିନିଧିମାନେ ଆଲୋଚନା କରି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି। କିନ୍ତୁ ସମ୍ପ୍ରତି ଏହି ମନ୍ଦିରରେ ବିରୋଧୀ ଦଳର ଆଚରଣ ଏପରି ହୋଇଛି ଯେ ତାହା ସଂସଦୀୟ ବ୍ୟବସ୍ଥାକୁ ଅପମାନିତ କରୁଛି। ନାରାବାଜି, ସ୍ଲୋଗାନ୍, ୱେଲ୍ ଅଭିମୁଖେ ଅଗ୍ରସର ହେବା, କାଗଜ ଫୋପାଡିବା ଏବଂ ବାରମ୍ବାର ୱାକଆଉଟ୍ କରି ସଂସଦର କାର୍ଯ୍ୟ ବନ୍ଦ କରିଦେବା - ଏସବୁ କାର୍ଯ୍ୟ କେବଳ ଅନୁଶାସନହୀନତା ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆଧାରକୁ ଆଘାତ କରୁଛି।



ସଂସଦ ହେଉଛି ବିତର୍କର ମଞ୍ଚ, ଯୁଦ୍ଧକ୍ଷେତ୍ର ନୁହେଁ। ବିରୋଧୀଙ୍କ ଦାୟିତ୍ୱ ହେଉଛି ସରକାରର ନୀତିକୁ ପ୍ରଶ୍ନ କରିବା, ତ୍ରୁଟି ଉନ୍ମୋଚନ କରିବା ଏବଂ ବିକଳ୍ପ ପ୍ରସ୍ତାବ ଦେବା। କିନ୍ତୁ ଯେତେବେଳେ ସେମାନେ ଏହି ଦାୟିତ୍ୱକୁ ପାଳନ ନକରି ସଂସଦର କାର୍ଯ୍ୟକ୍ରମକୁ ବାଧା ଦିଅନ୍ତି, ତେତେବେଳେ ଲୋକଙ୍କ ପ୍ରତିନିଧିତ୍ୱ ବ୍ୟବସ୍ଥା ନିଜେ ପ୍ରଶ୍ନବାଚୀ ହୋଇଯାଏ। ଗତ କିଛି ଅଧିବେଶନରେ ଦେଖାଯାଇଛି ଯେ ମହତ୍ୱପୂର୍ଣ୍ଣ ବିଲ୍ ଆଲୋଚନା ହେବା ପରିବର୍ତ୍ତେ ସଂସଦ ହଙ୍ଗାମାର କେନ୍ଦ୍ର ହୋଇଯାଉଛି। ବଜେଟ୍ ଅଧିବେଶନ, ଅର୍ଥ ବିଲ୍ ଏବଂ ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ବାରମ୍ବାର ବାଧାପ୍ରାପ୍ତ ହେଉଛି। ଏହା ଦ୍ୱାରା କେବଳ ସମୟ ନଷ୍ଟ ହେଉନାହିଁ, ଲୋକଙ୍କ ଟ୍ୟାକ୍ସ ଟଙ୍କା ମଧ୍ୟ ବରବାଦ ହେଉଛି। ଏକ ଅଧିବେଶନରେ ଯଦି ସୁସ୍ଥ ଆଲୋଚନା ହୋଇପାରେ ନାହିଁ, ତାହେଲେ କିପରି ଜାତିର ସମସ୍ୟାର ସମାଧାନ ହେବ?

ବିରୋଧୀଙ୍କ ଏହି ଆଚରଣ କେବଳ ସଂସଦ ପାଇଁ ନୁହେଁ, ଗୋଟିଏ ବିପଜ୍ଜନକ ନଜିର ସୃଷ୍ଟି କରୁଛି। ଯଦି ବିରୋଧୀ ଆଜି ଏହି ଢଙ୍ଗରେ ଆଚରଣ କରନ୍ତି, ତେବେ ଆଗାମୀ ଦିନରେ ସରକାରୀ ଦଳ ମଧ୍ୟ ସେହି ପଥ ଅନୁସରଣ କରିପାରେ। ଫଳତଃ ଗଣତନ୍ତ୍ରର ଚକ୍ର ବନ୍ଦ ହୋଇଯିବ। ସମ୍ବିଧାନ ରଚୟିତା ଡକ୍ଟର ବି.ଆର. ଆମ୍ବେଦକର କହିଥିଲେ ଯେ ସଂସଦ ହେଉଛି ଲୋକଙ୍କ ସ୍ୱର। କିନ୍ତୁ ଯେତେବେଳେ ସେହି ସ୍ୱର ନାରାବାଜିରେ ବୁଡ଼ିଯାଏ, ତେତେବେଳେ ଲୋକଙ୍କ ପ୍ରକୃତ ସମସ୍ୟା ଯେପରି ବେକାରୀ ହୋଇଯାଏ। ରାଜ୍ୟସଭା ଏବଂ ଲୋକସଭାର କାର୍ଯ୍ୟ ବନ୍ଦ ହେବା ଫଳରେ କେତେ ମହତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନ୍ତରାୟିତ ହେଉଛି - କୃଷକଙ୍କ ସମସ୍ୟା, ଯୁବକଙ୍କ ବେକାରୀ, ମହିଳାଙ୍କ ସୁରକ୍ଷା, ଆର୍ଥିକ ମନ୍ଦା ଏବଂ ଆନ୍ତର୍ଜାତିକ ସମ୍ପର୍କ। ଏହି ସମସ୍ୟାଗୁଡ଼ିକୁ ଆଲୋଚନା ହେବା ପରିବର୍ତ୍ତେ ରାଜନୈତିକ ଖେଳର ଶିକାର ହେଉଛି।

ଏହାର ପଛରେ ରାଜନୈତିକ ଲାଭ ଖୋଜା ହେଉଛି କି? ବିରୋଧୀ ଦଳ ବିଶ୍ୱାସ କରୁଛନ୍ତି ଯେ ହଙ୍ଗାମା ଦ୍ୱାରା ସରକାରକୁ ବଦନାମ କରିପାରିବେ ଏବଂ ଜନସମର୍ଥନ ଲାଭ କରିପାରିବେ। କିନ୍ତୁ ଇତିହାସ ସାକ୍ଷୀ ଯେ ଏପରି ଆଚରଣ କେବଳ ଅଳ୍ପକାଳୀନ ଲାଭ ଦେଇପାରେ, ଦୀର୍ଘକାଳୀନ କ୍ଷତି କରେ। ଲୋକେ ଏହି ଅନୁଶାସନହୀନତାକୁ ପସନ୍ଦ କରନ୍ତି ନାହିଁ। ନିର୍ବାଚନରେ ଯେଉଁ ଦଳ ସଂସଦର ଗରିମା ରକ୍ଷା କରେ, ସେହି ଦଳ ଲୋକଙ୍କ ହୃଦୟ ଜିତେ। ଆଜିର ଯୁବପିଢ଼ି ସୋସିଆଲ୍ ମିଡ଼ିଆରେ ଏହି ହଙ୍ଗାମା ଦେଖି ରାଜନୀତି ପ୍ରତି ବିରକ୍ତ ହେଉଛନ୍ତି। ଫଳତଃ ଗଣତନ୍ତ୍ର ପ୍ରତି ବିଶ୍ୱାସ ହ୍ରାସ ପାଉଛି।

ସରକାର ମଧ୍ୟ ଏଥିରେ କିଛି ଦାୟିତ୍ୱ ନେଇପାରେ ନାହିଁ କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ବାଚସ୍ପତିଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା, ପ୍ରଶ୍ନକାଳକୁ ବାଧା ଦେବା ଏବଂ ସଂସଦୀୟ ବିଧି ବ୍ୟବସ୍ଥାର ଉଲ୍ଲଙ୍ଘନ କରିବା କୌଣସି ଗଣତାନ୍ତ୍ରିକ ଦଳର ପରିଚୟ ହୋଇପାରେ ନାହିଁ। ସଂସଦର ବିଭିନ୍ନ ଆଲୋଚନାରୁ ଓହରି ଯିବା ବିରୋଧୀଙ୍କୁ ଶୋଭା ପାଏନାହିଁ। ଏହାଦ୍ୱାରା ସେମାନେ ସରକାରୀ ଦଳ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି। ବିରୋଧୀଙ୍କୁ ମନେ ରଖିବା ଉଚିତ ଯେ ସେମାନେ ମଧ୍ୟ ଏକଦା ସରକାର ଥିଲେ ଏବଂ ଆଗାମୀ ଦିନରେ ପୁଣି ହେବାର ସମ୍ଭାବନା ରହିଛି। ତେଣୁ ଆଜି ଯାହା ସେମାନେ କରୁଛନ୍ତି, ତାହା ଆଗାମୀ ଦିନରେ ସେମାନଙ୍କୁ ସମ୍ମୁଖୀନ ହେବାକୁ ପଡ଼ିବ।

ଏହି ପରିସ୍ଥିତିରେ ସୁଧାର ପାଇଁ କ'ଣ କରିବା ଉଚିତ? ପ୍ରଥମତଃ ବିରୋଧୀ ଦଳକୁ ନିଜର ଆଚରଣ ପରିବର୍ତ୍ତନ କରିବାକୁ ପଡ଼ିବ। ସଂସଦର ନିୟମାବଳୀକୁ ସମ୍ମାନ କରି ବିତର୍କ କରିବା ଉଚିତ। ଦ୍ୱିତୀୟତଃ ସରକାର ବିରୋଧୀଙ୍କ ପ୍ରଶ୍ନକୁ ଗୁରୁତ୍ୱ ଦେବା ଉଚିତ୍ ଏବଂ ଆଲୋଚନାର ପରିବେଶ ସୃଷ୍ଟି କରିବା ଉଚିତ। ତୃତୀୟତଃ ଲୋକମାନଙ୍କୁ ସଚେତନ ହେବାକୁ ପଡ଼ିବ। ଯେଉଁ ଦଳ ସଂସଦର ଗରିମା ରକ୍ଷା କରେ ନାହିଁ, ସେମାନଙ୍କୁ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିବା ଉଚିତ୍।

ସଂସଦୀୟ ବ୍ୟବସ୍ଥା ହେଉଛି ଭାରତର ଗର୍ବ। ଏହାକୁ ଅପମାନିତ କରିବା କୌଣସି ଦଳର ଅଧିକାର ନୁହେଁ। ବିରୋଧୀଙ୍କୁ ବୁଝିବାକୁ ପଡ଼ିବ ଯେ ଗଣତନ୍ତ୍ର କେବଳ ସରକାର ଚଳାଇବା ନୁହେଁ, ବରଂ ଗଠନମୂଳକ ବିରୋଧ କରିବା ମଧ୍ୟ ଅଟେ। ଯଦି ଏହି ସମ୍ମାନ ହରାଇଯାଏ, ତେବେ ଗଣତନ୍ତ୍ରର ମୂଳକୁ ଆଘାତ ଲାଗିବା ଥୟ, ସମସ୍ତେ ମିଶି ସଂସଦର ଗରିମା ରକ୍ଷା କରିବା ଏବଂ ଏକ ଶକ୍ତିଶାଳୀ ଭାରତ ଗଠନ କରିବା ଏହା ହିଁ ଆମର ସମ୍ବିଧାନିକ ଦାୟିତ୍ୱ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ବିଶ୍ୱରେ ତୈଳ ସଙ୍କଟ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମଧ୍ୟପ୍ରାଚ୍ୟକୁ ବିଶ୍ୱର ସବୁଠାରୁ ରଣନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଅଞ୍ଚଳ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସରେ ସମୃଦ୍ଧ। ତେଣୁ, ବିଶ୍ୱର ଅଧିକାଂଶ ଦେଶ ଏହି ଅଞ୍ଚଳର ତୈଳ ସମ୍ପଦ ଉପରେ ନିର୍ଭର କରନ୍ତି। ତଥାପି, ମଧ୍ୟପ୍ରାଚ୍ୟ ଦୀର୍ଘ ଦିନ ଧରି ରାଜନୈତିକ ଅସ୍ଥିରତା, ଧାର୍ମିକ ସଂଘର୍ଷ ଏବଂ ଭୂ-ରାଜନୈତିକ ବିବାଦ ଦ୍ୱାରା ଜର୍ଜରିତ। ଏହି ସମସ୍ତ ସଂଘର୍ଷ ଏବଂ ଯୁଦ୍ଧ ବିଶ୍ୱ ତୈଳ ବଜାରକୁ ପ୍ରଭାବିତ କରେ ଏବଂ ତୈଳ ସଙ୍କଟ ସୃଷ୍ଟି କରେ। ମଧ୍ୟପ୍ରାଚ୍ୟରେ, ଇରାକ, ଇରାନ, ସାଉଦି ଆରବ, କୁଏତ, କତାର, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଅନ୍ୟାନ୍ୟ ଦେଶ ତୈଳ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ବିଶ୍ୱର ମୋଟ ପେଟ୍ରୋଲିୟମ ଭଣ୍ଡାରର ଏକ ବଡ଼ ଅଂଶ ଏହି ଅଞ୍ଚଳରେ ଅବସ୍ଥିତ। ତେଣୁ, ଏଠାରେ ଯେକୌଣସି ଯୁଦ୍ଧ କିମ୍ବା ସଂଘର୍ଷ ସିଧାସଳଖ ବିଶ୍ୱ ତୈଳ ଯୋଗାଣ ଏବଂ ମୂଲ୍ୟକୁ ପ୍ରଭାବିତ କରେ। ଅତୀତରେ, ମଧ୍ୟପ୍ରାଚ୍ୟ ଅନେକ ଯୁଦ୍ଧ ଦେଖିଛି। ୧୯୭୩ ଆରବ-ଇସ୍ରାଏଲ ଯୁଦ୍ଧ ପରେ, ଏକ ତୈଳ ସଙ୍କଟ ସମଗ୍ର ବିଶ୍ୱକୁ କବଳିତ କରିଥିଲା। ସେହି ସମୟରେ, ଆରବ ଦେଶଗୁଡ଼ିକ କିଛି ପାଶ୍ଚାତ୍ୟ ଦେଶକୁ ତୈଳ ଯୋଗାଣ ବନ୍ଦ କରିଦେଇଥିଲେ। ଫଳସ୍ୱରୂପ, ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇ ବିଶ୍ୱ ଅର୍ଥନୀତିକୁ ଏକ ଗଭୀର ସଙ୍କଟ ଭିତରକୁ ଠେଲି ଦେଇଥିଲା। ଏହାକୁ ଆଧୁନିକ ଇତିହାସର ପ୍ରଥମ ପ୍ରମୁଖ ତୈଳ ସଙ୍କଟ ବୋଲି ବିବେଚନା କରାଯାଏ।

୧୯୯୦ମସିହାରେ, ଇରାକ କୁଏତ ଆକ୍ରମଣ କରିଥିଲା, ଯାହା ଫଳରେ ଉପସାଗରୀୟ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧ ବିଶ୍ୱ ତୈଳ ବଜାରକୁ ମଧ୍ୟ ଅସ୍ଥିର କରିଥିଲା। କୁଏତର ତୈଳ କୂପଗୁଡ଼ିକ ପ୍ରଥମେ ଖନନ ହେବା ପରଠାରୁ, ତୈଳ ଉତ୍ପାଦନ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏହା ତୈଳ ମୂଲ୍ୟ ବୃଦ୍ଧି କରିଛି ଏବଂ ବିଶ୍ୱର ଅନେକ ଦେଶର ଅର୍ଥନୀତିକୁ ଦୁର୍ବଳ କରିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା, ସିରିଆର ଗୃହଯୁଦ୍ଧ ଏବଂ ୟେମେନ ସଂଘର୍ଷ ମଧ୍ୟପ୍ରାଚ୍ୟକୁ ମଧ୍ୟ ଅସ୍ଥିର କରିଛି। ଏହି ସମସ୍ତ ସଂଘର୍ଷ ବିଶ୍ୱ ତୈଳ ବଜାରକୁ ପ୍ରଭାବିତ କରେ। ବିଶେଷକରି, ହର୍ମୁଜ୍ ପ୍ରଣାଳୀ ତୈଳ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଭାବରେ ଜଣାଶୁଣା। ସେଠାରେ ଯେକୌଣସି ସଂଘର୍ଷ ତୈଳ ପରିବହନକୁ ବାଧା ଦିଏ ଏବଂ ବିଶ୍ୱ ତୈଳ ମୂଲ୍ୟ ବୃଦ୍ଧି କରେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ତୈଳ ଉତ୍ପାଦନ ଏବଂ ରପ୍ତାନିକୁ ବାଧା ଦିଏ। ଯୁଦ୍ଧ ସମୟରେ, ତୈଳ କୂପ, ରିଫାଇନାରୀ ଏବଂ ପାଇପଲାଇନ କ୍ଷତିଗ୍ରସ୍ତ ହୋଇପାରେ। ଏହା ତୈଳ ଉତ୍ପାଦନ ହ୍ରାସ କରେ ଏବଂ ଯୋଗାଣର ଅଭାବ ସୃଷ୍ଟି କରେ। ଯେତେବେଳେ ବଜାରରେ ତୈଳ ଯୋଗାଣ ହ୍ରାସ ପାଏ, ମୂଲ୍ୟ ବୃଦ୍ଧି ପାଏ। ଏହି ପରିସ୍ଥିତିକୁ ତୈଳ ସଙ୍କଟ କୁହାଯାଏ।

ତୈଳ ସଙ୍କଟ ସମସ୍ତ ଦେଶର ଅର୍ଥନୀତିକୁ ପ୍ରଭାବିତ କରେ କାରଣ ପେଟ୍ରୋଲିୟମ୍ ଆଜିର ଆଧୁନିକ ଶିଳ୍ପ, ପରିବହନ ଏବଂ ଶକ୍ତି ବ୍ୟବସ୍ଥାର ମୁଖ୍ୟ ଆଧାର। ଯେତେବେଳେ ତେଲ ମୂଲ୍ୟ ବୃଦ୍ଧି ପାଏ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ। ଫଳସ୍ୱରୂପ, ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଏବଂ ସାମଗ୍ରୀର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ, ଯାହା ସମସ୍ୟାକୁ ଆହୁରି ଗମ୍ଭୀର କରିଥାଏ। ଭାରତ ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ, ତୈଳ ସଙ୍କଟ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରେ। ଭାରତ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଏହାର ତୈଳ ଆବଶ୍ୟକତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆମଦାନୀ କରେ। ତେଣୁ, ଏହି ଅଞ୍ଚଳରେ ଯୁଦ୍ଧ ଭାରତର ଅର୍ଥନୀତି ଏବଂ ଶକ୍ତି ସୁରକ୍ଷାକୁ ପ୍ରଭାବିତ କରେ। ଯଦି ତେଲ ମୂଲ୍ୟ ବୃଦ୍ଧି ପାଏ, ତେବେ ଭାରତର ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଏ, ଏବଂ ଦେଶର ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଏ। ତୈଳ ସଙ୍କଟର ଆଉ ଏକ ପ୍ରଭାବ ହେଉଛି ଆର୍ଥିକ ଅସ୍ଥିରତା। ଯଦି ତେଲ ମୂଲ୍ୟ ବୃଦ୍ଧି ପାଏ, ତେବେ ଶିଳ୍ପ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଏ। ଏହା ଉତ୍ପାଦନ ହ୍ରାସ କରେ ଏବଂ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ନେଇଯାଏ। ବିଶ୍ୱ ବଜାର ଅଧିକ ଅସ୍ଥିର ହୋଇଯାଏ, ଯାହା ବ୍ୟବସାୟ ଏବଂ ନିବେଶକୁ ପ୍ରଭାବିତ କରେ। ଏହି ସମସ୍ୟାର ସମାଧାନ ପାଇଁ, ଅନେକ ଦେଶ ବିକଳ୍ପ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଉଛନ୍ତି। ସେମାନେ ସୌରଶକ୍ତି, ପବନ ଶକ୍ତି ଏବଂ ବୈଦ୍ୟୁତିକ ଯାନବାହନ ଭଳି ପ୍ରଯୁକ୍ତିବିଦ୍ୟା ବିକାଶ କରି ତୈଳ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଭବିଷ୍ୟତର ତୈଳ ସଙ୍କଟର ପ୍ରଭାବକୁ ହ୍ରାସ କରିପାରିବ। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଅଞ୍ଚଳରେ ଯୁଦ୍ଧ ଏବଂ ସଂଘର୍ଷ ହ୍ରାସ ପାଏ, ତେବେ ବିଶ୍ୱ ତୈଳ ବଜାର ଅଧିକ ସ୍ଥିର ହୋଇପାରେ। ଏହି ଦ୍ୱନ୍ଦ୍ୱଗୁଡ଼ିକୁ ଆନ୍ତର୍ଜାତୀୟ ସହଯୋଗ ଏବଂ କୂଟନୈତିକ ପ୍ରୟାସ ମାଧ୍ୟମରେ ସମାଧାନ କରାଯିବା ଆବଶ୍ୟକ। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ତୈଳ ସଙ୍କଟ ବିଶ୍ୱ ଅର୍ଥନୀତି ସହିତ ଗଭୀର ଭାବରେ ଜଡିତ। ଏହି ଅଞ୍ଚଳରେ ଯେକୌଣସି ଦ୍ୱନ୍ଦ୍ୱ ସିଧାସଳଖ ତୈଳ ଯୋଗାଣ ଏବଂ ମୂଲ୍ୟକୁ ପ୍ରଭାବିତ କରେ। ତେଣୁ, ବିଶ୍ୱ ଶାନ୍ତି, ବିକଳ୍ପ ଶକ୍ତି ବିକାଶ ଏବଂ ତୈଳ ବ୍ୟବହାର ପରିଚାଳନାର ମିଶ୍ରଣ ଏହି ସମସ୍ୟାକୁ ହ୍ରାସ କରିପାରିବ। ଏହା ଏକ ସ୍ଥିର ଏବଂ ସୁସ୍ଥ ବିଶ୍ୱ ଅର୍ଥନୀତି ବଜାୟ ରଖିବା ସମ୍ଭବ କରିବ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ୍:୮୨୪୯୫୦୨୭୭୬**

# 'ଭିକ୍ଷା' ଦୟାରୁ ବ୍ୟବସାୟ ପର୍ଯ୍ୟନ୍ତ



**ଡ.ବିମଳ ଷଡଙ୍ଗୀ**

ସମାଜରେ 'ଭିକ୍ଷା'ପ୍ରଥା ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଆକାର ନେଇଚାଲିଛି, ଯାହା କେବଳ ଅର୍ଥନୈତିକ ଦୁର୍ବଳତାର ଚିହ୍ନ ନୁହେଁ ବରଂ ସମାଜର ସାମାଜିକ ଅବସ୍ଥା, ସହାନୁଭୂତି, ଅନୁକମ୍ପା, ଚଞ୍ଚକତା ଆଦିର ଏକ ପ୍ରତିବିମ୍ବ।କିନ୍ତୁ ସମୟ ସହିତ ଏହି ପ୍ରଥାର ରୂପ ଓ ଅର୍ଥ ଦୁଇଟିଯାକ ବଦଳିଯାଇଛି। ପ୍ରାଚୀନ ଭାରତରେ ଭିକ୍ଷା ମାନବତା ଓ ସାମାଜିକ ଦାୟିତ୍ୱର ଗୋଟିଏ ଅଂଶ ଥିବାବେଳେ ବର୍ତ୍ତମାନ ତାହାକୁ ଅନେକ ବ୍ୟକ୍ତି ବ୍ୟବସାୟୀକ କାରବାର ଆକାରକୁ ନେଇଯାଇଛନ୍ତି। ଭିକ୍ଷା ଯେତେବେଳେ ଜୀବନଧାରଣର ଅନିବାର୍ଯ୍ୟ ଉପାୟରୁ ଆରମ୍ଭହୋଇ ସଂଗଠିତ ଆୟର ମାଧ୍ୟମରେ ପରିଣତ ହୁଏ, ସେତେବେଳେ ସେହି ପ୍ରକ୍ରିୟା ସମାଜ ପାଇଁ ଗଭୀର ଚିନ୍ତାର ବିଷୟ ହୋଇଯାଏ।ଆଜିର ସହର ଜୀବନରେ ଟ୍ରାଫିକ୍ ସିଗ୍ନାଲ, ମନ୍ଦିର, ବସ ଷ୍ଟାଣ୍ଡ ବା ରେଳ ଷ୍ଟେସନ ଆଦିରେ ଭିକ୍ଷା ମାଗୁଥିବା ଲୋକମାନଙ୍କ ଦୃଶ୍ୟ ସାଧାରଣ ହୋଇଯାଇଛି ତା ସହିତ ସମାଜରେ ଭିକ୍ଷାର ଅନ୍ୟାନ୍ୟ ମାଧ୍ୟମ ଏହାକୁ ଗୋଟିଏ ଅସୁସ୍ଥ ବାତାବରଣ ଆଡକୁ ଟାଣି ନେଇଛି, ଯାହା ବିଷୟରେ ଗଭୀର ଚିନ୍ତାର ଆବଶ୍ୟକ ରହିଛି।

ସାଧାରଣତଃ 'ଭିକ୍ଷା' କହିଲେ ଆମ ମନରେ ରାସ୍ତା ପାଖରେ ବସିଥିବା ଗରିବ ଲୋକଙ୍କ ଚିତ୍ର ଆସିଥାଏ। କିନ୍ତୁ ସାମାଜିକ ଓ ଅର୍ଥନୈତିକ ଭାବେ ଭିକ୍ଷାର ରୂପ କେବଳ ରାସ୍ତା ପର୍ଯ୍ୟନ୍ତ ସୀମିତ ନହୋଇ, ସମାଜର ବିଭିନ୍ନ ସ୍ତରରେ ଏହା ଭିନ୍ନ ଭିନ୍ନ ଆକାରରେ ଦେଖାଯାଏ।କେତେକ ଗରିବ ଓ ଅସହାୟ ଲୋକଙ୍କ ଜୀବନଧାରଣ ଭିକ୍ଷାରୁ ଆରମ୍ଭ କରି ଧନୀ ବ୍ୟକ୍ତି ବା ସଂସ୍ଥାଙ୍କ ଧନ ସଂଗ୍ରହ ପର୍ଯ୍ୟନ୍ତ ଭିକ୍ଷାର ଭିନ୍ନ ଭିନ୍ନ ରୂପ ଦେଖିବାକୁ ମିଳିଥାଏ।ଭିକ୍ଷାର ସବୁଠାରୁ ପ୍ରାଚୀନ ଓ ମୂଳ ରୂପ ହେଉଛି 'ଜୀବନଧାରଣର ଭିକ୍ଷା' ଯେଉଁଠାରେ ଗରିବ, ଅସହାୟ, ବୃଦ୍ଧ ବା ଅସମର୍ଥ ଲୋକମାନେ କର୍ମ ଅଭାବରୁ ଖାଦ୍ୟ ବା ଜୀବନଧାରଣ ପାଇଁ ଭିକ୍ଷା ବୃତ୍ତିକୁ ଆଦରି ନିଅନ୍ତି, ଯାହା ସମାଜର ଦାରିଦ୍ର୍ୟ ଓ ଅସମାନତାର ପ୍ରତିଫଳନ।ସେହିପରି ଅନେକ ଧାର୍ମିକ ପରମ୍ପରାରେ ଭିକ୍ଷାକୁ ଏକ ଆଧ୍ୟାତ୍ମିକ ପ୍ରକ୍ରିୟା ଭାବେ ଦେଖାଯାଏ ଫଳରେ ସନ୍ନ୍ୟାସୀ, ସାଧୁ ବା ଭିକ୍ଷୁମାନେ ଭିକ୍ଷା ମାଗି ଜୀବନ ଯାପନ କରନ୍ତି ଯେଉଁଠାରେ ଭିକ୍ଷା ଦୟା ଓ ଦାନର ଏକ ପରମ୍ପରା ଭାବେ ଦେଖାଯାଏ ଯାହାକୁ କୁହାଯାଏ 'ଆଧ୍ୟାତ୍ମିକ ଭିକ୍ଷା'।କେତେକ ସ୍ଥାନରେ ଭିକ୍ଷା ଏକ ପେଶା ଭଳି ହୋଇଯାଇଛି, କେହି କେହି ଏହାକୁ ଆୟର ଏକ ସ୍ଥାୟୀ ଉପାୟ ଭାବେ ଗ୍ରହଣ କରନ୍ତି।କେତେକ ସମୟରେ ଏହା ସଂଗଠିତ ଗୋଷ୍ଠୀ ବା ଦଳ ଦ୍ୱାରା ପରିଚାଳିତ ହୋଇଥାଏ, ଏହି ପ୍ରକାରର ଭିକ୍ଷାକୁ ଆଜିକାଲି 'ଭିକ୍ଷାର ବ୍ୟବସାୟ' ବୋଲି ମଧ୍ୟ କୁହାଯାଏ।ଅନେକ ସମୟରେ କିଛି ଲୋକ ଦୟା ଓ ସହାନୁଭୂତି ଜାଗ୍ରତ କରିବା ପାଇଁ ଅସୁସ୍ଥତାର କଥା କହିବା, ଶିଶୁଙ୍କ ଦୁଃଖଦ ଅବସ୍ଥା ଦେଖାଇବା, ଦୁର୍ଘଟଣା ବା ଦୁର୍ଦ୍ଦଶାର କଥା ଦେଖାଇବା ଇତ୍ୟାଦି ଦ୍ୱାରା ନିଜର ଦୁଃଖ କଥା କହି ଭିକ୍ଷା ମାଗନ୍ତି, ଯାହାକୁ କୁହାଯାଏ 'ଭାବନାତ୍ମକ ଭିକ୍ଷା'।କେତେକ ସଂସ୍ଥା, ଯଥା ଧାର୍ମିକ ସଂସ୍ଥା, ଶିକ୍ଷା ସଂସ୍ଥା ବା ସାମାଜିକ ସଂଗଠନ, ଦାନ ବା ଚନ୍ଦା ଆକାରରେ ଧନ ସଂଗ୍ରହ କରନ୍ତି। ଏହାକୁ ସର୍ବଦା ଭିକ୍ଷା ବୋଲି କୁହାଯାଏନାହିଁ, କିନ୍ତୁ ଏହାର ମୂଳ ଧାରଣା ହେଉଛି ଅନ୍ୟଙ୍କ ସହାୟତା ଉପରେ ନିର୍ଭର କରିବା, ଯାହାକୁ 'ସଂସ୍ଥାଗତ ଭିକ୍ଷା' କୁହାଯାଏ। ସେହିପରି ରାଜନୀତିରେ ଦଳ ବା ନେତାମାନେ ଚାନ୍ଦା ବା ଫଣ୍ଡ ସଂଗ୍ରହ କରନ୍ତି, ସାଧାରଣତଃ ଏହାକୁ 'ଫଣ୍ଡ ରେଜିଂ' ବୋଲି କୁହାଯାଏ।କିନ୍ତୁ କେତେକ ସମୟରେ ଯଦି ଏହାରେ ଚାପ ବା ବାଧ୍ୟତା ମାଧ୍ୟମରେ କରାଯାଏ, ତେବେ କେହି କେହି ଏହାକୁ 'ରାଜନୈତିକ ଭିକ୍ଷା' ବୋଲି ମଧ୍ୟ ଆଲୋଚନା କରନ୍ତି।ଆଧୁନିକ ଅର୍ଥନୀତିରେ ବଡ ବଡ କମ୍ପାନୀ ବା ବ୍ୟବସାୟମାନେ ମଧ୍ୟ କେବେ କେବେ ସରକାରଙ୍କ ଠାରୁ ସହାୟତା, ସବସିଡି ବା ଆର୍ଥିକ ପ୍ୟାକେଜ୍ ବା ଋଣ, ବିଦ୍ୟୁତ ଶୁଳ୍କ ଛାଡ ମାଗନ୍ତି, ସାମାଜିକ ଆଲୋଚନାରେ କେତେକ ଲୋକ ଏହାକୁ 'ଧନୀଙ୍କ ଭିକ୍ଷା' ବୋଲି କୁହନ୍ତି। ତେଣୁ ଏହା ବିଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ ରୂପନେଇ ଭାରତରେ କାୟା ବିସ୍ତାର କରିଛି ଏବଂ ପ୍ରତ୍ୟେକ ଭିକ୍ଷା ସମାଜ ଓ ମାନବ ସମାଜ ପାଇଁ କ୍ଷତି କାରକ।

ପ୍ରାଚୀନ ଭାରତୀୟ ସମାଜରେ 'ଭିକ୍ଷା' ଶବ୍ଦର ଅର୍ଥ ଆଜିକାଲି ଭଳି ନକାରାତ୍ମକ ନଥିଲା। ଓଡିଶାର ତତକାଳୀନ ଚକୁଳିଆ ପଣ୍ଡାମାନଙ୍କପରି ଅନେକ ଧାର୍ମିକ ପରମ୍ପରାରେ ସନ୍ନ୍ୟାସୀ, ସାଧୁ ବା ତ୍ୟାଗୀମାନେ ଭିକ୍ଷାବୃତ୍ତିରେ ଜୀବନ ନିର୍ବାହ କରୁଥିଲେ। ସେମାନଙ୍କ ପାଇଁ ଭିକ୍ଷା ଏକ ଧାର୍ମିକ ଓ ଆତ୍ମିକ ପ୍ରକ୍ରିୟା ଥିଲା। ସମାଜ ମଧ୍ୟ ଏହାକୁ ଦୟା ଓ ପୁଣ୍ୟର କାର୍ଯ୍ୟ ଭାବେ ଦେଖି ମାନ୍ୟତା ଦେଇଥିଲା। ଗ୍ରାମୀଣ ସମାଜରେ ଲୋକମାନେ ଅସହାୟ, ବୃଦ୍ଧ ବା ଅସୁସ୍ଥ ଲୋକଙ୍କୁ ସହଯୋଗ କରୁଥିଲେ।ଏହା ଏକ ପ୍ରକାରର ସାମାଜିକ ସୁରକ୍ଷାର ବ୍ୟବସ୍ଥା ଥିଲା, ଯେଉଁଠାରେ ସମାଜ ନିଜେ ନିଜର ଦୁର୍ବଳ ସଦସ୍ୟଙ୍କୁ ସହାୟତା କରୁଥିଲା ଯାହାଫଳରେ ଭିକ୍ଷା ଏକ ସାଧାରଣ ଓ ସମ୍ମାନଜନକ ପ୍ରକ୍ରିୟା ଭାବେ ପ୍ରଚଳିତ ଥିଲା। ମଧ୍ୟଯୁଗରେ ରାଜନୈତିକ ଅସ୍ଥିରତା, ଯୁଦ୍ଧ, ଦୁର୍ଭିକ୍ଷ ଓ



ଅର୍ଥନୈତିକ ଅସମାନତା ବଢ଼ିବା ସହ ଭିକ୍ଷା ପ୍ରଥାର ବୃଦ୍ଧି ଘଟିଥିଲା। ଅନେକ ଲୋକ କୌଣସି ଜୀବିକାର ଉପାୟ ନପାଇ ଦାରିଦ୍ର୍ୟ ଓ ଅସହାୟତା ଯୋଗୁଁ, ଭିକ୍ଷାର ଆଶ୍ରୟ ନେଇଥିଲେ।ଏହି ସମୟରେ ଭିକ୍ଷାବୃତ୍ତି ଧୀରେ ଧୀରେ ଗୋଟିଏ ସାମାଜିକ ସମସ୍ୟାର ଆକାର ନେବା ଆରମ୍ଭ କଲା।ଉପନିବେଶୀୟ ଯୁଗରେ ସହରୀକରଣ ବଢ଼ିଲା ଓ ଗ୍ରାମରୁ ଲୋକମାନେ କାମ ଖୋଜିବାକୁ ସହରମୁଖି ହୋଇଥିଲେ ମାତ୍ର, ସେଠାରେ ଅନେକ ଲୋକ ଚାକିରି ନପାଇ ଭିକ୍ଷାକୁ ଜୀବିକାର ଉପାୟ କରିନେଲେ ଯେଉଁଥିପାଇଁ ଏହି ସମୟରେ ଭିକ୍ଷାବୃତ୍ତି ସହର ଜୀବନର ଏକ ସାଧାରଣ ଦୃଶ୍ୟ ହୋଇଗଲା। ମନ୍ଦିର, ବଜାର ଆଦି ସାଧାରଣ ସ୍ଥାନଗୁଡ଼ିକ ଭିକ୍ଷା ମାଗିବାର ପ୍ରମୁଖ କେନ୍ଦ୍ର ହେଲା ଯାହା ବିକଶିତ ହୋଇ କାଳକ୍ରମେ ଆଧୁନିକ ଯୁଗରେ ଭିକ୍ଷାପ୍ରଥାର ସବୁଠାରୁ ଚିନ୍ତାଜନକ ପରିବର୍ତ୍ତନ ଏହାର ବ୍ୟବସାୟୀକରଣରେ ପରିଣତ ହୋଇଛି। କେତେକ ସ୍ଥାନରେ ଦେଖାଯାଏ ଯେ, ଛୋଟ ଶିଶୁମାନଙ୍କୁ ଭିକ୍ଷା ମାଗିବାକୁ ବାଧ୍ୟ କରାଯାଉଛି ବା ଲୋକଙ୍କର ସହାନୁଭୂତି ପାଇବାପାଇଁ ଅସୁସ୍ଥ ବା ଅସମର୍ଥ ଲୋକମାନଙ୍କୁ ରାସ୍ତା କଡରେ ବସାଯାଉଛି, ମହିଳାମାନେ ରୋଗିଣା ଶିଶୁ ସହିତ ମଳିନ ବସ୍ତ୍ର ପରିଧାନପୂର୍ବକ ରାସ୍ତାରେ ଭିକ୍ଷା ବୃତ୍ତି କରୁଛନ୍ତି ଇତ୍ୟାଦି ଇତ୍ୟାଦି, ଯାହା ମାଧ୍ୟମରେ ଅନେକ ଅପରାଧୀ ଗୋଷ୍ଠୀ ମିଳିତ ଭାବରେ ଭିକ୍ଷୁକମାନଙ୍କୁ ସେମାନଙ୍କ ପ୍ରାପ୍ତ ଭିକ୍ଷାରୁ କମ ଦେଇ ନିଜର ଅଧିକ ରୋଜଗାରରେ ସାମିଲ କରନ୍ତି।ଏହି ପ୍ରକ୍ରିୟାରେ ଭିକ୍ଷା ଆଉ ଦୟା ଉପରେ ଭିତ୍ତି କରିଥିବା ସାମାଜିକ ପ୍ରଥା ଭାବରେ ରହିନାହିଁ, ଏହା ଗୋଟିଏ ଆୟ ସୃଷ୍ଟିକାରୀ ବ୍ୟବସାୟରେ ପରିଣତ ହୋଇଯାଇଛି।

ଭିକ୍ଷା ପ୍ରଥା ବ୍ୟବସାୟୀକ ଆକାର ନେବାର ପଛରେ କିଛି ପ୍ରମୁଖ କାରଣ ଅଛି, ପ୍ରଥମତଃ, ଦାରିଦ୍ର୍ୟ ଓ ବେକାରି। ଯେତେବେଳେ ଲୋକମାନେ ଜୀବିକାର ସୁଯୋଗ ପାଉନାହାନ୍ତି, ସେତେବେଳେ ସେମାନେ ସହଜ ଉପାୟ ଭାବେ ଭିକ୍ଷାକୁ ବାଛିବାକୁ ବାଧ୍ୟ।ଦ୍ୱିତୀୟତଃ, ପ୍ରକୃତ ଶିକ୍ଷା ଓ କୌଶଳର ଅଭାବ ଥିଲେ ଲୋକମାନେ ଅନ୍ୟ କାମ କରିବାର ସୁଯୋଗ ହରାଇଦିଅନ୍ତି।ତୃତୀୟତଃ, ସହରରେ ଧନୀ ଲୋକମାନଙ୍କର ସହାନୁଭୂତି ଫଳରେ ଦରିଦ୍ର ବ୍ୟକ୍ତି ଦୟାରୁ ଧନ ପାଇଥାଆନ୍ତି, ଯାହା କେତେକ ଲୋକଙ୍କ ପାଇଁ ଏକ ସହଜ ଆୟର ପନ୍ଥା ହୋଇଯାଏ।ଚତୁର୍ଥତଃ, କେତେକ ଅପରାଧୀ ଗୋଷ୍ଠୀ ଭିକ୍ଷାକୁ ବ୍ୟବସାୟର ଆକାର ଦେଇ ଏହା ବିନିଯୋଗରେ ଧନ ଉପାର୍ଜନ କରନ୍ତି ଯାହାର ପ୍ରଭାବ ଗମ୍ଭୀର। ଉପର ବର୍ଣ୍ଣିତ କାରଣ ଗୁଡିକ ଯୋଗୁଁ, ମାନବ ସମ୍ମାନ ହ୍ରାସ ହୁଏ, ଶିଶୁ ଶୋଷଣ, ମହିଳା ନିର୍ଯ୍ୟାତନା ବଢ଼ିଯାଏ, ଅପରାଧିକରଣ ଶକ୍ତିଶାଳୀ ହୁଏ ଓ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଥାଏ।

ତେଣୁ, ଭିକ୍ଷା ପ୍ରଥାକୁ ରୋକିବା ପାଇଁ କେବଳ ଆଇନ ପର୍ଯ୍ୟାପ୍ତ ନୁହେଁ ଉଭୟ ସମାଜ ଓ ସରକାର ମିଶି ଚେଷ୍ଟା କରିବା ଆବଶ୍ୟକ। ଶିକ୍ଷା ଓ କୌଶଳର ବିକାଶ, ଗରିବ ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା, ଭିକ୍ଷୁକମାନଙ୍କୁ ପୁନର୍ବାସ କେନ୍ଦ୍ର ଓ ଚାକିରି ସୁଯୋଗ ଦେବା, ଶିଶୁ ଭିକ୍ଷା ପ୍ରଥା ଉପରେ କଠୋର କାର୍ଯ୍ୟ, ସମାଜରେ ସଚେତନତା ବଢ଼ାଇବା ଆବଶ୍ୟକ। ସମାଜବିଜ୍ଞାନୀ ଓ ନୀତିନିର୍ମାତାମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ଏକ ଚର୍ଚ୍ଚା ଚାଲିଆସୁଛି ଯେ ରାସ୍ତାରେ ଭିକ୍ଷୁକମାନଙ୍କୁ ଟଙ୍କା ଦେବା ଉଚିତ ନୁହେଁ।କେତେକଙ୍କ ଚିନ୍ତାଧାରା ଆଧାରରେ ଟଙ୍କା ଦେବା ପରିବର୍ତ୍ତେ ଯଦି ଲୋକମାନେ ଖାଦ୍ୟ ବା ପ୍ରସ୍ତୁତ ଫୁଡ୍ ପ୍ୟାକେଟ୍ ଦିଅନ୍ତି, ତେବେ ଭିକ୍ଷାର ବ୍ୟବସାୟୀକ ମଡେଲ୍ ଧୀରେ ଧୀରେ ଭାଙ୍ଗିପଡ଼ିପାରେ ଯାହା ପଛରେ ଅର୍ଥନୈତିକ ଓ ସାମାଜିକ ଦୁଇଟି ଗଭୀର ଯୁକ୍ତି ରହିଛି ଏବଂ ଯାହା ସୁଚାଇଥାଏ ଯେ, ଖାଦ୍ୟକୁ ସଂଗଠିତ ଗୋଷ୍ଠୀ ପାଖରେ ଟଙ୍କାରେ ପରିଣତ କରିବା ସହଜ ନୁହେଁ। ଭିକ୍ଷା ମାଗିବାର ପ୍ରଧାନ ଲକ୍ଷ୍ୟ ଯଦି ଧନ ଆର୍ଜନ ଥାଏ, ତେବେ ଖାଦ୍ୟ ମିଳିଲେ ସେହି ଲାଭ ହୁଏନାହିଁ, ତେଣୁ ଏହା ଗୋଷ୍ଠୀମାନଙ୍କ ପାଇଁ ଲାଭକାରୀ ନୁହେଁ।ଏହା ଭିକ୍ଷାର ବ୍ୟବସାୟିକ ଗଣିତକୁ ଧୀରେ ଧୀରେ ଦୁର୍ବଳ କରିପାରେ। ମନ୍ଦିର ଓ ଧାର୍ମିକ ସ୍ଥାନରେ ଫୁଡ୍ ବ୍ୟାଙ୍କ ସୃଷ୍ଟି, ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ଖାଦ୍ୟ ବଣ୍ଟନ, ସରକାରଙ୍କ ତରଫରୁ ରାତ୍ରି ଆଶ୍ରୟ କେନ୍ଦ୍ର ଓ ନିଶୁଳ୍କ ଭୋଜନ ବ୍ୟବସ୍ଥା, ଏହିପରି କେତେଗୁଡିଏ ପଦକ୍ଷେପ ନେଲେ ଭିକ୍ଷାବୃତ୍ତିର ଅର୍ଥନୈତିକ ଭିତ୍ତି ଧୀରେ ଧୀରେ ଦୁର୍ବଳ ହୋଇପାରେ। ଛୋଟ କାମ ଯଥା, ସଫାଇ, ଛୋଟ ହସ୍ତଶିଳ୍ପ, ରାସ୍ତା ପାଖରେ ବ୍ୟବସାୟ ପାଇଁ ପ୍ରଶିକ୍ଷଣ ଦେବା ଆଦି କାର୍ଯ୍ୟକ୍ରମଦ୍ୱାରା ଭିକ୍ଷୁକମାନଙ୍କୁ ସ୍ୱାବଲମ୍ବୀ କରାଯାଇପାରେ।ସହରରେ ଅନେକ ଭିକ୍ଷୁକ ଆଶ୍ରୟସ୍ଥଳ ନଥିବାରୁ ସେମାନେ ରାସ୍ତାରେ ଆଶ୍ରୟ ନେଇଥାଆନ୍ତି।ତେଣୁ ଆଶ୍ରୟ କେନ୍ଦ୍ର, ବୃଦ୍ଧ, ଅସୁସ୍ଥ ବା ଅସମର୍ଥ ଲୋକଙ୍କ ପାଇଁ ପେନସନ୍, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସହାୟତା ଆଦିର ସୁବିଧା ମିଳିଲେ ଲୋକମାନେ ଭିକ୍ଷାର ଉପରେ ନିର୍ଭର କମ କରିପାରିବେ। ଶିଶୁମାନଙ୍କୁ ଶିକ୍ଷାଳୟରେ ଭର୍ତ୍ତିକରିବା, ଶିଶୁ ଶୋଷଣ କରୁଥିବା ଗୋଷ୍ଠୀଙ୍କୁ କଠୋର ଶାସନ ଆଦି ଭିକ୍ଷାର ଭବିଷ୍ୟତ ଶୃଙ୍ଖଳକୁ ଭାଙ୍ଗିପାରେ।କେତେକ ସହରରେ ଭିକ୍ଷା ଏକ ମାଫିଆ ପ୍ରଣାଳୀ ଭଳି ଚାଲେ, ପୋଲିସ ତଦନ୍ତ, ମାନବଶୃଙ୍ଖଳ ଦ୍ୱାରା ଏହାର ବିରୋଧୀ କାର୍ଯ୍ୟବାହୀ ଆଦି ପ୍ରଣାଳୀ ଭିକ୍ଷାକୁ ବ୍ୟବସାୟ କରୁଥିବା ଲୋକମାନଙ୍କୁ ରୋକିପାରେ ତା ସହିତ ସାଧାରଣ ଲୋକଙ୍କ ଆଚରଣ ମଧ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। ଭିକ୍ଷାବୃତ୍ତିକୁ ଗୋଟିଏ ଦିନରେ ଶେଷ କରିହେବ ନାହିଁ, ଏହା ପାଇଁ ଆଇନ, ସାମାଜିକ ସହଯୋଗ, ଶିକ୍ଷା ଓ ଅର୍ଥନୈତିକ ସୁଯୋଗ ପରି ସମସ୍ତ ଦିଗର ସମନ୍ୱୟ ଆବଶ୍ୟକ।।ଯେତେବେଳେ ସମାଜ ଦୟା ସହିତ ସହିତ ବିବେକ ମଧ୍ୟ ବ୍ୟବହାର କରିବ, ସେତେବେଳେ ଭିକ୍ଷା ପ୍ରଥା ଧୀରେ ଧୀରେ ପ୍ରଶମିତ ହେବ, ମାନବ ସମ୍ମାନ ରକ୍ଷା ପାଇବ ଓ ଦେଶର ଭବିଷ୍ୟତ ସୁରକ୍ଷିତ ରହିବ।

ମୋ :୯୪୩୭୧୨୩୮୯୨

# ଏତେ ପଢ଼ିବା ପାଇଁ ଧୈର୍ଯ୍ୟ ନାହିଁ

**ହୃଷୀକେଶ ପାଣିଗ୍ରାହୀ**



ଆଜିର ପିଢ଼ି ପାଖରେ ସବୁକିଛି ଅଛି, କିନ୍ତୁ ଯାହା ନାହିଁ ତାହା ହେଉଛି, 'ଧୈର୍ଯ୍ୟ'। ଜ୍ଞାନ ଆହରଣର ପାରମ୍ପରିକ ଉତ୍ସ 'ପୁସ୍ତକ ପଠନ' ଆଜି ସଂକଟଜନକ ସ୍ଥିତିରେ। ପଢ଼ିବା ତ ଦୂରର କଥା, କୌଣସି ଗମ୍ଭୀର ଚର୍ଚ୍ଚାକୁ ଶୁଣିବା ପାଇଁ ମଧ୍ୟ ଆଜିର ଯୁବମାନସ ପ୍ରସ୍ତୁତ ନୁହେଁ। ଫେସବୁକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ମଣିଷର ଚିନ୍ତାଧାରାକୁ ସୀମିତ କରିଦେଇଛି। ବିଶେଷ କରି 'ରିଲ୍ସ'ର ମାନିଆ ଆଜି ସମସ୍ତଙ୍କୁ ଘାରିଛି। ଯେତେବେଳେ ମାତ୍ର ୩୦ ରୁ ୬୦ ସେକେଣ୍ଡ ମଧ୍ୟରେ ନୂଆ ନୂଆ ମନୋରଞ୍ଜନ ବା ତଥ୍ୟ ମିଳିଯାଉଛି, ସେତେବେଳେ ଘଣ୍ଟା ଘଣ୍ଟା ଧରି ପଢ଼ିବ କିଏ? ଏହା ଫଳରେ ମଣିଷର ଏକାଗ୍ରତା ରଖିବାର ସମୟ ସୀମା (ATTENTION



SPAN) କ୍ରମଶଃ କମିବାରେ ଲାଗିଛି।

ବର୍ତ୍ତମାନ ସମୟର ଏକ ଦୁଃଖଦାୟକ ଚିତ୍ର ହେଉଛି ଛୋଟ ପିଲାଙ୍କ ହାତରେ ମୋବାଇଲ୍ ଫୋନ୍। ଶିଶୁଟିଏ କାନ୍ଦିଲେ ବା ଖାଇବାକୁ ଅମଙ୍ଗ ହେଲେ, ପିତାମାତା ତାକୁ ମୋବାଇଲ୍ ଧରାଇ ଦେଇ ନିଜ କାମରେ ବ୍ୟସ୍ତ ରହୁଛନ୍ତି। ଫଳରେ ଶିଶୁଟି ଶୈଶବରୁ ହିଁ ସ୍ୱଳ୍ପ ସମୟର (ରିଲ୍ସ) ଭିଡିଓରେ ଆକର୍ଷିତ ହୋଇ ଗଭୀର ପଠନ ଅଭ୍ୟାସଠାରୁ ଦୂରେଇ ଯାଉଛି। ଏହାର ପ୍ରଭାବ ଶ୍ରେଣୀ ଗୃହରେ ମଧ୍ୟ ପ୍ରତିଫଳିତ ହେଉଛି। ଯେଉଁ ଛାତ୍ରଟି ସ୍କ୍ରିନ୍ ରେ ରଙ୍ଗ ବେରଙ୍ଗର ବଦଳୁଥିବା ଦୃଶ୍ୟରେ ଅଭ୍ୟସ୍ତ, ସେ ଶିକ୍ଷକଙ୍କ ୪୫ ମିନିଟର ଶିକ୍ଷାଦାନରେ ଧୈର୍ଯ୍ୟ ରଖିପାରୁନାହିଁ। ଆଜିର ଶିକ୍ଷକଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ। ପିଲାଙ୍କୁ ଶ୍ରେଣୀଗୃହ ପ୍ରତି ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ଅଧିକ ପରିଶ୍ରମ, ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଓ ପ୍ରଶିକ୍ଷଣର ସାହାଯ୍ୟ ନେବାକୁ ପଡୁଛି।

ଅନେକ ମହତ୍ତ୍ୱପୂର୍ଣ୍ଣ ଲେଖା ଲେଖାଯାଏ, କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ, ସେମାନେ ହିଁ ଏହାକୁ ପଢ଼ନ୍ତି ନାହିଁ। ଯେଉଁମାନେ ପଢ଼ନ୍ତି, ସେମାନେ ପୂର୍ବରୁ ହିଁ ଶୃଙ୍ଖଳିତ ଓ ସଚେତନ ଥାଆନ୍ତି। ଉଦାହରଣ ଭାବେ ଏହି ଲେଖାଟି କଥା ଚିନ୍ତା କରନ୍ତୁ। ଯେଉଁମାନଙ୍କ ପାଇଁ ଏହି ଲେଖାଟି ଉଦ୍ଦିଷ୍ଟ ସେମାନେ ପଢ଼ିବେ ତ? ବାସ୍ତବରେ ଦେଖିବାକୁ ଗଲେ ଧୈର୍ଯ୍ୟର ସହ ପଠନ ଅଭାବରୁ ଯୁବପିଢ଼ି ମଧ୍ୟରେ ଭାଷା ଜ୍ଞାନ କମିବା ସହ 'ଅମୂର୍ତ୍ତ ଚିନ୍ତନ' ହ୍ରାସ ପାଉଛି। ପୁସ୍ତକଟିଏ ପଢ଼ିବା ବେଳେ ପାଠକ ନିଜ କଳ୍ପନା ଶକ୍ତିରେ ଏକ ନୂଆ ଦୁନିଆ ଗଢ଼େ, କିନ୍ତୁ ଭିଡିଓ ଦେଖିବା ବେଳେ ମସ୍ତିଷ୍କ କେବଳ ଜଣେ 'ନିଷ୍କ୍ରିୟ ଗ୍ରହୀତା' ଭାବେ କାମ କରେ। ଏହି ପ୍ରକ୍ରିୟା ମଣିଷର ଚିନ୍ତାଶୀଳତାକୁ କ୍ଷୟ କରୁଛି।

ଜ୍ଞାନ ଅନନ୍ତ, କିନ୍ତୁ ତାହାକୁ ହାସଲ କରିବା ପାଇଁ ଧୈର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ। ମୋବାଇଲ୍ ସ୍କ୍ରିନ୍ ଆମକୁ ସୂଚନା ଦେଇପାରେ, କିନ୍ତୁ ପୁସ୍ତକ ପଠନ ଆମକୁ ଜ୍ଞାନ, ଧୈର୍ଯ୍ୟ, କଳ୍ପନା ଶକ୍ତି ଦିଏ। ଅଭିଭାବକ, ଶିକ୍ଷକ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଏବଂ ଶିଶୁମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ଜାଗ୍ରତ କରିବା ଜରୁରୀ। କାରଣ ଏକ ପଠନଶୀଳ ସମାଜ ହିଁ ଏକ ପ୍ରଗତିଶୀଳ ଓ ସଚେତନ ରାଷ୍ଟ୍ର ଗଠନ କରିପାରିବ। ଯଦି ଆମେ ଏହି 'ଅଧୈର୍ଯ୍ୟ'ର ବଳୟରୁ ବାହାରି ନ ପାରିବା, ତେବେ ଆଗାମୀ ପିଢ଼ି ସଂପୂର୍ଣ୍ଣ ଯନ୍ତ୍ରପାଳିତ ମଣିଷରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ।

**ଶିକ୍ଷକ ଶିକ୍ଷା ବିଭାଗ,**
**ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ,**
**ବ୍ରହ୍ମପୁର, ମୋ: ୯୯୩୮୫୦୬୨୦୭**

# ଇରାନ-ଇସ୍ରାଏଲ ଯୁଦ୍ଧରେ ୩ ଭାରତୀୟଙ୍କ ମୃତ୍ୟୁ




**ନୂଆଦିଲ୍ଲୀ, ୧୨।୩:** ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ ଭାରତ ପାଇଁ ଦୁଃଖଦ ଖବର ଆସିଛି। ସଂଘର୍ଷ ସମୟରେ ତିନିଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। ଜଣେ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏହି ସୂଚନା ଦେଇଛନ୍ତି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ। ସେ କହିଛନ୍ତି ଯେ ଯେତେବେଳେ ଭାରତୀୟ ନାଗରିକମାନେ ବାଣିଜ୍ୟ ଜାହାଜରେ କାମ କରୁଥିଲେ ଜଳସୀମାରେ ଆକ୍ରମଣ ହୋଇଥିଲା।

ଏହି ଆକ୍ରମଣରେ ଦୁଇ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଜଣେ ବ୍ୟକ୍ତି ଏବେ ବି ନିଖୋଜ ଅଛନ୍ତି ଏବଂ ସନ୍ଧାନ ଜାରି ରହିଛି। ସରକାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ସଂଘର୍ଷ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ଆଉ କିଛି ଭାରତୀୟ ନାଗରିକ ମଧ୍ୟ ଆହତ ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ ଇସ୍ରାଏଲରେ ଜଣେ ଭାରତୀୟ ଆହତ ହୋଇଛନ୍ତି। ଦୁବାଇରେ ଆଉ ଜଣେ ଆହତ ହୋଇଥିବା ଜଣାପଡିଛି। ଭାରତୀୟ ଦୂତାବାସ ଏବଂ ଅଧିକାରୀମାନେ ଏହି ସମସ୍ତ ବ୍ୟକ୍ତିଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି। ପ୍ରାୟ ୧୦ ନିୟୁତ ଭାରତୀୟ ଉପସାଗରୀୟ ଦେଶରେ ବାସ କରନ୍ତି। ତେଣୁ ସେମାନଙ୍କ ସୁରକ୍ଷା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ସମସ୍ତ ମଧ୍ୟପ୍ରାଚ୍ୟ ଦେଶର ଭାରତୀୟ ଦୂତାବାସଗୁଡ଼ିକ ସେଠାରେ ରହୁଥିବା ଭାରତୀୟମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମଧ୍ୟ ତିଆରି କରିଛି। ଏହି ନିୟନ୍ତ୍ରଣ କକ୍ଷ ବିପଦରେ ଥିବା ଭାରତୀୟମାନଙ୍କ କଲ୍ ଏବଂ ଇମେଲର ଉତ୍ତର ଦେଉଛି। ଆବଶ୍ୟକ ସମୟରେ ସହାୟତା ପ୍ରଦାନ କରିବା ପାଇଁ ଏହା ଦୂତାବାସଗୁଡ଼ିକ ସହିତ ସମନ୍ୱୟ ମଧ୍ୟ ରଖିଛି ବୋଲି ସେ କହିଛନ୍ତି।

କେବଳ ଗୋଟିଏ ଦିନରେ, ନିୟନ୍ତ୍ରଣ କକ୍ଷକୁ ସାହାଯ୍ୟ ଏବଂ ସୂଚନା ପାଇଁ ୭୫ଟି ଫୋନ୍ କଲ୍ ଏବଂ ୧୧ଟି ଇମେଲ୍ ମିଳିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବୈଦେଶିକ ମନ୍ତ୍ରୀମାନେ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅନେକ ମଧ୍ୟପ୍ରାଚ୍ୟ ଦେଶର ନେତାମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସେ ୟୁଏଇ, କତାର, ସାଉଦି ଆରବ, ଓମାନ, ବାହାରିନ, ଜୋର୍ଡାନ, କୁଏତ ଏବଂ ଇସ୍ରାଏଲର ନେତାମାନଙ୍କ ସହିତ କଥା ହୋଇଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ, ଏସ. ଜୟଶଙ୍କର, ଇରାନ ସମେତ ଏହି ଅଞ୍ଚଳର ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନଙ୍କ ସହିତ ମଧ୍ୟ ନିରନ୍ତର ଯୋଗାଯୋଗରେ ଅଛନ୍ତି।




ଇରାନକୁ ଚକମା ଦେଲା ଭାରତ

# ମୁମ୍ବାଇରେ ପହଞ୍ଚିଲା ବିଶାଳ ତୈଳବାହୀ ଜାହାଜ

**ମୁମ୍ବାଇ, ୧୨।୩:** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଲାଗିରହିଥିବା ଯୁଦ୍ଧ କାରଣରୁ ହର୍ମୁଜ୍ ଜଳପଥରେ ବାଣିଜ୍ୟିକ କାରବାର ପ୍ରାୟତଃ ଠପ୍ ହୋଇଯାଇଛି। ଚୀନକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେଶର ତୈଳବାହୀ ଜାହାଜକୁ ଛାଡ଼ିବ ନାହିଁ ବୋଲି ଇରାନ ଧମକ ଦେଇଛି। ଏହାରି ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଏକ ତୈଳବାହୀ ଜାହାଜ ହର୍ମୁଜ୍ ଜଳପଥ ଅତିକ୍ରମ କରି ସୁରକ୍ଷିତ ଭାବେ ମୁମ୍ବାଇ ବନ୍ଦରରେ ପହଞ୍ଚିବାରେ ସଫଳ ହୋଇଛି।

ସାଉଦି ଆରବରୁ ଅଶୋଧିତ ତୈଳ ଆଣିଥିବା ଏହି ଜାହାଜର ନାମ ହେଉଛି 'ସେନଲଙ୍ଗ୍ ସୁଏଜମାକ୍ସ' ଏବଂ ଏଥିରେ ଲାଇବେରିଆର ପତାକା ଲାଗିଛି। ଜଣେ ଭାରତୀୟ କ୍ୟାପଟେନ୍ ସୁକ୍ଷାନ୍ତ ସିଂହ ସାନ୍ଧୁ ଏହାର ନେତୃତ୍ୱ ନେଉଛନ୍ତି। ମାର୍ଚ୍ଚ ୧ ତାରିଖରେ ସାଉଦିର ରାସ୍ ତନୁରା ବନ୍ଦରରୁ ଏହି ଜାହାଜରେ ତୈଳ ଲୋଡ୍ କରାଯାଇଥିଲା। ଇରାନର ଆଖିରୁ ବର୍ତ୍ତିବା ପାଇଁ ଜାହାଜଟି ହର୍ମୁଜ୍ ଜଳପଥ ଭିତରେ ନିଜର ଟ୍ରାନ୍ସପଣ୍ଡର ଏବଂ ଏଆଇଏସକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା। ମାର୍ଚ୍ଚ ୮ ତାରିଖରେ ଏହା ରାଡାରରୁ ଗାଏବ ହୋଇଯାଇଥିଲା ଏବଂ ବିପଦପୂର୍ଣ୍ଣ ଜଳପଥ ଅତିକ୍ରମ କରିବା ପରେ ମାର୍ଚ୍ଚ ୯ରେ ପୁଣିଥରେ ଟ୍ରାକିଂ ଡାଟାବେସରେ ଦେଖାଦେଇଥିଲା। ଶେଷରେ ବୁଧବାର ଦିନ ୧ଟା ବେଳେ ଏହା ମୁମ୍ବାଇ ବନ୍ଦରରେ ପହଞ୍ଚିଥିଲା।

ମୁମ୍ବାଇ ପୋର୍ଟ ଅଥରିଟିର (ଏମବିପିଏ) ଡେପୁଟି କଞ୍ଜରଭେଟର ପ୍ରବୀଣ ସିଂହଙ୍କ ସୂଚନା ଅନୁଯାୟୀ, ଜାହାଜରେ ୧,୩୫,୩୩୫ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ରହିଛି। ଜବାହର ଦ୍ୱୀପରେ ସନ୍ଧ୍ୟା ୬.୦୬ ମିନିଟରେ ଜାହାଜ ଲାଗିବା ପରେ ତୈଳ ଖଲାସ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ତୈଳ ପୂର୍ବ ମୁମ୍ବାଇର ମାହୁଲ ସ୍ଥିତ ରିଫାଇନାରୀକୁ ଯିବ। ଆଟଲାଣ୍ଟିକ୍ ଗ୍ଲୋବାଲ୍ ସିପିଂର ଜିତେନ୍ଦ୍ର ଯାଦବଙ୍କ ଅନୁଯାୟୀ, ଜାହାଜରେ ମୋଟ ୨୯ ଜଣ (ଭାରତୀୟ, ପାକିସ୍ତାନୀ ଏବଂ ଫିଲିପାଇନ୍ସ)କୁ ସଦସ୍ୟ ଅଛନ୍ତି ଏବଂ କାର୍ଗୋ ଖାଲି କରିବାକୁ ପ୍ରାୟ ୩୬ ଘଣ୍ଟା ସମୟ ଲାଗିବ।

# ଇରାନୀ ସ୍ଲିପର ସେଲ୍ ଟାର୍ଗେଟ୍‌ରେ ବଡ଼ ମୁଣ୍ଡ




ଲକ୍ଷ୍ୟ ହାସଲ ଦିଗରେ ୭୫୦ ଏଜେଣ୍ଟ

**ନ୍ୟୁୟର୍କ, ୧୨।୩:** ମଧ୍ୟପ୍ରାଚ୍ୟ ଯୁଦ୍ଧର ନିଆଁ ଏବେ ସିଧାସଳଖ ଆମେରିକାରେ ପହଞ୍ଚିଛି। ଏ ବିଷୟରେ ଦୁଇଟି ତଥ୍ୟ ରିପୋର୍ଟ କରାଯାଉଛି। ପ୍ରଥମତଃ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆମେରିକାର କାଲିଫର୍ନିଆରେ ଡ୍ରୋନ୍ ଆକ୍ରମଣ କରିପାରେ ବୋଲି ଏଫ୍‌ବିଆଇ ଏସମ୍ପର୍କରେ ଏକ ସତର୍କ ସୂଚନା ଜାରି କରିଛି। ଇରାନ କାଲିଫର୍ନିଆର ପ୍ରମୁଖ ଟେକ୍ କମ୍ପାନିଗୁଡ଼ିକୁ ଟାର୍ଗେଟ କରୁଛି। କାଲିଫର୍ନିଆରେ ଆକ୍ରମଣ କରି, ଇରାନ ବିଶ୍ୱବ୍ୟାପୀ ଟେକ୍ ସେବାଗୁଡ଼ିକୁ ବାଧା ଦେବାକୁ ଚାହୁଁଛି। ଏହା ସହିତ, ଆମେରିକା ଭିତରେ ଇରାନୀ ସ୍ଲିପର୍ ସେଲ୍ କାର୍ଯ୍ୟ କରୁଥିବା ରିପୋର୍ଟ ମଧ୍ୟ ରହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଏହାକୁ ସ୍ୱୀକାର କରିଛନ୍ତି। ୨୦୨୫ ମସିହାରେ ଏକ ଆମେରିକୀୟ କଂଗ୍ରେସ ବୈଠକରେ ଏକ ବିବୃତିରେ, ରିପବ୍ଲିକାନ୍ କଂଗ୍ରେସମ୍ୟାନ୍ ବାରାଡ୍ କନଟ୍ କହିଥିଲେ, ଟ୍ରମ୍ପ ପ୍ରଶାସନ ପ୍ରଥମେ ୧୫୦୦ ସ୍ଲିପର୍ ସେଲ୍ ଏଜେଣ୍ଟଙ୍କୁ ଧରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ୭୫୦ ଜଣଙ୍କୁ ମୁକ୍ତ କରାଯାଇଥିଲା। ଏବେ, ସେମାନେ ସମସ୍ତେ ଆମେରିକାରେ ଲୁଚି ରହିଛନ୍ତି। ସେମାନଙ୍କ ବିଷୟରେ ସୂଚନା ମଧ୍ୟ ନାହିଁ।

ରାଷ୍ଟ୍ରପତି ହେବା ପରେ, ଟ୍ରମ୍ପ ପୂର୍ବର ଜୋ ବାଇଡେନ ପ୍ରଶାସନ ଉପରେ ଇରାନୀ ସ୍ଲିପର୍ ସେଲ୍‌କୁ ମଜବୁତ କରିବାର ଅଭିଯୋଗ ମଧ୍ୟ ଲଗାଇଥିଲେ। ଆମେରିକାରେ ଇରାନୀ ସ୍ଲିପର୍ ସେଲ୍‌ର ଏଜେଣ୍ଟମାନେ ଡୋନାଲ୍ଡ ଟ୍ରମ୍ପ ଏବଂ ପୂର୍ବତନ ଏନ୍‌ଏସ୍‌ଏ ଜନ୍ ବୋଲ୍ଟନ୍‌ଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ହତ୍ୟା କରିବାକୁ ଚେଷ୍ଟା କରୁଥିବାର ଅଭିଯୋଗ ହୋଇଛି। ଏଫ୍‌ବିଆଇ ଅନୁସାରେ ଇରାନୀ ସ୍ଲିପର ସେଲ୍ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଅନ୍ୟ ଅନେକ ଉଚ୍ଚ ଆମେରିକୀୟ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରୁଛନ୍ତି। ଏହା ସହିତ ଲସ୍ ଆଞ୍ଜେଲସ୍ ସମେତ ଆମେରିକାରେ ରହୁଥିବା ୭ ଲକ୍ଷରୁ ଅଧିକ ଇରାନୀ-ଆମେରିକୀୟ ନାଗରିକ ମଧ୍ୟ ସ୍ଲିପର୍ ସେଲ୍ ଟାର୍ଗେଟରେ ଅଛନ୍ତି। ସ୍ଲିପର୍ ସେଲ୍‌ର ପ୍ରାଥମିକ କାର୍ଯ୍ୟ ହେଉଛି ଟାର୍ଗେଟେଡ୍ କିଲିଂ। ଯାହା ଦେଶକୁ ହିଂସା ଭିତରକୁ ଠେଲିଦେବ। ସ୍ଲିପର୍ ସେଲ୍ ଏଜେଣ୍ଟମାନେ ଏଥିପାଇଁ ଭଡାଟିଆ ହତ୍ୟାକାରୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି। ଚଳିତ ମାସର ଆରମ୍ଭରେ, ଆମେରିକାର ଏକ ଜେଲ୍‌ରେ ଥିବା ଜଣେ ପାକିସ୍ତାନୀ ବାସିନ୍ଦା ଏକ ଇରାନୀ ସ୍ଲିପର୍ ସେଲ୍ ପାଇଁ କାମ କରୁଥିବା ସ୍ୱୀକାର କରିଥିଲେ।

# ଗ୍ୟାସ୍ ପାଇପଲାଇନ୍ ଓ ଟ୍ୟାଙ୍କରକୁ ଉଡ଼ାଇଲେ ବଲୁଚ ବିଦ୍ରୋହୀ



**ନୂଆଦିଲ୍ଲୀ, ୧୨।୩:** ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଘନଉଥିବା ବେଳେ ପାକିସ୍ତାନ ଏବେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢ଼ୁଥିବା ସଂଗଠନଗୁଡ଼ିକ ପକ୍ଷରୁ କରାଯାଇଥିବା ସିରିଜ୍ ଆକ୍ରମଣରେ ପାକିସ୍ତାନୀ ସେନା ଛତ୍ରଭଙ୍ଗ ଦେଇଥିବା ବେଳେ ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ବୁଧବାର ସନ୍ଧ୍ୟାରେ ସିନ୍ଧ ପ୍ରଦେଶର କାଶମୋର ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ କରିଛି। ସୁଇ ଗ୍ୟାସ୍ କ୍ଷେତ୍ରରୁ କରାଚୀକୁ ଇନ୍ଧନ ନେଇଯାଉଥିବା ୩୬ ଇଞ୍ଚର ପ୍ରମୁଖ ପାଇପଲାଇନକୁ ବିସ୍ଫୋରକ ଦ୍ୱାରା ଉଡ଼ାଇ ଦିଆଯାଇଛି। ବିଆରଜି ମୁଖପାତ୍ର ଦୋସ୍ତାଇନ୍ ବଲୁଚ୍ କହିଛନ୍ତି ଯେ, ବଲୁଚିସ୍ତାନର ପ୍ରାକୃତିକ ସମ୍ପଦକୁ ପାକିସ୍ତାନ ସରକାର ଯେଉଁ ଶୋଷଣ କରୁଛନ୍ତି, ଏହା ତାହାର କଡ଼ା ଜବାବ। ଅନ୍ୟପଟେ, ବଲୁଚିସ୍ତାନ ଲିବରେସନ ଫ୍ରଣ୍ଟ (ବିଏଲଏଫ୍) ସେନା ବିରୁଦ୍ଧରେ ଏକ ବଡ଼ ଅପରେସନ ଆରମ୍ଭ କରିଛି। ଟମ୍ପ ଅଞ୍ଚଳର ଆପସି ଖାନଠାରେ ଥିବା ପାକିସ୍ତାନୀ ସାମରିକ ଚେକପୋଷ୍ଟକୁ ଚାରିପଟୁ ଘେରିଯାଇ ବିଏଲଏଫ୍ ଯୋଦ୍ଧାମାନେ ରକେଟ୍, ମୋର୍ଟାର ଓ ସ୍ନାଇପର ରାଇଫଲ୍‌ରେ ପ୍ରବଳ ଗୁଳିବର୍ଷା କରିଥିଲେ। ଏହି ଭୟଙ୍କର ରକ୍ତପାତରେ ୧୫ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ସେନା ମୃତଦେହ ଉଦ୍ଧାର କରିବାକୁ ଯାଉଥିବା ସମୟରେ ବିଦ୍ରୋହୀମାନେ ପୂର୍ବରୁ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ କରିଥିଲେ, ଯେଉଁଥିରେ ସାମରିକ ଗାଡ଼ି ସହ ଆହୁରି ୪ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ, ଡୁରବତ ନିକଟରେ ପଞ୍ଜାବ ପ୍ରଦେଶକୁ ଯାଉଥିବା ଦୁଇଟି ଗ୍ୟାସ୍ ଟ୍ୟାଙ୍କରକୁ ବିଦ୍ରୋହୀମାନେ ନିଆଁ ଲଗାଇ ଭସ୍ମ କରିଦେଇଛନ୍ତି। ଏହି ଘଟଣା ପରେ ପାକିସ୍ତାନର ଶିଳ୍ପାଞ୍ଚଳଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ ହୋଇଯାଇଥିବାରୁ ଦେଶରେ ଏକ ବଡ଼ ଧରଣର ଅର୍ଥନୈତିକ ସଙ୍କଟ ଦେଖାଦେଇଛି।

### ଉପସାଗରୀୟ ଦେଶ ଉପରେ ଇରାନ ଆକ୍ରମଣକୁ ନିନ୍ଦା

# ଜାତିସଂଘ ସୁରକ୍ଷା ପରିଷଦରେ ନିନ୍ଦା ପ୍ରସ୍ତାବ ପାରିତ




**ବାହାରିନ, ୧୨।୩:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ସାମରିକ ସଂଘର୍ଷ ମଧ୍ୟରେ, ଜାତିସଂଘ ସୁରକ୍ଷା ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାସ୍ କରିଛି। ବାହାରିନ ନେତୃତ୍ୱରେ ଏହି ପ୍ରସ୍ତାବରେ ଉପସାଗରୀୟ ଦେଶଗୁଡ଼ିକ ଉପରେ ଇରାନର ସାମ୍ପ୍ରତିକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆକ୍ରମଣକୁ ଆଞ୍ଚଳିକ ସ୍ଥିରତା ପାଇଁ ଏକ ଗମ୍ଭୀର ବିପଦ ଭାବରେ ବର୍ଣ୍ଣନା କରାଯାଇଛି।

ଏହା ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଇରାନ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଏବଂ ରଣନୈତିକ ସମ୍ପତ୍ତିକୁ ଟାର୍ଗେଟ କରୁଛି। ସୁରକ୍ଷା ପରିଷଦ ପ୍ରସ୍ତାବ ସପକ୍ଷରେ ମୋଟ ୧୩ଟି ଦେଶ ଭୋଟ ଦେଇଥିଲେ, ଯେତେବେଳେ ଚୀନ୍ ଏବଂ ରୁଷ ବିରତ ରହି ବିଶ୍ୱକୁ ଚକିତ କରିଛନ୍ତି। ତେବେ କୌଣସି ସଦସ୍ୟ ରାଷ୍ଟ୍ର ପ୍ରସ୍ତାବକୁ ବିରୋଧ କରିନାହାଁନ୍ତି।

ପ୍ରସ୍ତାବକୁ ସମର୍ଥନ କରୁଥିବା ଦେଶମାନଙ୍କ ମଧ୍ୟରେ ପାକିସ୍ତାନ ରହିଛି। ପାକିସ୍ତାନ କହିଛି ଯେ ଆମେ ମଧ୍ୟ ଏହି ଆକ୍ରମଣର ପ୍ରଭାବରୁ ମୁକ୍ତ ନୁହଁ। ଆଞ୍ଚଳିକ ଶାନ୍ତି ବଜାୟ ରଖିବା ପାଇଁ ପ୍ରସ୍ତାବକୁ ପାକିସ୍ତାନ ସମର୍ଥନ କରିଛି ବୋଲି କହି ଇରାନ ପିଠିରେ ଛୁରି ଭୁଷିଛି। ଏହି ପ୍ରସ୍ତାବରେ ବାହାରିନ, କୁଏତ, ଓମାନ, କତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଜୋର୍ଡାନ ବିରୋଧରେ ଇରାନର ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ପରିଷଦ କହିଛି, ଏପରି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ଉଲଙ୍ଘନ କରିବା ସହ ବିଶ୍ୱଶାନ୍ତି ତଥା ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଥାଏ।

### ଯୁଦ୍ଧ ସଙ୍କଟ

# ତିନିଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠିତ



ଅମିତ ଶାହଙ୍କ ଅଧ୍ୟକ୍ଷତାରେ କମିଟି

**ନୂଆଦିଲ୍ଲୀ, ୧୨।୩:** ଇରାନରେ ଚାଲିଥିବା ସଙ୍କଟକୁ ଦୃଷ୍ଟିରେ ରଖି, କେନ୍ଦ୍ର ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିବା ଏବଂ ସମ୍ଭାବ୍ୟ ପ୍ରଭାବର ମୁକାବିଲା କରିବା ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ ମନ୍ତ୍ରୀ ଗୋଷ୍ଠୀ ଗଠନ କରିଛନ୍ତି। ଏହି ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଅଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ତଥାପି, ସରକାର କହିଛନ୍ତି ଯେ ବର୍ତ୍ତମାନ ଦେଶ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖାଯାଉନାହିଁ।

କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ବ୍ୟତୀତ, ଏହି ଗୋଷ୍ଠୀରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ଅଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କୂଟନୈତିକ ସ୍ତରରେ ପରିସ୍ଥିତି ସମୀକ୍ଷା କରିବ, ପେଟ୍ରୋଲିୟମ ମନ୍ତ୍ରଣାଳୟ ବିଶ୍ୱ ତୈଳ ଏବଂ ଗ୍ୟାସ ଯୋଗାଣ ଶୃଙ୍ଖଳ ଉପରେ ପ୍ରଭାବ ବିଶ୍ଳେଷଣ କରିବ। ସମ୍ଭାବ୍ୟ ଅଭାବ କିମ୍ବା ବାଧା, ବିଶେଷକରି ଏଲପିଜିର ସମାଧାନ ପାଇଁ ବିକଳ୍ପ ଉତ୍ସ ଏବଂ ଯୋଗାଣ ପରିଚାଳନା ଉପରେ ମଧ୍ୟ ବିଚାର କରାଯାଉଛି। ବର୍ତ୍ତମାନ ଅନେକ କ୍ଷେତ୍ରରେ ଏଲପିଜି ସିଲିଣ୍ଡରର ଅଭାବ ରହିଛି, ଯାହା କଷ୍ଟକର ପରିସ୍ଥିତି ସୃଷ୍ଟି କରୁଛି। ଘରୋଇ ଗ୍ରାହକମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ଆଗୁଆ ପ୍ରସ୍ତୁତି କରାଯାଉଛି ବୋଲି ସରକାର ସୂଚିତ କରିଛନ୍ତି। ପର୍ଯ୍ୟାପ୍ତ ସଂରକ୍ଷଣ ବଜାୟ ରଖିବା ଏବଂ ବଣ୍ଟନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ତୈଳ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମନ୍ତ୍ରୀ ଗୋଷ୍ଠୀ, ଅନ୍ୟାନ୍ୟ ପ୍ରାସଙ୍ଗିକ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ, ଦେଶର ଶକ୍ତି ସୁରକ୍ଷା ଏବଂ ସାଧାରଣ ଜନତାଙ୍କ ଆବଶ୍ୟକତା ଉପରେ ସଙ୍କଟର ପ୍ରଭାବକୁ କମ କରିବା ପାଇଁ ପରିସ୍ଥିତିର ନିରନ୍ତର ସମୀକ୍ଷା କରିବେ।

### ଦେଶରେ ଏଲପିଜି, ଗ୍ୟାସ ଓ ତେଲ ସଙ୍କଟ

# ଭୁଲ ବୈଦେଶିକ ନୀତିକୁ ଦାୟୀ କଲେ ରାହୁଲ




**ନୂଆଦିଲ୍ଲୀ, ୧୨।୩:** ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଗ୍ୟାସ ସିଲିଣ୍ଡରକୁ ନେଇ ବିରୋଧ କରିଥିଲେ। ମୁଲତବୀ ପରେ ବିରୋଧୀ ସାଂସଦମାନେ ସଂସଦ ପରିସରରେ ସ୍ଲୋଗାନ ଦେଇଥିଲେ। ଦେଶର ବର୍ତ୍ତମାନର ଇନ୍ଧନ ସଙ୍କଟ ଉପରେ କହିବା ପାଇଁ ରାହୁଲ ଗାନ୍ଧୀ ଅନୁମତି ମାଗିଥିଲେ। କିନ୍ତୁ ତାଙ୍କୁ ଅନୁମତି ମିଳିନଥିଲା। ବାଚସ୍ପତି କହିଥିଲେ ଯେ, ନିୟମ ପରିବର୍ତ୍ତନ ହୋଇଛି।

ଦେଶର ଶକ୍ତି ସୁରକ୍ଷା ଏବଂ ସମ୍ଭାବ୍ୟ ଇନ୍ଧନ ଅଭାବ ବିଷୟରେ ରାହୁଲ ଗାନ୍ଧୀ ଲୋକସଭାରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସେ ଏଲପିଜି ଗ୍ୟାସ ଏବଂ ତେଲର ପରିସ୍ଥିତି ଉପରେ ସଂସଦରେ ଏକ ବିବୃତ୍ତି ଦେବାକୁ ଚାହୁଁଥିଲେ। କିନ୍ତୁ ତାଙ୍କୁ କହିବାକୁ ଦିଆଯାଇନଥିଲା। ରାହୁଲ ଗାନ୍ଧୀ କହିଛନ୍ତି ଯେ, ସାଧାରଣ ପ୍ରକ୍ରିୟା ହେଉଛି ଆପଣ କହିବା ପାଇଁ ଅନୁମତି ମାଗିପାରିବେ। ତେଣୁ ମୁଁ ଦେଶରେ ଏଲପିଜି, ଗ୍ୟାସ ଏବଂ ତେଲର ପରିସ୍ଥିତି ବିଷୟରେ କହିବାକୁ ଅନୁମତି ମାଗିଥିଲି। କିନ୍ତୁ ଏବେ ଏକ ନୂତନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ମନ୍ତ୍ରୀ ପ୍ରଥମେ ନିଷ୍ପତ୍ତି ନେବେ। ପରେ ମୁଁ କହିବି ଏବଂ ତା'ପରେ ମନ୍ତ୍ରୀ ଉତ୍ତର ଦେବେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ଭାରତର ଶକ୍ତି ସୁରକ୍ଷା ବିପଦରେ ଥିବାରୁ ଦେଶ ଭବିଷ୍ୟତରେ ଏକ ବଡ଼ ଇନ୍ଧନ ସଙ୍କଟର ସମ୍ମୁଖୀନ ହୋଇପାରେ। ସେ ଏଥିପାଇଁ ସରକାରଙ୍କ ଭୁଲ ବୈଦେଶିକ ନୀତିକୁ ଦାୟୀ କରିଛନ୍ତି। ଯଦି ସଠିକ ସମୟରେ ପ୍ରସ୍ତୁତି ନ କରାଯାଏ, ତେବେ ଲକ୍ଷ ଲକ୍ଷ ଲୋକ କ୍ଷତି ସହିପାରନ୍ତି ବୋଲି କହିଛନ୍ତି ରାହୁଲ।

# ଫାରୁକ୍ ଅବଦୁଲ୍ଲାଙ୍କୁ ଗୁଳିକରି ହତ୍ୟା ଉଦ୍ୟମ



**ଜମ୍ମୁ, ୧୨।୩:** ଅଳ୍ପକେ ବର୍ତ୍ତିଲେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ। ଜମ୍ମୁରେ ଏକ ହୋଟେଲରେ କାର୍ଯ୍ୟକ୍ରମବେଳେ ଫାରୁକଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ଦୁର୍ବୃତ୍ତ ଜଣକ ଅତି ନିକଟରୁ ଫାରୁକ୍ ଅବଦୁଲ୍ଲାଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲା। ଜମ୍ମୁର ଗ୍ରେଟର କୈଳାସ ଅଞ୍ଚଳରେ ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଫାରୁକ୍ ଅବଦୁଲ୍ଲା ଏବଂ ତାଙ୍କ ସହ ଗାଡ଼ିରେ ଥିବା ଉପ-ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। କାହାରିକୁ କୌଣସି ଆଘାତ ଲାଗିନାହିଁ। ସୁରକ୍ଷାକର୍ମୀ ଦୁର୍ବୃତ୍ତକୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତର ନାମ କମଲ ସିଂ ଜାମୱାଲ। ଅଭିଯୁକ୍ତ କହିଛି, ସେ ୨୦ ବର୍ଷ ହେଲା ଫାରୁକ ଅବଦୁଲ୍ଲାଙ୍କୁ ହତ୍ୟା କରିବାକୁ ଚାହୁଁଥିଲା।

# ଇସିଙ୍କୁ ହଟାଇବାକୁ ଏକଜୁଟ ହେଲେ ସାଂସଦ!



**ନୂଆଦିଲ୍ଲୀ, ୧୨।୩:** ସୂତ୍ର ଅନୁସାରେ ଲୋକସଭାର ୧୩୦ ଓ ରାଜ୍ୟସଭାର ୬୩ ଜଣ ସାଂସଦ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ଏକ ନୋଟିସରେ ସ୍ୱାକ୍ଷର କରିଛନ୍ତି। ଏହି ନୋଟିସ୍ ମାର୍ଚ୍ଚ ୧୩ ଶୁକ୍ରବାର ସଂସଦର କୌଣସି ସଦନରେ ଉପସ୍ଥାପିତ ହୋଇପାରେ। ତେବେ ଏହା କେଉଁ ସଦନରେ ଉପସ୍ଥାପିତ ହେବ ତାହା ସ୍ପଷ୍ଟ ହୋଇନାହିଁ। ବିରୋଧୀ ଦଳର ଜନୈକ ନେତା ଏହି ନୋଟିସରେ ସାଂସଦମାନେ ସ୍ୱାକ୍ଷର କରିବାକୁ ବିଶେଷ ରୁଚି ଦେଖାଇଥିବା କହିଛନ୍ତି ଓ ଏଥିରେ ଗୁରୁବାର ମଧ୍ୟ କିଛି ସାଂସଦ ସ୍ୱାକ୍ଷର କରିଥିଲେ ଯେତେବେଳେ ଏଥିପାଇଁ ଆବଶ୍ୟକ ସଂଖ୍ୟା ପୂର୍ବରୁ ପୁରା ହୋଇସାରିଥିଲା। ନିୟମ ଅନୁସାରେ ନିର୍ବାଚନ କମିଶନରଙ୍କୁ ପଦରୁ ହଟାଇବା ପାଇଁ ଲୋକସଭାର ଅନୁନ୍ୟ ୧୦୦ ଜଣ ସାଂସଦଙ୍କ ସ୍ୱାକ୍ଷର ଆବଶ୍ୟକ, ସେହିପରି ରାଜ୍ୟସଭା ଲାଗି ଏହି ସଂଖ୍ୟା ୫୦। ସୂତ୍ର ଅନୁସାରେ ଇଣ୍ଡି ମେଣ୍ଟର ସାଂସଦମାନେ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି। ଏଥିରେ ଏବେ ଆମ ଆଦମୀ ପାର୍ଟି (ଆପ) ସାଂସଦମାନେ ଯେଉଁମାନେ ଔପଚାରିକ ରୂପେ ମେଣ୍ଟର ସଦସ୍ୟ ନୁହନ୍ତି ସେମାନେ ମଧ୍ୟ ଏହି ନୋଟିସରେ ସ୍ୱାକ୍ଷର କରିଥିବା ଜଣାପଡିଛି। ଭାରତର ରାଜନୈତିକ ଇତିହାସରେ ଏହା ପ୍ରଥମ ଥର ହେବାକୁ ଯାଉଛି ଯେତେବେଳେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବା ପାଇଁ ସାଂସଦ ମେଳି ହୋଇଛନ୍ତି। ଉଚ୍ଚ ପଦସ୍ଥ ସୂତ୍ର ଅନୁସାରେ ଏହି ନୋଟିସରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ୭ଟି ଅଭିଯୋଗ ରହିଛି। ଏଥିରେ ପଦବୀରେ ରହି ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ଆଚରଣ, ନିର୍ବାଚନୀ ଅନିୟମିତତା ଯାଞ୍ଚରେ ଜାଣିଶୁଣି ବାଧା ଦେବାରେ ସାମିଲ ହେବା ଆଦି ଅଭିଯୋଗ ରହିଛି। କେତେକ ଅବସରରେ ବିରୋଧୀ ଦଳ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ବିଜେପିକୁ ସହଯୋଗ କରୁଥିବାର ଅଭିଯୋଗ କରିଛନ୍ତି। ବିଶେଷ କରି ଏବେ ଚାଲିଥିବା ଭୋଟର ଲିଷ୍ଟ ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର) ମାମଲାରେ ନିର୍ବାଚନ କମିଶନର ପକ୍ଷପାତିତା କରୁଥିବା ଅଭିଯୋଗ ହେଉଛି।

### ଅନାସ୍ଥା ପ୍ରସ୍ତାବ ପରେ ବିରୋଧୀଙ୍କୁ ବାଚସ୍ପତିଙ୍କ କଡ଼ା ଜବାବ

# ସଂସଦ ନିୟମରେ ଚାଲେ, କାହାରି ବିଶେଷ ଅଧିକାର ନାହିଁ



**ନୂଆଦିଲ୍ଲୀ, ୧୨।୩:** ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନିମ୍ନ ସଦନରେ କାଟ୍ ଖାଇବା ପରେ ଆଜି ପୁଣି ଥର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିବା ସହ ବିରୋଧୀଙ୍କ ସମସ୍ତ ଅଭିଯୋଗର ଶାଣିତ ଜବାବ ରଖିଛନ୍ତି ଓମ୍ ବିର୍ଲା। ସେ ସ୍ପଷ୍ଟ କରିଛନ୍ତି ଯେ, ସଂସଦ କୌଣସି ବ୍ୟକ୍ତିବିଶେଷଙ୍କ ଇଚ୍ଛା ବା ବିଶେଷାଧିକାରରେ ନୁହେଁ, ବରଂ ନିୟମ ଓ ପରମ୍ପରା ଆଧାରରେ ପରିଚାଳିତ ହୁଏ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ଅନୁମତି ଦିଆଯାଉ ନଥିବା ନେଇ ବିରୋଧୀ ସାଂସଦଙ୍କ ଅଭିଯୋଗ ଉପରେ ବାଚସ୍ପତି କହିଛନ୍ତି ଯେ, ଗୃହରେ ନେତା ଯିଏ ବି ହୁଅନ୍ତୁ, ସମସ୍ତଙ୍କୁ ନିୟମ ଓ ପ୍ରକ୍ରିୟା ମଧ୍ୟରେ ହିଁ କହିବାକୁ ହେବ। କୌଣସି ନିର୍ଦ୍ଦିଷ୍ଟ ବିଷୟରେ କହିବା ବା ନ କହିବା ବିରୋଧୀ ଦଳ ନେତାଙ୍କର କୌଣସି ସ୍ୱତନ୍ତ୍ର ବିଶେଷାଧିକାର ନୁହେଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମନ୍ତ୍ରୀ, ନିୟମ ୩୭୦ ଅନୁଯାୟୀ ପ୍ରତ୍ୟେକ ସଦସ୍ୟଙ୍କୁ ପୂର୍ବ ଅନୁମତି ନେବାକୁ ପଡ଼ିଥାଏ। ଏହି ସଦନ ଭାରତର ୧୪୦ କୋଟି ନାଗରିକଙ୍କ ସାର୍ବଭୌମ ଇଚ୍ଛାକୁ ପ୍ରତିନିଧିତ୍ୱ କରେ। ସେ ସର୍ବଦା ଚେଷ୍ଟା କରିଛନ୍ତି ଯେପରି ପ୍ରତ୍ୟେକ ସଦସ୍ୟ ନିଜର ମତାମତ ରଖିପାରିବେ। ଗତ ୧୦ ଫେବୃଆରୀ, ୨୦୨୬ରେ ବିରୋଧୀଙ୍କ ଦ୍ୱାରା ଦିଆଯାଇଥିବା ଅନାସ୍ଥା ନୋଟିସକୁ ସ୍ୱୀକାର କରି ସେ ଗୃହର କାର୍ଯ୍ୟଧାରାରୁ ନିଜକୁ ଦୂରେଇ ରଖିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, 'ସଂସଦୀୟ ଗଣତନ୍ତ୍ରରେ ମୋର ଅତୁଟ ବିଶ୍ୱାସ ରହିଛି। ଆଲୋଚନା ସମୟରେ ଆସିଥିବା ସମସ୍ତ ସମର୍ଥନ ଓ ସମାଲୋଚନାକୁ ମୁଁ ସମ୍ମାନର ସହ ଗ୍ରହଣ କରୁଛି। ଏହି ଆସନ କୌଣସି ବ୍ୟକ୍ତିର ନୁହେଁ, ଏହା ସମ୍ବିଧାନର ଆତ୍ମା ଓ ମହାନ ପରମ୍ପରାର ପ୍ରତୀକ। ସଦନ ତାଙ୍କ ଉପରେ ପୁନଃ ସ୍ଥାପନ କରିଥିବା ବିଶ୍ୱାସ ପାଇଁ ସେ କୃତଜ୍ଞତା ଜ୍ଞାପନ କରିବା ସହ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିଜର ଦାୟିତ୍ୱ ତୁଲାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି'।

### ଧର୍ମ ନାମରେ ବଳି ବିରୋଧରେ ଜନସ୍ୱାର୍ଥ ମାମଲା

# କେନ୍ଦ୍ରଠାରୁ ଜବାବ ଲୋଡ଼ିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୨।୩:** ଧର୍ମ ନାମରେ ବଳି ଉପରେ ରୋକ ଲଗାଇବା ପାଇଁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆବେଦନ ଓକିଲ ଶ୍ରୁତି ବିଷ୍ଟ ଦାଖଲ କରିଛନ୍ତି। ଆବେଦନରେ ଅଭିଯୋଗ କରାଯାଇଛି ଯେ, ମନ୍ଦିରରେ ଏବଂ ଧାର୍ମିକ ରୀତିନୀତି ସମୟରେ ବଳି ଦେବା ମାମଲାରେ ସରକାରୀ ସ୍ତରରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଆବେଦନରେ ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନର ଧାରା ୨୮ରେ ସଂଶୋଧନ ପାଇଁ ଦାବି କରାଯାଇଛି। ଏହି ବ୍ୟବସ୍ଥା କୌଣସି ଧାର୍ମିକ ପ୍ରଥା ସହିତ ସୁସଙ୍ଗତ ଭାବରେ ପ୍ରାଣୀ ହତ୍ୟାକୁ ଅପରାଧୀ ବିବେଚନା କରେ ନାହିଁ। ଆବେଦନକାରୀଙ୍କ ଯୁକ୍ତି ହେଉଛି, ଏହି ବ୍ୟବସ୍ଥା ପ୍ରାଣୀ ସୁରକ୍ଷାର ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁଛି ଏବଂ ସରକାରୀ ରାଜକୋଷ ତଥା ପ୍ରାଣୀ ଅଧିକାରକୁ କ୍ଷତି ପହଞ୍ଚାଉଛି। ଆବେଦନରେ ଧାର୍ମିକ ରୀତିନୀତି ସମୟରେ ବଳି ନିଷେଧ କରିବା ପାଇଁ କଠୋର ଆଇନ, ଜନସଚେତନତା ବୃଦ୍ଧି ଏବଂ ଅଣ-ସରକାରୀ ସଂଗଠନ ସହିତ ସହଯୋଗ ପାଇଁ ଦାବି କରାଯାଇଛି। ଆବେଦନରେ ଏହା ମଧ୍ୟ କୁହାଯାଇଛି, ସୁପ୍ରିମକୋର୍ଟ ପୂର୍ବରୁ ଅନେକ ମାମଲାରେ କହିସାରିଛନ୍ତି ଯେ, ପ୍ରତ୍ୟେକ ଜୀବର ନିଜ ଜୀବନ ବଞ୍ଚିବାର ଅଧିକାର ଅଛି। ପ୍ରାଣୀଙ୍କ ଜୀବନର ସୁରକ୍ଷା ମଧ୍ୟ ସମ୍ବିଧାନର ଧାରା ୨୧ର ବ୍ୟାପକ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ। କୋର୍ଟ ଚାରି ସପ୍ତାହ ପରେ ପୁଣି ଥରେ ମାମଲାର ଶୁଣାଣି କରିବେ।



ଓଡ଼ିଶାରେ ମହିଳା ନେତୃତ୍ୱର ନୂଆ ଅଧ୍ୟାୟ

# ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ମାଧ୍ୟମରେ ୬୭୬ ନେତ୍ରୀ ସଶକ୍ତ

**ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ):** ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ କୋଣାର୍କରେ ଆୟୋଜିତ ୬ଦିନିଆ 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ସଫଳତାର ସହ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ବୋଧିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ମିଶନ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ଓଡ଼ିଶାରେ ଏକ ଶକ୍ତିଶାଳୀ ମହିଳା-ନେତୃତ୍ୱାଧୀନ ରୂପାନ୍ତରଣ ଆନ୍ଦୋଳନରେ ପରିଣତ ହୋଇଛି। ଏହି ସମ୍ମିଳନୀ ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ, ଭାବନାତ୍ମକ ବୁଦ୍ଧିମତା, ଦକ୍ଷତା ବିକାଶ ଓ ଷ୍ଟାର୍ଟ-ଅପ୍ ସୁଯୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି, ଯାହା ଆଗାମୀ ଦିନରେ ଓଡ଼ିଶାକୁ ଏକ ନୂଆ ଦିଗଦର୍ଶନ ଦେବ। ସୂଚନାଯୋଗ୍ୟ ଯେ ମିଶନ ଶକ୍ତି ଇତିହାସରେ ପ୍ରଥମ କରି ୩୩୮ଟି ବ୍ଲକ୍‌ସ୍ତରୀୟ ମହାସଂଘର ୬୭୬ ଜଣ ସଭାପତି ଓ ସମ୍ପାଦିକା ଏବଂ ସମୁଦାୟ ୬୭୬ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ଗତ ୭ ତାରିଖରେ ଆରମ୍ଭ ହୋଇଥିଲା। ଏସ୍‌ଏଚ୍‌ଜିଗୁଡ଼ିକୁ କ୍ଷୁଦ୍ର ବ୍ୟବସାୟରେ ପରିଣତ କରିବା ସହ ସେମାନଙ୍କୁ ଆର୍ଥିକ ଓ ଡିଜିଟାଲ୍ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଅଧିକାରୀମାନେ ମତ ରଖିଛନ୍ତି।ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷ ଦିନରେ ଝାରସୁଗୁଡ଼ା, ନୂଆପଡ଼ା, ସୁନ୍ଦରଗଡ଼, ଦେଓଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ୧୭୪ ପ୍ରତିନିଧି ଯୋଗଦେଇ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଏହି ସମ୍ମିଳନୀ ଓଡ଼ିଶାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ସୁଭଦ୍ରା କାନ୍ଦୁଛି ହାଣ୍ଡିଶାଳରେ

## କୃତ୍ରିମ ଗ୍ୟାସ ସଂକଟ ସୃଷ୍ଟି କରି କଳାବଜାରୀ ଉଦ୍ୟମ:କଂଗ୍ରେସ




**ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ):** କଂଗ୍ରେସ ଭବନଠାରେ ଆଜି ଏକ ଅଭିନବ ଢଙ୍ଗରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ୟାସ ଓ ପେଟ୍ରୋଲ ଦ୍ରବ୍ୟକୁ ନେଇ କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ଅଭାବୀ ବିକ୍ରି ସୃଷ୍ଟି କରିବା ସହ ଆଗାମୀ ଦିନରେ ମୂଲ୍ୟବୃଦ୍ଧିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଥିଲେ ଯେ ବିଜେପି ସରକାର ସାଧାରଣ ଜନତାଙ୍କୁ ଏକ ସଂକଟଜନକ ପରିସ୍ଥିତି ଆଡ଼କୁ ଟାଣିନେବାକୁ ବାଧ୍ୟ କରୁଛନ୍ତି। ସାରା ଦେଶ ସମେତ ରାଜ୍ୟରେ ଗ୍ୟାସ ପାଇଁ ହାହାକାର ପଡ଼ିଥିବା ବେଳେ ସରକାର ଘରୋଇ ସିଲିଣ୍ଡର ପିଛା ୬୦ ଟଙ୍କା ଓ ବ୍ୟାବସାୟିକ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ାଇବା ଦୁର୍ଭାଗ୍ୟଜନକ। ନୋଟବନ୍ଦୀ ପରି ଗ୍ୟାସ୍ ବନ୍ଦ କରି ପ୍ରଧାନମନ୍ତ୍ରୀ ସାରା ଦେଶକୁ ପୁଣି ଲାଇନରେ ଛିଡ଼ା କରାଇବାକୁ ଚକ୍ରାନ୍ତ କରୁଛନ୍ତି। ୟୁପିଏ ସରକାରରେ ଘରୋଇ ସିଲିଣ୍ଡର ଦର ୪୩୭ ଟଙ୍କା ଥିବା ବେଳେ ବିଜେପି ନେତ୍ରୀ ସ୍ମୃତି ଇରାନୀ ଶାଶୂ- ବୋହୂର ଡ୍ରାମା କରୁଥିଲେ। ଆଜି ଯେତେବେଳେ ଗ୍ୟାସ୍ ଦର ୯୩୯ ଟଙ୍କାରେ ପହଞ୍ଚିଛି, ସେତେବେଳେ ସ୍ମୃତି ଇରାନୀ କାହିଁକି ଚୁପ ବୋଲି ସେ ପ୍ରଶ୍ନ କରିଛନ୍ତି।

ଜାଣିଶୁଣି ସରକାର କଳାବଜାରୀମାନଙ୍କ ସହ ମହିଳାମାନଙ୍କୁ ଶୋଷଣ କରିବା ପାଇଁ ଗ୍ୟାସର ଅଭାବୀ ବିକ୍ରିକୁ ବଢ଼ାଇଦେଲେ। ଯାହା ଫଳରେ ଲୋକେ ବ୍ଲାକରେ ୨୦୦୦ରୁ ୨୫୦୦ ଟଙ୍କା ଦେଇ ଗ୍ୟାସ ସିଲିଣ୍ଡର୍ କିଣିବାକୁ ବାଧ୍ୟ ହେଉଛନ୍ତି। ସୁଭଦ୍ରା ଏବେ ହାଣ୍ଡିଶାଳରେ କାନ୍ଦୁଛି ବୋଲି ସୋନାଲି ଅଭିଯୋଗ କରିଥିଲେ। ସାରା ଦେଶରେ ଏବେ ୧ କୋଟି ୯୦ ହଜାର ଘରୋଇ ଗ୍ୟାସ ଉପଭୋକ୍ତା ରହିଛନ୍ତି। ଏଥିମଧ୍ୟରୁ ୫୫ ଲକ୍ଷ ୪୭ ହଜାର ୩୫୭ ଜଣ ଉଜ୍ଜ୍ୱଳା ଗ୍ୟାସ ହିତାଧିକାରୀ ରହିଛନ୍ତି। ରାଜ୍ୟରେ ଦୈନିକ ଘରୋଇ ଓ ବ୍ୟାବସାୟିକ ହିତାଧିକାରୀମାନେ ହାରାହାରି ୩୨ ଲକ୍ଷ କେଜି ଗ୍ୟାସ ବ୍ୟବହାର କରିଥାନ୍ତି। ସେପଟେ ରାଜ୍ୟରେ ଥିବା ୯୬୬ ଗ୍ୟାସ ଏଜେନ୍ସିକୁ ସୋମବାରଠାରୁ କର୍ମସିଆଲ ଟାଙ୍କି ଯୋଗାଣ ବନ୍ଦ ହୋଇଛି। ଯାହା ଫଳରେ ରାଜ୍ୟର ସମସ୍ତ ସହରରେ ଥିବା ପ୍ରାୟ ୧୦ ହଜାରରୁ ଅଧିକ ରେଷ୍ଟୁରାଣ୍ଟ ବନ୍ଦ ହୋଇଗଲାଣି। ଅନଲାଇନ୍ ଫୁଡ ଡେଲିଭରି ଏକପ୍ରକାର ବନ୍ଦ। ଏହି ଇଣ୍ଡଷ୍ଟ୍ରି ସହ ଓ ଇଣ୍ଡଷ୍ଟ୍ରିରେ କାମ କରୁଥିବା ପ୍ରାୟ ୧୮ରୁ ୨୦ ଲକ୍ଷ ବ୍ୟକ୍ତି ସିଧାସଳଖ ରୋଜଗାର ହରାଇଛନ୍ତି ବୋଲି ସେ କହିଛନ୍ତି।

ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ବିଜେପି ସରକାରଙ୍କ ନାରୀ ବିରୋଧୀ ମନୋବୃତ୍ତିକୁ ତୀବ୍ର ବିରୋଧ କରିବା ସହ ଗ୍ୟାସର ଅଭାବୀ ବିକ୍ରି ସିଧାସଳଖ ପେଟରେ ଓ ହାଣ୍ଡିରେ ଲାତ ବୋଲି କହିଥିଲେ। ପିସିସି ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଅମ୍ରିତା ଦାସ, ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ମହିଳା ନେତ୍ରୀ ଜୟସ୍ମିତା ମହାନ୍ତି କୃତ୍ରିମ ଗ୍ୟାସ ସଂକଟକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କଠାରେ ଦାବି କରିଥିଲେ ।

# ଲକ୍ଷେରୁ ଅଧିକ ଲୋକଙ୍କ ଲାଇସେନ୍ସ ରଦ୍ଦ

**ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ) :** ପରିବହନ ବିଭାଗ ପକ୍ଷରୁ ଗତ ଦୁଇ ବର୍ଷ ମଧ୍ୟରେ ମୋଟର ଯାନ ଆଇନ ଉଲ୍ଲଂଘନକାରୀଙ୍କଠାରୁ ୨୮୪ କୋଟି ୭୧ ଲକ୍ଷ ୬୪ ହଜାର ୨୩୨ ଟଙ୍କା ଜରିମାନା ଆଦାୟ କରାଯାଇଛି। ବାରମ୍ବାର ଟ୍ରାଫିକ ଅବମାନନା ଅଭିଯୋଗରେ ୧ ଲକ୍ଷ ୧୬ ହଜାର ୬୧୮ ଗାଡ଼ି ଚାଳକଙ୍କ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ବିଭୁତି ଜେନା ଏହି ସୂଚନା ଦେଇଛନ୍ତି।

# ବିରୁପାରୁ ଦୁଇ ଭାଇଙ୍କ ମୃତଦେହ ଉଦ୍ଧାର

**କଟକ,୧୨।୩(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଚୌଦ୍ୱାର ବିରୁପା ବ୍ୟାରେଜର ଏକ ନମ୍ବର ଗେଟ ନିକଟରେ ଦୁଇ ଭାଇଙ୍କ ମୃତଦେହ ଭାସୁଥିବା ବେଳେ ସେମାନେ ଚୌଦ୍ୱାର ମଣ୍ଡାପଡ଼ା ଅଞ୍ଚଳର ଦେବାଶିଷ ସାହୁ ଓ ସୁବାଶିଷ ସାହୁ ବୋଲି ଜଣାପଡ଼ିଛି। ଦୁଇ ଦିନ ତଳେ ସେମାନେ ନିଖୋଜ ହୋଇଯାଇଥିବା ବେଳେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ସେମାନଙ୍କର ମଟର ସାଇକେଲକୁ ବିରୂପା ବ୍ୟାରେଜ୍ ନିକଟରେ ଠାବ କରାଯାଇଥିଲା। ମୋଟର ସାଇକେଲକୁ ଚୌଦ୍ୱାର ପୁଲିସ ଜବତ କରିଥିବା ବେଳେ ଆଜି ସକାଳୁ ଦୁଇ ଭାଇଙ୍କର ମୃତ୍ୟୁଦେହ ମିଳିଥିଲା। ଘଟଣାସ୍ଥଳରେ ଚୌଦ୍ୱାର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ପାଣି ଭିତରୁ ଉଦ୍ଧାର କରିବା ସହ କଟକ ବଡ଼ ମେଡ଼ିକାଲ୍‌କୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

# ଭିଜିଲାନ୍ସ ଜାଲରେ ପୁଲିସ୍ ବାବୁ



୨୫ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ

**ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ପୁଲିସ୍ ବାବୁ। ଜଣେ ଢାବା ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ମାଡ଼ିବସିଛି ଭିଜିଲାନ୍ସ। ଏହି ପୁଲିସ୍ ବାବୁ ଜଣଙ୍କ ଝାରସୁଗୁଡ଼ାର ବଡ଼ଗାଁ ପୁଲିସ୍ ଥାନାର ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଏଏସ୍‌ଆଇ ଅରୂପାନନ୍ଦ ଦାସ ଜଣେ ଢାବା ମାଲିକଙ୍କୁ ଏକ ନିର୍ଦ୍ଦିଷ୍ଟ ମାମଲାରେ ରିହାତି ଦେବା ସହ ତାଙ୍କ ଢାବା ସୁରୁଖୁରୁରେ ଚାଲିବା ଦିଗରେ ସହଯୋଗ କରିବା ସକାଶେ ତାଙ୍କଠାରୁ ୨୫ ହଜାର ଟଙ୍କାର ଲାଞ୍ଚ ଦାବି କରିଥିଲେ। ତେବେ ଏନେଇ ଢାବା ମାଲିକ ଜଣଙ୍କ ଭିଜିଲାନ୍ସ ବିଭାଗକୁ ଅବଗତ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ପୂର୍ବ ଯୋଜନା ଅନୁସାରେ, ଆଜି ଥାନାରେ ପହଞ୍ଚି ଲାଞ୍ଚ ଟଙ୍କା ସହ ଏଏସ୍‌ଆଇ ଶ୍ରୀ ଦାସଙ୍କୁ କାବୁ କରିଛନ୍ତି। ଏଥିସହ ଉକ୍ତ ଲାଞ୍ଚ ବାବଦ ଟଙ୍କା ମଧ୍ୟ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ପ୍ରମାଣ ସ୍ୱରୂପ ଜବତ କରିଛନ୍ତି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସଙ୍କ ସହ ଜଡ଼ିତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏନେଇ ରାଉରକେଲା ଭିଜିଲାନ୍ସରେ ୧/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି।

# ରାଜ୍ୟପାଳ ଭାବେ ଶପଥ ନେଲେ ରବି ନାରାୟଣ ରବି



**କୋଲକାତା,୧୨।୩(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ଆର୍ ଏନ୍ ରବି ଶପଥ ଗ୍ରହଣ କରିଛନ୍ତି। ଗୁରୁବାର ସକାଳେ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜୟ ପାଲ ଲୋକଭବନରେ ତାଙ୍କୁ ଶପଥ ପାଠ କରାଇଥିଲେ। ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବାମ ମୋର୍ଚ୍ଚା ଅଧ୍ୟକ୍ଷ ବିମାନ ବସୁ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବରୁ ସିଭି ଆନନ୍ଦ ବୋଷ ପଶ୍ଚିମବଙ୍ଗର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର ଏହି ହଠାତ୍ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ହଇଚଇ ସୃଷ୍ଟି ହୋଇଥିଲା। ଏହାରି ମଧ୍ୟରେ, କେନ୍ଦ୍ର ବୋଷଙ୍କ ଉତ୍ତରାଧିକାରୀ ଭାବରେ ପୂର୍ବତନ ବ୍ୟୁରୋକ୍ରାଟ ଆର୍ ଏନ୍ ରବିଙ୍କ ନାମ ଘୋଷଣା କରାଯାଇଥିଲା। ସେହି ସମୟରେ ସେ ତାମିଲନାଡୁର ରାଜ୍ୟପାଳ ଥିଲେ। ରବି ବୁଧବାର ଅପରାହ୍ଣରେ ରାଜ୍ୟରେ ପହଞ୍ଚିଥିଲେ। ଅଗ୍ନିଶମବିଭାଗ ମନ୍ତ୍ରୀ ସୁଜିତ ବୋଷ, ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ, ଡିଜି ପୀୟୁଷ ପାଣ୍ଡେ ବିମାନବନ୍ଦରରେ ନୂତନ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ସେ ସନ୍ଧ୍ୟା ସାଢ଼େ ୭ଟା ସୁଦ୍ଧା ରାଜଭବନରେ ପହଞ୍ଚିଥିଲେ। ସିଭି ଆନନ୍ଦ ବୋଷ ସେହି ଦିନ ଅପରାହ୍ଣରେ କୋଲକାତାରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ କରିଥିଲେ।

# ଉତ୍କଳୀୟ ମିଳିତ ମଞ୍ଚ ପାଳିଲା ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**କୋଲକାତା,୧୨।୩(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ଓଡ଼ିଆ ସଂଗଠନ ସମୂହର କେନ୍ଦ୍ରୀୟ ସଂଗଠନ ଉତ୍କଳୀୟ ମିଳିତ ମଞ୍ଚ ପକ୍ଷରୁ କୋଲକାତା ମହାନଗରୀର ବୌବଜାର ବିବି ଗାଙ୍ଗୁଲି ଷ୍ଟ୍ରୀଟସ୍ଥିତ ଉତ୍କଳୀୟ ମିଳିତ ମଞ୍ଚ ଭବନରେ ସଂଗଠନ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି। ସଂଗଠନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଶିକ୍ଷା ସେଲ ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶିକ୍ଷା ସେଲ ଅଧ୍ୟକ୍ଷ କ୍ଷୀରୋଦ କୁମାର ଧଳ ଯୋଗଦେଇ କହିଲେ ଯେ ପ୍ରବାସୀ ଓଡ଼ିଆ ଯେପରି ଭାଷା, ସଂସ୍କୃତି ଓ ସାହିତ୍ୟ ପାଇଁ କାମ କରନ୍ତି, ତାହା ଓଡ଼ିଶାରେ ପରିଲକ୍ଷିତ ହୁଏ। ଦୀର୍ଘ ଲଢ଼େଇରେ ଆମେ ଜୟୀ। ଆମ ଭାଷା ଆମ ମା' ପରି। ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବରେ




ସାହିତ୍ୟିକ ସାଫଲ୍ୟ କୁମାର ନନ୍ଦୀ ଯୋଗଦେଇ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପୁର ଗୋପବନ୍ଧୁ ବିଦ୍ୟାଳୟର ଶିକ୍ଷକ ଭୂପେଶ ମିଶ୍ର ଆଜିର ଯୁବପିଢ଼ି ମାତୃଭାଷା ଓ ମାତୃଭୂମି ପ୍ରତି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଭଗବାନ ଦାସ, କରୁଣାକର ମଲ୍ଲିକ, ଦୁଃଶାସନ ବେହେରା, ସୁବ୍ରତ ମୋହନ ଦାସ, ଜିତେନ୍ଦ୍ର ଦଣ୍ଡପାଟ, ବସନ୍ତ କୁମାର ମଲ୍ଲିକ, ଭଗବାନ ବିଶ୍ୱାଳ, ଭରତ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସହ-ସଭାପତି ବିଭୁତି ଭୂଷଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ-ସମ୍ପାଦକ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ମଧ୍ୟରାତ୍ରିରେ ପାଇପଲାଇନରେ ବିପତ୍ତି

**କୋଲକାତା,୧୨।୩(ସଂଚାର ବ୍ୟୁରୋ):** ମଧ୍ୟରାତ୍ରିରେ ବିପତ୍ତି। ଦକ୍ଷିଣ କୋଲକାତାର ତାରାତଲା ରୋଡରେ ଏକ ପାଣି ପାଇପଲାଇନ ଭଲଭ ଫାଟିଯିବାରୁ ଏକ ବଡ଼ ଅଞ୍ଚଳ ଜଳମଗ୍ନ ହୋଇଗଲା। ରାସ୍ତାରୁ ପାଣି ନିଷ୍କାସନ ପାଇଁ ପୌର କର୍ମଚାରୀମାନେ ସାରା ରାତି ପରିଶ୍ରମ କରିଥିଲେ। କ୍ଷତିଗ୍ରସ୍ତ ପାଣି ପାଇପଲାଇନର ମରାମତି କାର୍ଯ୍ୟ ଚାଲିଥିଲା। ସ୍ଥାନୀୟ ବାସିନ୍ଦା ଏବଂ ପୌର ସୂତ୍ର ଅନୁଯାୟୀ, ବୁଧବାର ରାତିରେ ୮୦ ନମ୍ବର ୱାର୍ଡରେ ଏକ ପାନୀୟ ଜଳ ପାଇପଲାଇନ ଭଲଭ ଫାଟିଯାଇଥିଲା। ଫଳସ୍ୱରୂପ, ରାସ୍ତାରେ ପାଣି ପ୍ରବାହିତ ହୋଇଥିଲା। ତାରାତଲା ରୋଡ ସହ ସାହାପୁର, ଜେମ୍ସ ଲଙ୍ଗ ସରଣୀ ମଧ୍ୟ ପାଣିରେ ବୁଡ଼ିଯାଇଥିଲା। ଖବର ପାଇ ପୌର କର୍ମଚାରୀମାନେ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ତାପରେ ସେମାନେ ଟ୍ୟାଙ୍କ ଆଣି ଏକ ବ୍ଲୋ ଭାକ୍ ମେସିନ୍ ବ୍ୟବହାର କରି ରାସ୍ତାରୁ ପାଣି ବାହାର କରିଥିଲେ। ପାଇପଲାଇନ ଭଲଭ କିପରି ଫାଟିଲା ତାହା ପୌର ଯନ୍ତ୍ରୀମାନେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଶ୍ଚିତ ନୁହଁନ୍ତି।

# ଆଦିବାସୀଙ୍କ ଉନ୍ନତି ପାଇଁ ୬୬୪୯ କୋଟିରୁ ଉର୍ଦ୍ଧ୍ୱ ବଜେଟ୍




**ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ):** ଆଜି ବିଧାନସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬- ୨୭ ଆର୍ଥିକ ବର୍ଷର ଖର୍ଚ୍ଚଦାବି ଉପସ୍ଥାପନା କରିଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଭାଗ ପାଇଁ ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ରହିଛି। ଗତବର୍ଷର ବଜେଟ ତୁଳନାରେ ଚଳିତ ବର୍ଷ ବଜେଟର ଆକାରରେ ୩ ପ୍ରତିଶତ ବୃଦ୍ଧି ପାଇଛି।

ବଜେଟରେ ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଓ କେନ୍ଦ୍ରୀୟ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏହାର ଲାଭ ପାଇବେ। ଏଥିସହ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତିର ରାଶି ବୃଦ୍ଧି କରାଯାଇ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହାୟତା ଯୋଗାଉଛନ୍ତି ସରକାର। ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ବର୍ତ୍ତମାନ ୧୭୬୫ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯାହାମଧ୍ୟରୁ ୧୬୧୫ଟି ଆବାସିକ ଓ ୧୫୦ଟି ଅଣଆବାସିକ ବିଦ୍ୟାଳୟ। ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିସହ ରାଜ୍ୟରେ ମୋଟ ୫୯୬୭ଟି ଛାତ୍ରାବାସ ଚାଲୁଛି, ଯେଉଁଠାରେ ପ୍ରାୟ ୫ ଲକ୍ଷ ୫୨ ହଜାର ଛାତ୍ରଛାତ୍ରୀ ରହି ପଢୁଛନ୍ତି। ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଡ୍ରପ୍‌ଆଉଟ୍ ହାର କମେଇବା ପାଇଁ ସରକାର 'ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା'ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏହି ଯୋଜନା ପାଇଁ ବଜେଟରେ ୧୫୪ କୋଟି ଟଙ୍କା ବରାଦ କରାଯାଇଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନ୍ୱେଷା ଯୋଜନା ଅଧୀନରେ ୧୭ଟି ଜିଲ୍ଲାର ୧୬୩ଟି ବେସରକାରୀ ବିଦ୍ୟାଳୟରେ ପ୍ରାୟ ୨୦,୪୭୩ ଛାତ୍ରଛାତ୍ରୀ ପଢୁଛନ୍ତି। ଏହି ଯୋଜନା ପାଇଁ ୧୫୮ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି। ଏଥିସହ ଆକାଂକ୍ଷା ଯୋଜନା ଅଧୀନରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ସୁବିଧା ଦିଆଯାଉଛି ବୋଲି ସେ କହିଛନ୍ତି।

ଆଦିବାସୀ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ମାଧ୍ୟମରେ ୧୦ ଲକ୍ଷରୁ ଅଧିକ ଜନଜାତି ପରିବାର ଉପକୃତ ହେବେ। ସେହିପରି ପିଏମ ଜନମନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାରେ ସୁଧାର ଆଣିବାକୁ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆଦିବାସୀ ପରିବାରମାନଙ୍କୁ କୃଷି, ପ୍ରାଣୀସମ୍ପଦ, ମାଛଚାଷ ଓ ଲଘୁ ଉଦ୍ୟୋଗ ମାଧ୍ୟମରେ ଜୀବିକା ବିକାଶ ପାଇଁ ସହାୟତା ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ପଦୋନ୍ନତିରେ ଉଚ୍ଚଶିକ୍ଷା ବାଧକ ପ୍ରସଙ୍ଗ

# ୨୦୧୪ରୁ ପଦୋନ୍ନତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୨।୩(ସଂଚାର ବ୍ୟୁରୋ):** ଗ୍ରୁପ୍-ଡି'ରେ ଚାକିରି କରିଥିଲେ। ଗ୍ରୁପ୍-ସି'କୁ ପଦୋନ୍ନତି ପାଇଁ ଆବେଦନ କଲେ। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଲା। କାରଣ ଥିଲା ଏହି ପଦ ଲାଗି ଯେତିକି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ରହିଛି, ତା'ଠାରୁ ତାଙ୍କର ଅଧିକ ଶିକ୍ଷାଗତ ଯୋଗ୍ୟତା ରହିଛି। ଉଚ୍ଚ ଶିକ୍ଷା ତାଙ୍କ ପଦୋନ୍ନତିରେ ବାଧା ସାଜିବାରୁ ସେ ଏନେଇ ଟ୍ୟାଟ୍‌ରୁ ସୁପ୍ରିମ୍‌କୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲେ। ସୁପ୍ରିମ୍‌କୋର୍ଟ ଏହି ମାମଲାକୁ ପୁନର୍ବାର ବିଚାର ପାଇଁ ହାଇକୋର୍ଟକୁ ପଠାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀଙ୍କ ଅନୁପସ୍ଥିତି ସତ୍ତ୍ୱେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରିବା ସହ ତାଙ୍କୁ ପଦୋନ୍ନତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଡିପିସି ବସିଥିବାରୁ ସେବେଠାରୁ ଆବେଦନକାରୀଙ୍କୁ ପଦୋନ୍ନତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରୁ ତାଙ୍କ ଦରମାର ୫୦ ପ୍ରତିଶତ ବକେୟା ଆକାରରେ ପ୍ରଦାନ ଲାଗି ମଧ୍ୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାକି ୫୦ ପ୍ରତିଶତ ତାଙ୍କ ପଦୋନ୍ନତି ବାବଦକୁ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। କପି ପାଇବାର ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯିବ। ଆବେଦନକାରୀ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିବାରୁ ରାଜ୍ୟ ସରକାର ମାମଲା ଖର୍ଚ୍ଚ ବାବଦ ତାଙ୍କୁ ୨୫ ହଜାର ଟଙ୍କା ଦେବେ ବୋଲି ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡିପୋରୁ ...

ଲୋକଙ୍କ ପଇସାରେ ଗୃହ ଚାଲିଛି। କେଉଁ ସ୍ୱାର୍ଥରେ କଂଗ୍ରେସ ଏଭଳି କରୁଛି, ବିଜେଡ଼ି ଛିଡ଼ା ହୋଇ ଏହାକୁ ସମର୍ଥନ କରୁଛି। ଗୃହରେ ଲୋକଙ୍କ ପ୍ରସଙ୍ଗ ଆଲୋଚନା ହେବା ଉଚିତ। ବିଧାୟକ ସନ୍ତୋଷ ଖଟୁଆ ଅଭିଯୋଗ କରିଥିଲେ ଯେ ଦିଲ୍ଲୀରେ ସଂସଦକୁ ଯେମିତି ଅଚଳ କରାଯାଉଛି, ସେମିତି ରାଜ୍ୟରେ ବିଧାନସଭାକୁ ଅଚଳ କରୁଛନ୍ତି କଂଗ୍ରେସ ବିଧାୟକ।

ଆଜି ବିଧାନସଭାରେ ଅସହାୟତା ସ୍ପଷ୍ଟ ବାରି ହୋଇପଡୁଥିଲା। କଂଗ୍ରେସ ସହ ରାଜ୍ୟସଭାର ଗୋଟିଏ ଆସନ ପାଇଁ ମେଳି କରି ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ କରିପାରିଲାନି ଦଳ। କଂଗ୍ରେସ ବିଧାୟକମାନେ ଗ୍ୟାସ ଦର ବୃଦ୍ଧି ବିରୋଧରେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ବିଜେଡି ମଧ୍ୟ ଗତକାଲି ଲୋୟର ପିଏମଜିରେ ଆନ୍ଦୋଳନ କରିଥିଲା। ହେଲେ ଆଜି ଦଳର ବିଧାୟକମାନେ ଏହି ପ୍ରସଙ୍ଗରେ କଂଗ୍ରେସ ହଟ୍ଟଗୋଳରେ ସାମିଲ ହେଲେନି। କଂଗ୍ରେସକୁ ସମର୍ଥନ କରିବାକୁ ନିଜ ଆସନରେ ଛିଡ଼ା ହୋଇ ରହିଲେ, ଆଉ ସରକାରୀ ଦଳକୁ ସହଯୋଗ କରିବାକୁ ପ୍ରଶ୍ନକାଳରେ ଭାଗ ନେଲେ। ଶୂନ୍ୟକାଳରେ ବି ଆସନ ଛାଡ଼ିଲେନି ବିଜେଡି ବିଧାୟକ। ଶୂନ୍ୟକାଳ ପରେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତର ରଖିଥିଲେ। ତେବେ ଉଭୟ ବିଜେଡି, କଂଗ୍ରେସ ଆଲୋଚନାକୁ ବର୍ଜନ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।

## ଓଡ଼ିଶା ...

୦୮୪୩୯/୦୮୪୪୦ ପୁରୀ-ପାଟନା ସ୍ପେଶାଲ୍ ଟ୍ରେନ ପାଟନା ପହଞ୍ଚିବା ପୂର୍ବରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ ଓ ବାଲେଶ୍ୱର ଷ୍ଟେସନ୍ ଦେଇ ଯିବ। ଏହାକୁ ମଧ୍ୟ ନିୟମିତ କରାଯାଇଛି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ପାଇଁ ଏହି ଟ୍ରେନ

## ମନୀଷ ...

ଆଇଏଏସ ଉପମା କାଲୋଙ୍କୁ ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର, ବନ୍ଦୋବସ୍ତ ଓ ଚକବନ୍ଦୀ ଭାବେ ବଦଳି କରାଯିବା ସହ ତାଙ୍କୁ ଆରଡିସିଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୪ ବ୍ୟାଚ୍ ଆଇଏଏସ ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ସଚିବ ଭାବେ, ମାଲକାନଗିରି ଜିଲ୍ଲାପାଳ ୨୦୧୭ ବ୍ୟାଚ୍ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟଙ୍କୁ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ, ୨୦୨୨ ବ୍ୟାଚ ଆଇଏଏସ ଆକାବାରମ ସସ୍ୟ ରେଡ୍ଡିଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନ ଭାବେ ବଦଳୀ କରାଯାଇଛି। ଆକାବାରମଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ୨୦୨୨ ବ୍ୟାଚ ଆଇଏଏସ ଅକ୍ଷୟ ପିଲ୍ଲେଙ୍କୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ୨୦୨୨ ବ୍ୟାଚ ଆଇଏଏସ ଅରୁଗୁଲା ସ୍ନେହାଙ୍କୁ ମୟୂରଭଞ୍ଜ ଜିଲ୍ଲା ପରିଷଦ ସିଇଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ, ୨୦୨୨ ବ୍ୟାଚ ଆଇଏଏସ ସମୀର କୁମାର ଜେନାଙ୍କୁ ଗଞ୍ଜାମ ଜିଲ୍ଲା ପରିଷଦ ସିଇଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ, ୨୦୨୨ ବ୍ୟାଚ ଆଇଏଏସ ସୌମ୍ୟରଞ୍ଜନ ପ୍ରଧାନଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦ ସିଇଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେବା ଅନୁମୋଦନ କରିଥିବାରୁ ଏଥିସକାଶେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମିସାଇଲ ...

ଭାବେ ପରିଚିତ ଏହି ଉପକୂଳ ଜିଲ୍ଲା ଏବେ ହତ୍ୟା, ଡକାୟତି ଓ ଦୁଷ୍କର୍ମରେ ରେକର୍ଡ କରିଛି।

ସରକାରୀ ପରିସଂଖ୍ୟାନ କହୁଛି ଯେ ବାଲେଶ୍ୱର, ଭୁବନେଶ୍ୱର ସହର ଓ କୋରାପୁଟ ଜିଲ୍ଲା ମହିଳାଙ୍କ ପାଇଁ ଅସୁରକ୍ଷିତ। ୨୦୨୫ରେ ବାଲେଶ୍ୱର ଜିଲ୍ଲାରୁ ସର୍ବାଧିକ ଦୁଷ୍କର୍ମ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବାଲେଶ୍ୱର ପଛକୁ ଭୁବନେଶ୍ୱର ସହର ଓ କୋରାପୁଟ। ବର୍ଷକରେ ବାଲେଶ୍ୱରରେ ୧୯୬ଟି ଦୁଷ୍କର୍ମ ଘଟଣା ଘଟିଥିବା ବେଳେ ଭୁବନେଶ୍ୱରରେ ୧୭୦ ଓ କୋରାପୁଟରେ ୧୫୨ଟି ଦୁଷ୍କର୍ମ ଅଭିଯୋଗ ହୋଇଛି। ୨୦୨୪ ମହିଳା ଦୁଷ୍କର୍ମ ଘଟଣାରେ ଯାଜପୁର ସବୁଠୁ ଆଗରେ ଥିଲା। ୨୦୨୪ରେ ସାମଗ୍ରିକ ଭାବେ ରାଜ୍ୟରେ ୩୦୫୪ଟି ଦୁଷ୍କର୍ମ ଘଟଣା ଘଟିଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୨୯୯୪କୁ ହ୍ରାସ ପାଇଛି। ୨୦୨୪ରେ ରାଜ୍ୟରେ ମୋଟ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ଥିଲା ୨ ଲକ୍ଷ ୧୪ ହଜାର ୧୧୩। ୨୦୨୫ରେ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ୨ ଲକ୍ଷ ୨୯ ହଜାର ୮୮୧କୁ ବୃଦ୍ଧି ପାଇଛି।

୨୦୨୪ ନିର୍ବାଚନୀ ବର୍ଷ ତୁଳନାରେ ୨୦୨୫ରେ ଅଧିକ ସଂଖ୍ୟାରେ ହତ୍ୟାକାଣ୍ଡ, ଚୋରି ଓ ମୋଟରଯାନ ଦୁର୍ଘଟଣା ଘଟିଛି। ୨୦୨୪ରେ ରାଜ୍ୟର ବିଭିନ୍ନ ଥାନାରେ ୧୨୫୮ଟି ହତ୍ୟା, ୧୭ ହଜାର ୮୦୫ଟି ଚୋରି ଓ ୧୨ ହଜାର ୩୭୫ଟି ମୋଟର ଯାନ ଦୁର୍ଘଟଣା ମାମଲା ପଞ୍ଜିକୃତ ହୋଇଥିଲା। ସେହିପରି ୨୦୨୫ରେ ୧୩୦୪ ହତ୍ୟା, ୨୧ ହଜାର ୧୯୨ ଚୋରି ଓ ୧୨ ହଜାର ୭୮୨ଟି ମୋଟର ଯାନ ଦୁର୍ଘଟଣା ମାମଲା ପଞ୍ଜୀକୃତ ହୋଇଛି। ଏହାଛଡ଼ା ୨୦୨୫ରେ ୩୫୨ଟି ଡକାୟତି ଓ ୧୮୦୨ଟି ଲୁଟ ଏବଂ ୧୦୯୫ଟି ଦଙ୍ଗା ହୋଇଛି।

## ଭାରତୀୟ ...

ମନ୍ତ୍ରୀ ଏସ. ଜୟଶଙ୍କର ଇରାନ ବୈଦେଶିକ ମନ୍ତ୍ରୀ ସୟଦ୍ ଅବାସ୍ ଆରାଗ୍‌ଚିଙ୍କ ସହ ଫୋନ୍‌କଲ୍‌ରେ ବିଶଦ ଭାବେ ଆଲୋଚନା କରିବା ପରେ ଇରାନ ଭାରତୀୟ ପତାକା ଥିବା ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ପଥ ପ୍ରଦାନ କରିଛି। ଇତିମଧ୍ୟରେ ଏହି ପ୍ରଣାଳୀ ଦେଇ ଦୁଇଟି ଭାରତୀୟ ଜାହାଜ 'ପୁଷ୍ପକ' ଓ 'ପରିମଳ' ଅତିକ୍ରମ କରିବା ସହ ଭାରତରେ ପହଞ୍ଚିସାରିଥିବା ଜଣାପଡ଼ିଛି।

ଆଞ୍ଚଳିକ ଉତ୍ତେଜନା ଯୋଗୁ ଅନେକ ଦେଶର ଜାହାଜଗୁଡ଼ିକ ଗମ୍ଭୀର ବିପଦର ସମ୍ମୁଖୀନ ହେଉଥିବା ସମୟରେ ସେମାନଙ୍କର ସୁରକ୍ଷିତ ପଥ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ଏହି ଆଶ୍ୱସ୍ତି ଏପରି ସମୟରେ ଆସିଛି ଯେତେବେଳେ ହର୍ମୁଜ ପ୍ରଣାଳୀ ପାଖରେ ଆକ୍ରମଣ ବୃଦ୍ଧି ପାଇଛି। ଅନେକ ବିଦେଶୀ ଜାହାଜ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣର ଶିକାର ହେଉଛନ୍ତି, ଯାହା ବିଶ୍ୱ ଶକ୍ତି ଯୋଗାଣକୁ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଭାବିତ କରିଛି।

କିନ୍ତୁ ଇରାନ ସ୍ପଷ୍ଟ ଭାବେ କହିଛି ଯେ ଆମେରିକା ଓ ଏହାର ସହଯୋଗୀ ଦେଶ ପାଇଁ ଉଦ୍ଦିଷ୍ଟ ତୈଳ ଟ୍ୟାଙ୍କରକୁ ହର୍ମୁଜ ପ୍ରଣାଳୀ ଦେଇ ଯିବା ସକାଶେ ଅନୁମତି ଦିଆଯିବ ନାହିଁ। ଇରାନ୍‌ର ଏପରି ବିବୃତ୍ତି ହର୍ମୁଜ୍ ପ୍ରଣାଳୀକୁ ଦେଶ ରଣନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଅର୍ଥରେ ହର୍ମୁଜ ପ୍ରଣାଳୀକୁ ନିୟନ୍ତ୍ରଣ କରି ଇରାନ ବିଶ୍ୱର ଶକ୍ତି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ଲକ୍ଷ୍ୟରେ ରହିଛି।

## ବେଙ୍ଗାଲୁରୁ ...

ରାଜ୍ୟସଭାରେ ଛେଳି ମେଣ୍ଢା ଭଳି କିଣିବାକୁ ଚେଷ୍ଟା କରୁଛି। ନିର୍ବାଚିତ ପ୍ରତିନିଧିଙ୍କ ସମ୍ମାନ କ୍ଷୁଣ୍ଣ କରିବାକୁ ଚେଷ୍ଟା କରୁଛି। ସେହିଭଳି ବିଧାୟକ ରାଜେନ ଏକ୍କା କହିଛନ୍ତି, ଦଳର ସବୁ ବିଧାୟକଙ୍କ ପାଇଁ ହ୍ୱିପ ଜାରି ହୋଇଛି। ଦୁଇ ଦିନ ଛୁଟି ଥିବାରୁ ବିଧାୟକମାନେ କୁଆଡ଼େ ଯାଇପାରନ୍ତି। କିନ୍ତୁ ଯଦି ଆବଶ୍ୟକ ପଡ଼େ, ତେବେ ଗୋଟିଏ ସ୍ଥାନରେ ରହିବୁ ବୋଲି ସେ କହିଛନ୍ତି। ଭକ୍ତ ଦାସ ଓ ରାଜେନ ଏକ୍କାଙ୍କ ଏଭଳି ବିବୃତ୍ତିରୁ ଲାଗୁଛି ଦଳର ସମସ୍ତ ୧୪ ବିଧାୟକ ସଭାପତିଙ୍କ ନିୟନ୍ତ୍ରଣରେ ନାହାଁନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, କଂଗ୍ରେସ ବିଧାୟକମାନେ ବି ସଭାପତିଙ୍କ ସ୍କାନର୍‌ରେ ଅଛନ୍ତି।

ବିଜେଡିରୁ ନିଲମ୍ବିତ ଦୁଇ ବିଧାୟକଙ୍କ ମଧ୍ୟରୁ ଅରବିନ୍ଦ ମହାପାତ୍ର 'ଅଙ୍କଲଙ୍କ ଋଣ ଶୁଝିବି' ବୋଲି କହି ଖୋଲାଖୋଲି ଦିଲ୍ଲୀପ ରାୟଙ୍କୁ ଭୋଟ ଦେବାକୁ ଘୋଷଣା କରିସାରିଛନ୍ତି। ହେଲେ ଏଯାଏଁ ନୀରବ ଥିବା ସନାତନ ମହାକୁଡ଼ ଆଜି ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ସେ ବିଜେଡି ପଛରେ ଗୋଡ଼ାଇବେ ନାହିଁ। ତାଙ୍କର ଦୋଷ ନ ଥାଇ ଦଳ ତାଙ୍କୁ ନିଲମ୍ବନ କରିଛି। ସେ କାହାକୁ ଭୋଟ ଦେବେ ତା' ସେ ନିର୍ବାଚନ ଦିନ ସ୍ଥିର କରିବେ ବୋଲି ସନାତନ କହିଛନ୍ତି। ତେବେ ବିଜେପି ପକ୍ଷରୁ ମଧ୍ୟ ତାଙ୍କୁ ଏଯାଏଁ ଯୋଗାଯୋଗ କରାଯାଇନଥିବା ବି ସେ ସ୍ପଷ୍ଟ କରିଦେଇଛନ୍ତି। ସେହିଭଳି ସୁବାସିନୀ ଜେନା ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଇ ସସ୍ପେନ୍ସ ବଢ଼ଉଛନ୍ତି। ଆଜି ପୂର୍ବାହ୍ଣରେ ବିଧାନସଭାରେ କହିଲେ, 'ମୁଁ କାହାକୁ ଭୋଟ ଦେବି, କାହାକୁ କାହିଁକି ଜଣାଇବି? ମୁଁ ଦଳୀୟ ଏଜେଣ୍ଟଙ୍କୁ ଦେଖାଇ ଭୋଟ ଦେବି।' ହେଲେ ସନ୍ଧ୍ୟାରେ ପ୍ରମିଳା ମଲ୍ଲିକଙ୍କ ସହ ନବୀନ ନିବାସ ଯାଇ ଫେରିବା ପରେ ଗଣମାଧ୍ୟମକୁ କହିଛନ୍ତି, 'ମୋ ସ୍ୱାମୀଙ୍କ ନିଷ୍ପତ୍ତି ତାଙ୍କର। ମୁଁ ମୋ ଦଳର ଶୃଙ୍ଖଳିତ କର୍ମୀ ଭାବେ ସୁପ୍ରିମୋଙ୍କ ନିର୍ଦ୍ଦେଶକୁ ପାଳନ କରିବି।' ଦୁଇଟି ସ୍ଥାନରେ ଭିନ୍ନ ଭିନ୍ନ ମନ୍ତବ୍ୟ ନବୀନଙ୍କ ସନ୍ଦେହ ବୃଦ୍ଧି କରିଛି। ସେପଟେ ବିଜେଡିର ସୋର ବିଧାୟକ ମାଧବ ଧଡ଼ା ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ କାର୍ଯ୍ୟକଳାପ ମଧ୍ୟ ଦଳ ମଧ୍ୟରେ ସନ୍ଦେହର ବାତାବରଣ ସୃଷ୍ଟି କରିଛି।

## କମନ୍ ...

ତେବେ ରବୀନ୍ଦ୍ର ଜେନା ହଠାତ୍ ଦଳ ଛାଡ଼ି ବିଜେପିରେ ଯୋଗଦେବା ପରେ ବିଜେଡି ଗଡ଼ରେ ଧୀରେ ଧୀରେ ଅବିଶ୍ୱାସର ବାତାବରଣ ବଢ଼ିବାରେ ଲାଗିଛି। ଦଳର ସମସ୍ତ ୪୮ ଭୋଟ ଦଳୀୟ ପ୍ରାର୍ଥୀ ଓ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିବ କି ନାହିଁ, ତା'କୁ ନେଇ ଟେନସନ ମଧ୍ୟ ବଢ଼ିଚାଲିଛି। କାରଣ ବିଜେପିର ତୃତୀୟ ପ୍ରାର୍ଥୀ ବିଜୟ ପାଇଁ ବିଜେଡି କିମ୍ବା କଂଗ୍ରେସର କ୍ରସଭୋଟିଂ ନିହାତି ଆବଶ୍ୟକ ହେଉଥିବା ବେଳେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ନିଶ୍ଚୟ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଆସୁଛନ୍ତି। ଅତୀତରେ ଅନୁରୂପ ଢଙ୍ଗରେ ବିଜୟୀ ହେବାର ରେକର୍ଡ ଦିଲ୍ଲୀପ ରାୟଙ୍କର ଥିବାରୁ ଏବେ ବିଜେଡିର ଉଭୟ ନିଶ୍ଚିତ ଓ କମନ୍ ପ୍ରାର୍ଥୀଙ୍କର ଟେନ୍‌ସନ ବଢ଼ିବାରେ ଲାଗିଛି।

# ବେଧଡ଼କ ଚାଲିଛି ବେଆଇନ ବାଲି ଚାଲାଣ

## ନିୟମ ଥିଲେ ମଧ୍ୟ ବନ୍ଦ ହେଉନି ବେଆଇନ ଉତ୍ତୋଳନ

## ରାଜସ୍ୱରେ ଲକ୍ଷାଧିକ କ୍ଷତି, ବାଲି ମାଫିଆ ମାଲେମାଲ

## ଦେଖି ଅଦେଖା ପ୍ରଶାସନ



**ଛତ୍ରପୁର, ୧୨।୩ (ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣକୁ ନେଇ ଅଭିଯୋଗ ଦିନକୁ ଦିନ ବଢ଼ୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେଉଛି। ସରକାରୀ ନିୟମକୁ ଅବହେଳା କରି ନଦୀ ଶଯ୍ୟାରୁ ବେଧଡ଼କ ଭାବରେ ବାଲି ଉଠାଇ ଟ୍ରକ୍ ଯୋଗେ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଗଞ୍ଜାମ ତହସିଲର ମଲାଡ଼ ପଞ୍ଚାୟତ, ବରୋଦା ଗ୍ରାମ ନିକଟସ୍ଥ ବଜ୍ରକୋଟ ଘାଟ ୧ ଓ ୨ ଅଞ୍ଚଳର ଥିବା ନଦୀ ଶଯ୍ୟାରୁ ଦୀର୍ଘଦିନ ଧରି କୌଣସି ବୈଧ 'ୱାଇ' ଫର୍ମ କିମ୍ବା ପରିବହନ ପରମିଟ୍ ବିନା ଦୈନିକ ଶତାଧିକ ଟ୍ରିପ ବାଲି ଉଠାଯାଉଥିବା କଥା ପ୍ରକାଶ ପାଇଛି।

ଉଲ୍ଲେଖନୀୟ ଯେ, କଂଶାରୀ ଗଣ୍ଡ ଆନିକଟ ନିର୍ମାଣ ପାଇଁ ଓଏମ୍ଏମ୍ସି ଆକ୍ଟ-୨୦୧୬ ଅନୁଯାୟୀ ଏହାର ଆଖପାଖ ଅଞ୍ଚଳରେ ଖନନ କାର୍ଯ୍ୟ ନ କରିବାକୁ ୨୦୨୧ ଫେବୃୟାରୀରେ ଜଳସେଚନ ବିଭାଗ ରାଜସ୍ୱ ବିଭାଗକୁ ଅବଗତ କରିଥିଲା। ପରେ ସମ୍ପର୍କିତ ବାଲି ଉତ୍ସଗୁଡ଼ିକୁ ସୋର୍ସ ତାଲିକାରୁ ବାଦ ଦିଆଯାଇଥିଲା ଏବଂ ୨୦୨୩ରେ ଖଣିଜ ସମ୍ପଦ ବିଭାଗକୁ ବାଲି ଘାଟ ହସ୍ତାନ୍ତର ସମୟରେ ମଧ୍ୟ ସେଗୁଡ଼ିକ ଅନ୍ତର୍ଭୁକ୍ତ ହୋଇନଥିଲା। ପରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନ ମିଳିବାରୁ ଏହା ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ସାମିଲ ହୋଇପାରିନଥିଲା। ତଥାପି ବର୍ତ୍ତମାନ ଆନିକଟର ପ୍ରାୟ ୨୦୦ ମିଟର ମଧ୍ୟରେ ଖୋଲାମେଲା ଭାବରେ ବାଲି ଉତ୍ତୋଳନ ହେଉଥିବା ଦେଖାଯାଉଛି, ଯାହା ଓଏମ୍ଏମ୍ସି ନିୟମର ସ୍ପଷ୍ଟ ଉଲଂଘନ ବୋଲି ଚର୍ଚ୍ଚା ହେଉଛି।

ନିୟମ ଅନୁଯାୟୀ ଏପରି କାରବାରକୁ ରୋକିବା ପାଇଁ ସ୍ଥାନୀୟ ପୁଲିସ, ତହସିଲ ପ୍ରଶାସନ ଓ ମାଇନିଂ ବିଭାଗର ଏନ୍ଫୋର୍ସମେଣ୍ଟ ଦାୟିତ୍ୱ ଥିଲେ ମଧ୍ୟ ସେମାନଙ୍କ ନିଷ୍କ୍ରିୟତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। କିଛି ପ୍ରଭାବଶାଳୀ ବାଲି ମାଫିଆଙ୍କ ଛତ୍ରଛାୟାରେ ଏହି କାରବାର ଚାଲିଥିବା ଆଶଙ୍କା ମଧ୍ୟ ବ୍ୟକ୍ତ ହେଉଛି।ଏନେଇ ମାଇନିଂ ଅଧିକାରୀ ଭବାନୀ ଶଙ୍କର ରାଉତ କହିଛନ୍ତି, "ଏହି ଅଞ୍ଚଳ ଆମ ବିଭାଗର ସିଧାସଳଖ ଅଧୀନରେ ନଥିଲେ ମଧ୍ୟ ଯୁଗ୍ମ ଏନ୍ଫୋର୍ସମେଣ୍ଟ ଦାୟିତ୍ୱ ଅନୁଯାୟୀ ନିୟମିତ ଚଢ଼ାଉକୁ ଜୋର ଦିଆଯିବ ଏବଂ ବେଆଇନ ଚୋରା ଚାଲାଣ ଧରାପଡ଼ିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।"

## ରାସ୍ତା କଡ଼ରେ ୩୩ କେଭି ବିଦ୍ୟୁତ୍ ସଂଯୋଗକୁ ନେଇ ଅଞ୍ଚଳବାସୀ ଭୟଭୀତ



**ଫୁଲବାଣୀ, ୧୨।୩ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବାର ପୁଲିଆ ଠାରୁ ପିଲା ଶାଲୁଙ୍କି ଡ୍ୟାମ ପର୍ଯ୍ୟନ୍ତ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ କାମ ଚାଲିଛି । ଏହି ବିଦ୍ୟୁତ୍ ତାର ଆର.ଡି ରାସ୍ତାର ଉପର ଦେଇ ସଂଯୋଗ ରହିଛି। ଆଶ୍ରମ ସ୍କୁଲ୍ ନିକଟ ଦେଇ ତାର ଟଣା ଯାଇଛି । ତାହା ସହିତ ରାସ୍ତା ସୋଲ୍ଡ଼ର ଉପରେ ଖୁଣ୍ଟ ରହିଛି। ରାଇ ଖୋଲ ଗ୍ରାମର କିଛି ଅଂଶରେ କୋଭର ତାର ଟଣା ଯାଇଥିବା ବେଳେ ଆଉ କିଛି ଅଂଶ ବିନା କଭର୍ ତାର ଟଣା ଯାଇଛି। ଯାହାକୁ ନେଇ ସେହି ଅଞ୍ଚଳବାସୀ ସମେତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ମାନେ ଭୟ କରୁଛନ୍ତି । ଏ ନେଇ କାମ କରୁଥିବା ଠିକାଦାର ଦିଲୀପ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପାନୀୟ ଜଳ ପ୍ରକଳ୍ପ କୁ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ହେଉଛି । ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଅନୁମତି ଦେବାରୁ ଆମେ କାମ କରିଛୁ ବୋଲି କହିଛନ୍ତି। ଅନ୍ୟ ପକ୍ଷେ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ବିଚିତ୍ର ବିଷୋୟୀ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ଆଖି ରେ ରଖି କାମ କରିବା କଥା ଖୁଣ୍ଟ ପୋତିବା ବେଳେ ବିଦ୍ୟୁତ୍ ତାର ସଂଯୋଗ ବେଳେ ଆମ ଉପସ୍ଥିତିରେ କାମ କରିବା କଥା ବୋଲି କହିଛନ୍ତି। ଆର.ଡି ବିଭାଗୀୟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ସିଂହକୁ ଏ ନେଇ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତା ସୋଲାଡର୍ ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ନିୟମ ନାହିଁ । ଖୁଣ୍ଟ ଘୁଞ୍ଚାଇବାକୁ କୁହା ଯାଇଛି। ଯାତ୍ରୀ ମାନଙ୍କ ଉପରେ କୌଣସି ଅଘଟଣ ହେଲେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ।ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆମର କର୍ତ୍ତବ୍ୟ ତେଣୁ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଏ ନେଇ ଜଣେଇବି ବୋଲି କହିଛନ୍ତି।

### ଆଇନଜୀବୀଙ୍କୁ ପୁନଃ ନୋଟିସ୍

## ବ୍ୟକ୍ତିଗତ ହାଜର ହୁଅ, ନଚେତ ଗିରଫ ଥୟ

**ସତ୍ୟବାଦୀ, ୧୨।୩ (ସଂଚାର ବ୍ୟୁରୋ):** ସତ୍ୟବାଦୀ, ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଲିଖିତ ଅଭିଯୋଗର ଶୁଣାଣି କରି ପ୍ରତିପକ୍ଷ ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି ସାର୍ବଜନୀନ ଶାନ୍ତି ଭଙ୍ଗ କରିବା ସହ ଓ ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ କରି ଶୃଙ୍ଖଳାଭଙ୍ଗ କରୁଥିବା ସତ୍ୟବାଦୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତାଙ୍କ ରାୟରେ ପ୍ରକାଶ କରିଥିଲେ । ଅଭିଯୁକ୍ତ ସାକ୍ଷୀଗୋପାଳ ବିଦ୍ୟୁତ କାର୍ଯ୍ୟାଳୟ ପାସେଜ୍‌କୁ ଲାଗି ବେଆଇନ ଭାବେ ପାଇଖାନା ଟାଙ୍କି ନିର୍ମାଣ କରି ସାର୍ବଜନୀନ ସୁବିଧା ଓ ଆପାତକାଳୀନ ସେବାରେ ବାଧା ସୃଷ୍ଟି କରୁଥିବା ସେ ଉଲ୍ଲେଖ କରିଥିଲେ । ଏହି ଅବୈଧ ନିର୍ମାଣ ଯୋଗୁଁ ସାଧାରଣ ଜନତାଙ୍କ ସମେତ ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଥିଲା। ତେଣୁ ଶାନ୍ତିଭଙ୍ଗ ହେବାର ବେଶ ସମ୍ଭାବନା ଉପଲବ୍ଧି କରି ସରକାରୀ ଓକିଲଙ୍କ ଶୁଣାଣି ଏବଂ ସଂଯୁକ୍ତ ତଦନ୍ତ ଆଧାରରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ଏହି ଘଟଣାରେ ଧାରା ୧୨୬ ବିଏନ୍ଏସ୍ ଅନୁଯାୟୀ ଅଭିଯୁକ୍ତଙ୍କୁ ଗତ ଫେବୃଆରୀ ୨୧ ତାରିଖରେ ବ୍ୟକ୍ତିଗତ ହାଜିରା ଦେଇ କାରଣ ଦର୍ଶାଇବାକୁ ଆଦେଶ ଦେଇଥିଲେ। ପାଞ୍ଚ ହଜାର ଟଙ୍କାର ବନ୍ଧପତ୍ର ସହିତ ଏକ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ କୌଣସି ନିର୍ମାଣ ନକରିବାକୁ ପ୍ରତିଶ୍ରୁତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନଚେତ ଜାମିନ ବିହୀନ ୱାରେଣ୍ଟ ଜାରି କରି ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନା ଅଧିକାରୀଙ୍କୁ ସୂଚିତ କରାଯାଇଥିଲା। କିନ୍ତୁ ବିନାୟକ ଏହାକୁ ଖାତିର ନକରି ନିଜେ ବ୍ୟକ୍ତିଗତ ହାଜିର ନହୋଇ ଓକିଲ ମାଧ୍ୟମରେ ହାଜିରା ଦେଇଥିଲେ। କିନ୍ତୁ ଇତିମଧ୍ୟରେ ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ କର୍ମଚାରୀଙ୍କୁ ଧମକ ଚମକ ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ତେଣୁ ଆସନ୍ତା ୧୬ ତାରିଖ ସକାଳେ ବ୍ୟକ୍ତିଗତ ଭାବେ ହଜାର ହେବାକୁ ପୁଣି ଥରେ ନୋଟିସ ଦେଇଛନ୍ତି ତହସିଲଦାର। ବ୍ୟକ୍ତିଗତ ହାଜିର ନହେଲେ ଗିରଫ ହେବେ ବିନାୟକ ବୋଲି ସୂଚନା ଦେଇଛନ୍ତି।

## ଓଡ଼ାପଡ଼ାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ଓଡ଼ାପଡ଼ା, ୧୨।୩ (ସଂଚାର ବ୍ୟୁରୋ):** ଆଜି ଓଡ଼ାପଡ଼ା ବ୍ଲକ ପରିସରରେ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଅଛି।ଏହି ଶିବିର ରେ ୧୬୪ ଜଣ ହିତାଧିକାରୀ ନାମ ପଞ୍ଜିକରଣ କରିଥିଲେ। ସେଥି ମଧ୍ୟରୁ ୧୬୦ ଜଣଙ୍କୁ ସହାୟତା ପ୍ରଦାନ ନିମନ୍ତେ ମନୋନୀତ କରାଯାଇଥିଲା।୭୦ ଜଣ ହିତାଧିକାରୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ୫୧ ଜଣ ହିତାଧିକାରୀ ଙ୍କୁ ଉପକରଣ ପ୍ରଦାନ କରାଯାଇଥିବା ଓଡ଼ାପଡ଼ା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଢେଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସ୍ୱାଇଁ ଓଡ଼ାପଡ଼ା ସାମାଜିକ ସୁରକ୍ଷା ଅଧିକାରୀ ସେଫାଳି ସ୍ୱେତାପଦ୍ମା ବେହେରା ପରିଚାଳନା କରୁଥିବା ୱେଳେ ଓଡ଼ାପଡ଼ା ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ମୁକେଶ କୁମାର ରଥ ଓ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଅତିରିକ୍ତ ବ୍ଲକ୍ ଅଧିକାରୀଙ୍କ ପରଲୋକ

**ସୁନ୍ଦରଗଡ଼, ୧୨।୩ (ସଂଚାର ବ୍ୟୁରୋ):** ଏକ ସଡ଼କ ଦୁର୍ଘଟଣାରେ ସଦର ବ୍ଲକ ଅତିରିକ୍ତ ବ୍ଲକ ଅଧିକାରୀ ସଂଜୀବ କୁମାର ଏକ୍କାଙ୍କ ମୃତ୍ୟୁ ହୋଇଛି। ଆଜି ନିଜ ଘରକୁ ଫେରୁଥିବା ସମୟରେ ବାଲିଶଙ୍କରା ବ୍ଲକ ଡୁମୁଲିଆ ଛକ ଠାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଘଟଣାସ୍ଥଳରେ ଶ୍ରୀ ଏକ୍କାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା, ଏଠାରେ ଶେଷ ଦର୍ଶନ କରିବା ପାଇଁ ପୂର୍ବତନ ବିଧାୟିକା କୁସୁମ ଟେଟେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ଗ୍ୟାସ୍ ପାଇଁ ପୁଣି ଲମ୍ବା ଲାଇନ୍

## ଏଜେନ୍ସି ମାଲେମାଲ୍, ଉପଭୋକ୍ତା ବେହାଲ୍




**ଆନନ୍ଦପୁର, ୧୨।୩ (ସଂଚାର ବ୍ୟୁରୋ):** ଗ୍ୟାସ୍ ସିଲିଣ୍ଡର ପାଇଁ ପୁଣି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଗ୍ୟାସ୍ ଏଜେନ୍ସୀ ମାଲେମାଲ୍ ହେଉଥିବା ବେଳେ ଉପଭୋକ୍ତା ମାନେ ହେଉଛନ୍ତି ବେହାଲ୍। ଡହ ଡହ ଖରାରେ ଘଣ୍ଟା ଘଣ୍ଟା ଧରି ଲାଇନ୍ ଲଗାଇ ଛିଡ଼ା ହୋଇ ରହିଛନ୍ତି ଉପଭୋକ୍ତା, ତଥାପି ସମୟରେ ମିଳୁନି ଗ୍ୟାସ୍ ଗ୍ୟାସ୍ ସଙ୍କଟକୁ ନେଇ ଏବେ ଯୁଦ୍ଧକାଳୀନ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି ହୋଇଥିବାରୁ ଖାଉଟିମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଦିନକୁ ଦିନ ଗ୍ୟାସ୍ ଯୋଗାଣରେ ଅନିୟମିତତା ହେଉଥିବାରୁ ଲୋକେ ଭୋଗୁଛନ୍ତି ନାନା ପ୍ରକାର ସମସ୍ୟା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାରେ ଥିବା ଦଳାଇ ଏଚ୍‌ପି ଗ୍ୟାସ୍ ସିଲିଣ୍ଡର। ଏଜେନ୍ସୀ ପକ୍ଷରୁ ଉପଭୋକ୍ତାଙ୍କ ପାଇଁ ନା ପାଣିର ବ୍ୟବସ୍ଥା ରହିଛି ନା ଅନ୍ୟ କୌଣସି ସୁବିଧା ରହିଛି। ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଉପଭୋକ୍ତା। କାଉଣ୍ଟର ସମ୍ମୁଖରେ ପ୍ରତିଦିନ ଉପଭୋକ୍ତାଙ୍କ ଭିଡ ଲାଗୁଛି। ଗ୍ୟାସ୍ ନେବା ପାଇଁ ସକାଳ ଠାରୁ ଲାଇନ୍ ଲଗାଇ ଥିଲେ ମଧ୍ୟ ଅନେକଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି। ଏହି ଅସୁବିଧାକୁ ନେଇ ଉପଭୋକ୍ତା ମାନେ ନିଜ ଦୁଃଖ କଥା ଗୋଟିଏ ପରେ ଗୋଟିଏ କରି ବଖାଣିଛନ୍ତି।

ଲୋକଙ୍କ ଅଭିଯୋଗ ଅନୁସାରେ, ଅଞ୍ଚଳରେ ଗ୍ୟାସ୍ ଉପଭୋକ୍ତା ସଂଖ୍ୟା ବଢ଼ିଥିଲେ ମଧ୍ୟ ଏକମାତ୍ର କାଉଣ୍ଟର ଥିବାରୁ ଏପରି ଅବସ୍ଥା ଦେଖାଦେଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନନ୍ଦପୁର ଅଞ୍ଚଳରେ ଆଉ ଗୋଟିଏ ଏଚ ପି ଗ୍ୟାସ୍ କାଉଣ୍ଟର ଖୋଲିବାକୁ ସ୍ଥାନୀୟ ଉପଭୋକ୍ତାଙ୍କ ଦାବୀ ଜୋର ଧରିଛି।ଏଥିପ୍ରତି ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଲୋକମାନେ ଦାବୀ କରିଛନ୍ତି।

## ମନ୍ଦିର ଜାଗାକୁ ନେଇ ଗୋଷ୍ଠୀ କନ୍ଦଳ, ୧୬୩ ଜାରି



**ନବରଂଗପୁର/ରାଇଘର, ୧୨।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳର ମାରିଗାଁ ଗ୍ରାମରେ ମନ୍ଦିର ଜମିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବାରୁ ପରିସ୍ଥିତି ତିବ୍ର ହୋଇଯାଇଛି। ଗ୍ରାମରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଦଣ୍ଡାତ୍ମକ ପ୍ରକ୍ରିୟା ସଂହିତା ଅନୁସାରେ ୧୬୩ ଧାରା ଜାରି କରାଯାଇଛି। ସୂଚନା ଅନୁସାରେ, ମାରିଗାଁ ଗ୍ରାମର ଏକ ପୁରାତନ ମନ୍ଦିର ସମ୍ପର୍କିତ ଜମିର ମାଲିକାନା ଓ ବ୍ୟବହାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ମତଭେଦ ଚାଲିଆସୁଥିଲା। ଏହି ବିବାଦ ତିବ୍ର ରୂପ ଧାରଣ କରିଥିବାରୁ ଗ୍ରାମରେ ଟଣାଟଣି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଅନୁଧ୍ୟାନ କରି ରାଇଘର ପ୍ରଶାସନ ଓ କୁନ୍ଦେଇ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ଶାନ୍ତି ଓ ସମ୍ମିଳିତ ଭାବରେ ରହିବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟିବା ପାଇଁ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଅଞ୍ଚଳରେ ୧୬୩ ଧାରା ଲାଗୁ କରାଯାଇଛି। ୧୬୩ ଧାରା ଲାଗୁ ହେବା ପରେ ଏକାଠି ହେବା, ସଭା କିମ୍ବା ଜମାଯୋଗ କରିବା ଉପରେ ନିଷେଧ ଜାରି ହୋଇଛି। ପୁଲିସ ପକ୍ଷରୁ ଅଞ୍ଚଳରେ କଡ଼ା ପହରା ଦିଆଯାଇଥିବା ବେଳେ ପରିସ୍ଥିତି ଉପରେ ସତତ ନଜର ରଖାଯାଉଛି। ପ୍ରଶାସନ ପକ୍ଷରୁ ଦୁଇପକ୍ଷକୁ ଆଇନ ମାନି ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସୂଚନା ମିଳିଛି ।

## ଭିଙ୍ଗାରପୁର, ତିରଣପଦାରେ ଚାଲିଛି ମାଲମାଲ ଇଟାଭାଟି

ଚିମ୍ନୀ ଧୂଆଁରେ ପରିବେଶ ପ୍ରଦୂଷିତ



**ବାଲିଅନ୍ତା, ୧୨।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ତହସିଲ ଅଞ୍ଚଳରେ ଡଜନ ଡଜନ ପୋଡ଼ା ଇଟା ଭାଟି ଚାଲିଛି। ଏନେଇ ପ୍ରଦୂଷଣର ମାତ୍ରା ବଢ଼ୁଥିବା ବେଳେ ପୋଡ଼ା ଚିମିନି ଇଟାଭାଟିଗୁଡ଼ିକ ଉପରେ ଚଢ଼ଉ କରାଯାଉ ନାହିଁ। ପ୍ରଶାସନର କୋହଳ ମନୋଭାବ କଙ୍କଡ଼ାକୁ ଗୋଲିପାଣି ସୁହାଇବା ଭଳି ମାଟିଇଟା ମାଫିଆମାନଙ୍କୁ ସୁହାଉଛି। ତହସିଲ ପ୍ରଶାସନ, ଖୋର୍ଧା ଜିଲ୍ଲା ଖଣି ବିଭାଗ , ରାଜ୍ୟ ପ୍ରଦୂଷଣ ବିଭାଗ , ଶ୍ରମ ବିଭାଗ, ଶିଳ୍ପ ବିଭାଗ ଏବଂ ପଞ୍ଚାୟତ ଜନ ପ୍ରତିନିଧିମାନଙ୍କ ବିନା ଅନୁମିତିରେ ମାଫିଆମାନେ କିଭଳି ଚଳାଇଛନ୍ତି ପୋଡ଼ା ଇଟାଭାଟି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଅଧିକାରୀ ଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କ ନେଇ ହାତ ଚିକ୍କଣ କରୁଥିବା ଅଭିଯୋଗ ହେଉଛି।

ଇଟାଭାଟି ମାଲିକମାନେ ନିକଟସ୍ଥ ସରକାରୀ ଜମି, ଦଣ୍ଡା, ଗୋଚର, ଅନାବାଦୀ, ଜଳାଶୟ, ଜଙ୍ଗଲ ଜମି, ପତିତ ଜମି ଏବଂ ଚାଷ ଉପଯୋଗୀ ଜମିରୁ ବେଆଇନ ଭାବେ ମାଟି ଚୋରି କରି କମ ଉଚ୍ଚତା ବିଶିଷ୍ଟ ଚିମିନିରେ ଇଟା ପୋଡୁଛନ୍ତି। ଯାହାଫଳରେ ଚିମିନିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଆଖପାଖ ଜନବସତି, ବସ୍ତିରେ ଧୂଳି ଓ ଧୂଆଁର ଆସ୍ତରଣ ଜମି ଯାଉଛି। ଲୋକମାନେ ଧୂଳି ଓ ଧୂଆ ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ଖାଲି ସେତିକି ନୁହେଁ ଇଟାଭାଟି ଚିମିନିରେ କୋଇଲା ଏବଂ ଅନ୍ୟାନ୍ୟ ଦହନଶୀଳ ପଦାର୍ଥ ଜଳିବା ଦ୍ୱାରା ପରିବେଶ ଆହୁରି ପ୍ରଦୂଷିତ ହୋଇପଡୁଛି।

ବିଶେଷ କରି କଞ୍ଚିଲୋ, ବାଲିଅନ୍ତା, ଭିଙ୍ଗାରପୁର, ଗରଗରା, କୁରାଙ୍ଗ, ବାଲକାଟି, ଧମିଲୋ, ଜଗନ୍ନାଥପୁର ଏବଂ ଜୟଦେବ ପଞ୍ଚାୟତ ଅଞ୍ଚଳରେ ଚାଷ ଜମିରୁ ମାଟି ଚୋରି କରି ଚିମିନିରେ ପୋଡ଼ାମାଟି ଇଟାଭାଟି ଚାଲିଛି। ଜିଲ୍ଲା ପ୍ରଶାସନ, ଖଣି ବିଭାଗ, ତହସିଲ ପ୍ରଶାସନ, ପ୍ରଦୂଷଣ ବିଭାଗ ଏବଂ ପୁଲିସ ଜାଣତରେ ଭାଟି ଚାଲିଥିବା ଅଭିଯୋଗ ହେଉଛି। ସଂପ୍ରତି ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଭାଟି ଯୋଗୁ ତାପମାତ୍ରା ଆହୁରି ବୃଦ୍ଧି ପାଇବାରେ ଲାଗିଛି। କିଛି ଇଟାଭାଟିରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିଲେ ହେଁ ଶ୍ରମ ବିଭାଗ ଚଢ଼ଉ କରି ଇଟାଭାଟି ମାଲିକମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଜଣାପଡ଼ିଛି। ବାୟୁମଣ୍ଡଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚିମିନି ଭାଟି ଉଚ୍ଛେଦ ନେଇ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୬୧ ଯୋଡ଼ିଙ୍କ ସାମୂହିକ ବିବାହ



**ସୁନ୍ଦରଗଡ଼, ୧୨।୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ସୁନ୍ଦରଗଡ଼ରେ ୬୧ ଜଣ ଆର୍ଥିକ ଅନଗ୍ରସର ପରିବାରର ପୁଅ ଓ ଝିଅଙ୍କର ସାମୂହିକ ବିବାହ ସମ୍ପନ୍ନ ହୋଇଛି। ଜିଲ୍ଲା ପ୍ରଶାସନ ଓ ସହଯୋଗୀ ସଂସ୍ଥା 'ଦିଶା'ର ମିଳିତ ଆନୁକୂଲ୍ୟରେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ବିବାହ କରାଇବାରେ ଅସମର୍ଥ ଗରିବ ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ଏହି ସାମୂହିକ ବିବାହ ଅବସରରେ ପ୍ରତ୍ୟେକ ଯୋଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ ସୁରଜ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀବନ୍ତ ଜେନା ଓ ପୌରାଧ୍ୟକ୍ଷା ତନୟା ମିଶ୍ର ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆଗାମୀ ଦିନରେ ଆହୁରି ଅନେକ ଆର୍ଥିକ ଅନଗ୍ରସର ପରିବାର ଲାଭାନ୍ୱିତ ହେବେ ବୋଲି ପ୍ରଶାସନ ଆଶା ବ୍ୟକ୍ତ କରିଛି। ଆର୍ଥିକ ଦୃଷ୍ଟିରୁ ଅସହାୟ ପରିବାରଙ୍କୁ ସହାୟତା କରି ସମ୍ମାନଜନକ ଭାବରେ ବିବାହ ସମ୍ପନ୍ନ କରାଇବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ।

## ବାସ୍କେଟବଲ୍ ପ୍ରତିଯୋଗିତା ଆୟୋଜନ




**ଯାଜପୁର, ୧୨।୩ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ କ୍ରୀଡ଼ା ବିଭାଗ ପକ୍ଷରୁ ଜୁନିଅର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ମାର୍ଚ୍ଚ ୧୩ ତାରିଖରୁ ମାର୍ଚ୍ଚ ୧୫ ତାରିଖ ଯାଏଁ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ପୁରୁଷ ଦଳ ଏବଂ ୪ ଟି ମହିଳା ଦଳ ଅଂଶଗ୍ରହଣ କରିବେ। ୧୩ ତାରିଖ ସନ୍ଧ୍ୟାରେ ଉଦଘାଟନୀ ମ୍ୟାଚ୍ ଏବଂ ୧୫ ତାରିଖ ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ଆସିଥିବା ଟିମ୍ ଏହି କ୍ରୀଡ଼ାରେ ଭାଗ ନେବେ। ପ୍ରଶାସନ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମଠାରେ ଖେଳାଳୀମାନଙ୍କ ରହଣି, ଖାଦ୍ୟପେୟର ସୁବିଧା ସହ ଗମନାଗମନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ହକି ଷ୍ଟାଡିୟମ କମ୍ପ୍ଲେକ୍ସରେ ପ୍ରତିଯୋଗିତାରେ ନିୟୋଜିତ ଅଧିକାରୀଙ୍କ ରହଣି ପାଇଁ ଆୟୋଜନ କରାଯାଇଛି। ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ସାମ୍ବାଦିକ ମାନଙ୍କୁ ଏହି ପ୍ରତିଯୋଗିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ।

## ଦକ୍ଷିଣନରସିଂହପୁରରେ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପିତ



**ନୀଳଗିରି, ୧୨।୩ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧିନ ଦକ୍ଷିଣନରସିଂହପୁର ପଂଚାୟତ ରେ ଆଜି ନୂତନ ପଞ୍ଚାୟତ ଭବନ ଭିତ୍ତି ପ୍ରସ୍ତର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଔପଦା ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ଜେନା, ସମିତି ସଭ୍ୟା ପଦ୍ମଜା କାନୁନଗୋ, ଔପଦା ବ୍ଲକ ଯନ୍ତ୍ରୀ ନଳିନୀ କୁମାର ଭୋଇ, ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ସିଆରପି, ଏମ୍ବିକେ ,ଏବଂ ପଞ୍ଚାୟତ ବାସୀ ଉପସ୍ଥିତ ଥିଲେ।ବହୁଦିନର ଆଶା ପୂରଣ. ହେବାକୁ ଯାଉଥିବାରୁ ସାଧାରଣରେ ସ୍ଥାନୀୟ ବ୍ୟକ୍ତି ଖୁସି ବ୍ୟକ୍ତ କରିଛନ୍ତି ।

## ମନ୍ଦିରରୁ ରୂପା ମୁକୁଟ ସହ ଅନ୍ୟାନ୍ୟ ଜିନିଷ ଚୋରି

### ବର୍ଷ ବିତୁଛି, ଚୋର ଧରିପାରୁନି ପୁଲିସ




**କାକଟପୁର/ଅସ୍ତରଙ୍ଗ, ୧୨।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଖଣ୍ଡାସାହି (ବାଲିସାହି ) ଅଂଚଳର ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କ ରୁପା ମୁକୁଟ ସମେତ ବିଭିନ୍ନ ସାମଗ୍ରୀ ଚୋରି ଘଟଣାର କାକଟପୁର ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ମାସ ମାସ ବିତିଯାଉଥିଲେ ସୁଦ୍ଧା ପୂର୍ବରୁ ବିଭିନ୍ନ ମନ୍ଦିର ରୁ ଚୋରି କରିଥିବା ଚୋରଙ୍କ ଟେର ପାଉନି ପୁଲିସ। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ବିଭିନ୍ନ ମନ୍ଦିର ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାକଟପୁର ଥାନା ଅଧୀନ ଖଣ୍ଡାସାହି (ବାଲିସାହି ) ଗ୍ରାମର ରାଧାକୃଷ୍ଣ ମନ୍ଦିର ରୁ ବୁଧବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ରୂପା ପାଉଁଜି, ସୁନା ମଙ୍ଗଳସୂତ୍ର, ନାକଫୁଲ, ରୂପା ହାର, ସୁନା ମୁଦି, ଖଡୁ ଢାଲ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି।ଯାହାକୁ ନେଇ ଗୁରୁବାର କାକଟପୁର ଥାନାରେ ପୂଜକ ପୁରୁଷୋତ୍ତମ ପଣ୍ଡା ଅଭିଯୋଗ କରିଛନ୍ତି। କାକଟପୁର ପୁଲିସ କେଶ ନମ୍ବର ୧୦୯/୨୬ରେ ମାମଲା ରୁଜୁ କରି ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଂଚି ତଦନ୍ତ କରିଥିଲେ।ଏହା ପୂର୍ବରୁ ଅସ୍ତରଙ୍ଗ ଥାନା ଅଧୀନରେ କୁଅଁରପୁର ସ୍ଥିତ ମନ୍ଦିର ରୁ କିଛି ଦିନ ପୂର୍ବରୁ ଠାକୁରଙ୍କ ଦାନବାକ୍ସ ଭାଙ୍ଗି ଲୁଟି ନେଇଥିଲେ। ଏହା ସହ କିଛି ଦିନ ପୂର୍ବରୁ ଆଙ୍କୁଅ ଗାଁରେ ମଧ୍ୟ ଚୋରି ହୋଇଥିଲା। ଅନେକ ମନ୍ଦିରରୁ ଚୋରି ଏକ ବର୍ଷ ରୁ ଉର୍ଦ୍ଧ ବିତିବାକୁ ବସିଲାଣି ତଥାପି ଚୋରକୁ ଠାବ କରିବାରେ ସଫଳ ହୋଇନାହିଁ ପୁଲିସ। ଅନେକ ସ୍ଥାନରେ ସାଇଣ୍ଟିଫିକ ଟିମ୍ କେବଳ ଯାଞ୍ଚ କରି ସାରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଫାଇଲି ତଳେ ରହିଯାଉଛି। ପୁଲିସର ଆନ୍ତରିକତା ଅଭାବରୁ ମନ୍ଦିର ରୁ ଚୋରି ଜିନିଷ ଉଦ୍ଧାର ହେଉନାହିଁ କି ଚୋର ଧରାପଡୁନାହାନ୍ତି। ସମସ୍ତ ଆଧୁନିକ ଜ୍ଞାନ କୌଶଳ ଥିବା ସତ୍ୱେ ବର୍ଷ ବର୍ଷ ଧରି ଚୋରଙ୍କୁ ଚିହ୍ନଟ କରିପାରୁନି ପୁଲିସ।

ଅନ୍ୟ ପକ୍ଷରେ ଥାନାର ଅଧିକାରୀମାନେ ବଦଳିଲେ ଫାଇଲିରେ ଧୂଳି ଲାଗିଯାଉଛି। ସ୍ଥାନୀୟ ଲୋକଙ୍କ ଏସପିଙ୍କ ଉପରେ ଭରସା ରହିଛି, ଯଦି ଅସ୍ତରଙ୍ଗ ଥାନା ଓ କାକଟପୁର ଥାନାର ଗାଦି ମଡ଼ା କର୍ମଚାରୀଙ୍କୁ ବଦଳି କରି ନୂତନ ଅଧିକାରୀମାନେ ନିଯୁକ୍ତି ହୁଅନ୍ତେ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା। ଚୋର ବି ଆଗକୁ ଚୋରି କରିବାକୁ ଭୟ କରନ୍ତେ।

# ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ କିଡ଼ନୀ ଦିବସ ପାଳିତ




**ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ):** ବୃକକ୍ ଜନିତ ରୋଗର ଉପଯୁକ୍ତ ଚିକିତ୍ସା ଓ ଉପଯୁକ୍ତ ଜୀବନଶୈଳୀ ମାଧ୍ୟମରେ କିଭଳି ମଣିଷ ନିଜକୁ ସୁସ୍ଥ ରଖିପାରିବ ସେ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍, ଭୁବନେଶ୍ୱର ପକ୍ଷରୁ ଗୁରୁବାର ବିଶ୍ୱ କିଡ଼ନୀ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ଼ନୀ ଦିବସ ରୂପେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ 'କିଡ଼ନୀ ହେଲ୍‌ଥ ଫର ଅଲ- କେୟାରିଂ ଫର ପିପୁଲ ପ୍ରୋଟେକ୍ଟସ ଦ ପ୍ଲାନେଟ' ରହିଛି। ପରିବେଶ କିପରି କିଡ଼ନୀ ଉପରେ ପ୍ରଭାବ ପକାଉଛି ଓ କିଡ଼ନୀ ରୋଗର ଚିକିତ୍ସା କିପରି ପରିବେଶକୁ ଦୂଷିତ କରୁଛି ସେ ନେଇ ଏହି ଅବସରରେ ସମ୍ ହସ୍ପିଟାଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଏ ସମ୍ପର୍କିତ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଡ଼ନୀ ରୋଗ ଏକ ଗୁରୁତର ଶାରୀରିକ ସମସ୍ୟା ବୋଲି କହିଥିଲେ। ଏହି ସମସ୍ୟାରୁ ବାହାରିବା ନିମନ୍ତେ ଜନସାଧାରଣଙ୍କୁ କିଡ଼ନୀ ଜନିତ ରୋଗ ସମ୍ପର୍କରେ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ୍ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁସ୍ଥ କିଡ଼ନୀ ନିମନ୍ତେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ସମ୍ ହସ୍ପିଟାଲ୍‌ର ୟୁରୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଦେବବ୍ରତ ସାବତ, ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବିଶ୍ୱରଞ୍ଜନ ମହାନ୍ତି. ପ୍ରଫେସର (ଡାକ୍ତର) ଦେବ ପ୍ରସାଦ କର, ଆସୋସିଏଟ୍ ପ୍ରଫେସର (ଡକ୍ଟର) ବିଶ୍ୱଜିତ ମିଶ୍ର ଓ ଆସିଷ୍ଟାଂଟ୍ ପ୍ରଫେସର (ଡକ୍ଟର) ଅମୃତା ଦେବୀ ନିଜର ବକ୍ତବ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ସମସ୍ତ ବିଭାଗର ଫ୍ୟାକଲ୍ଟି, ଛାତ୍ରଛାତ୍ରୀ ଓ ଡାକ୍ତରମାନେ ଯୋଗ ଦେଇଥିଲେ। ବିଶ୍ୱ କିଡ଼ନୀ ଦିବସ ପରିପ୍ରେକ୍ଷୀରେ ସମ ହସ୍ପିଟାଲ୍ ପକ୍ଷରୁ ଗୁରୁବାର ସକାଳେ ଏକ ସଚେତନତା ୱାକାଥନର ମଧ୍ୟ ଆୟୋଜନ କରାଯାଇଥିଲା।

# ଲକ୍ଷେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଡ଼ିଲା 'ନ୍ୟାୟ ସଂହିତା' ପ୍ରଦର୍ଶନୀ

**ନୂତନ ନ୍ୟାୟ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ହେଲା ଭୁବନେଶ୍ୱର**

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଛି। ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ପ୍ରଦର୍ଶନୀ ସହ ୧ ଲକ୍ଷରୁ ଅଧିକ ଲୋକ ଯୋଡ଼ି ହୋଇଥିଲେ। ଏହି ସମ୍ମିଳନୀ ବୃହତ୍ତର ଭାବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୁଲିସିଂରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିସାରିଛି।



ପ୍ରଦର୍ଶନୀର ଶେଷ ଦିନରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ଶ୍ରମ ଓ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଅରୁମୁଗମ ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଶେଷଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆରପିଏଫ, ସିଆଇଏସଏଫ ଓ ସିଆରପିଏଫର କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଯୋଗଦେଇ ଭାରତର ନୂତନ ନ୍ୟାୟ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପରିକଳ୍ପିତ ଏହି ପ୍ରଦର୍ଶନୀକୁ 'ନ୍ୟାୟର ଯାତ୍ରା' ଭାବେ ଗଢ଼ାଯାଇଥିଲା। ପରମ୍ପରାଗତ ବ୍ୟାଖ୍ୟା ପରିବର୍ତ୍ତେ ଏଠାରେ ଏକ ଅନୁଭୂତିମୂଳକ ପ୍ରଦର୍ଶନୀ ତିଆରି କରାଯାଇଥିଲା। ଦର୍ଶକମାନେ ପ୍ରଥମେ ଏକ ବାସ୍ତବ ସଦୃଶ କ୍ରାଇମ ସିନ ପାଭିଲିଅନ୍‌ରୁ ଯାତ୍ରା ଆରମ୍ଭ କରିଥିଲେ, ଯେଉଁଠାରେ ଫରେନ୍ସିକ୍ ଏକ୍ସପର୍ଟମାନେ ପ୍ରମାଣ ସଂଗ୍ରହର 'ଗୋଲଡେନ ଆୱାର' ବିଷୟରେ ପ୍ରଦର୍ଶନ କରିଥିଲେ। ପରେ ଏହି ଯାତ୍ରା ପୁଲିସ କଣ୍ଟ୍ରୋଲ ରୁମ ମାଧ୍ୟମରେ ଆଗକୁ ବଢ଼ିଥିଲା, ଯେଉଁଠାରେ ଡାଏଲ-୧୧୨ ହେଲ୍ପଲାଇନ୍ ଓ ଜିପିଏସ-ସମର୍ଥିତ ପୁଲିସ୍ ଡେସ୍‌ପାଚ୍ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା। ଥାନା ଅଂଶରେ ଜିରୋ ଏଫଆଇଆର ନିବନ୍ଧନ ଓ ଡିଜିଟାଲ୍ କେସ୍ ମ୍ୟାନେଜମେଣ୍ଟ ଭଳି ଆଧୁନିକ ପ୍ରଣାଳୀ ବିଷୟରେ ଜଣାଯାଇଥିଲା। ଏହାପରେ ଦର୍ଶକମାନେ ଏକ ଜିଲ୍ଲା କୋର୍ଟ ଓ ଉଚ୍ଚ ନ୍ୟାୟାଳୟ ପରିବେଶରେ ମାମଲା ଶୁଣାଣି ଓ ଅପିଲ୍ ପ୍ରକ୍ରିୟାକୁ ନିକଟରୁ ଦେଖିଥିଲେ। ଗତ ବର୍ଷକରେ ଜିରୋ ଏଫଆଇଆର କ୍ଷେତ୍ରରେ ୧୬୬ ପ୍ରତିଶତ ବୃଦ୍ଧି ଓ ଦଣ୍ଡାଦେଶ ହାର ୮୭.୬ %କୁ ପହଞ୍ଚିଛି।

## ୪୦ ଡିଗ୍ରୀ ପାର କଲା ତାପମାତ୍ରା



ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ) : ମାର୍ଚ୍ଚ ମାସ ଅଧା ନହେଉଣୁ ଓଡ଼ିଶାରେ କଳବଳ କଲାଣି ଖରା। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ପଶ୍ଚିମ ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ା ଏବେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଚଳିତ ସିଜନରେ ପ୍ରଥମ ଥର ପାଇଁ ରାଜ୍ୟର ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରହିଛି। ସେହିପରି ସମ୍ବଲପୁର ଓ ସୁନ୍ଦରଗଡ଼ରେ ପାରଦ ୩୯ ଡିଗ୍ରୀ ଛୁଇଁଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୮.୬ ଡିଗ୍ରୀ ଏବଂ କଟକରେ ୩୫.୬ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଛି। ରାଜ୍ୟର ପ୍ରାୟ ୨୫ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାରଦ ଆହୁରି ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି।

## ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଆନ୍ଦୋଳନକୁ ସମର୍ଥନ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଆଉଟସୋର୍ସିଂ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ଏହା ଗୋତିପ୍ରଥା ସହ ସମାନ। ଏହି ପ୍ରଥାକୁ ତୁରନ୍ତ ଉଚ୍ଛେଦ କରି ସେମାନଙ୍କ ଚାକିରିକୁ ନିୟମିତ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

ସରକାର ଯଦି ମାନବିକତା ଦୃଷ୍ଟିରୁ ଏହା ନ କରନ୍ତି, ତେବେ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସେ ଆହ୍ୱାନ ଦେବା ସହ କଂଗ୍ରେସ ପ୍ରତ୍ୟକ୍ଷ ଭାବେ ଏହି ଆନ୍ଦୋଳନରେ ଯୋଡ଼ ହେବ ବୋଲି ପିସିସି ସଭାପତି କହିଛନ୍ତି। ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ଏହି



ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଘୋଷଣା କରିଛନ୍ତି। କର୍ମଚାରୀଙ୍କ ୩ ଦଫା ଦାବି ପୂରଣ ପାଇଁ ବିଧାନସଭାରେ ସେ ଦାବି କରିବେ ବୋଲି ମଧ୍ୟ ଘୋଷଣା କରିଥିଲେ। ଦଳର ମୁଖ୍ୟ ସଚେତକ ରାଜନ ଏକ୍କା, ବିଧାୟକ ସତ୍ୟନାରାୟଣ ଗମାଙ୍ଗ, କଂଗ୍ରେସ ନେତା ତଥା ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ମଧ୍ୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ସି-ସୋର ଚିଟ୍‌ଫଣ୍ଡ ମାମଲା**

## ପୂର୍ବତନ ଏମ୍‌ପିଙ୍କୁ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି

କଟକ, ୧୨।୩ (ସଂଚାର ବ୍ୟୁରୋ) : ବହୁଚର୍ଚ୍ଚିତ ସି-ସୋର୍ ଚିଟ୍‌ଫଣ୍ଡ୍ କେଲେଙ୍କାରୀ ମାମଲାରେ ଅଭିଯୁକ୍ତ ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି। ତାଙ୍କୁ ପୂର୍ବରୁ ମିଳିଥିବା 'ଅନ୍ତରୀଣ ସୁରକ୍ଷା' ଅବଧିକୁ ଆସନ୍ତା ଏପ୍ରିଲ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ହାଇକୋର୍ଟ। ଅନ୍ୟପଟେ ତାଙ୍କ ଠାରୁ ଜବତ କରାଯାଇଥିବା ଦଲିଲ ଓ ଦସ୍ତାବିଜ୍‌ର ଚିଠା ବା ତାଲିକା ଯୋଗାଇଦେବାକୁ କୋର୍ଟ କହିଛନ୍ତି। ଭୁବନେଶ୍ୱର ସିବିଆଇ ଅଦାଲତରେ ଚାଲିଥିବା ସି-ସୋର୍




ଚିଟ୍‌ଫଣ୍ଡ୍ କେଲେଙ୍କାରୀ ମାମଲାରୁ ତାଙ୍କୁ ବାଦ ଦେବା ଲାଗି ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ପ୍ରାରମ୍ଭିକ ଶୁଣାଣିରେ ହାଇକୋର୍ଟ ରବୀନ୍ଦ୍ରଙ୍କ ଆବେଦନକୁ ଗ୍ରହଣ କରିବା ସହ ତାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ତେବେ ସର୍ତ୍ତ ସ୍ୱରୂପ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ସହ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଥିଲେ। ତେବେ ଗତ ଶୁଣାଣି ସମୟରେ ତାଙ୍କଠାରୁ ଜବତ କରାଯାଇ ଅବ୍ୟବହୃତ ସମସ୍ତ ଦଲିଲକୁ ଫେରାଇ ଦେବାକୁ ସେ କୋର୍ଟରେ ଦରଖାସ୍ତ କରିଥିଲେ। ତାଙ୍କଠୁ କ'ଣ କ'ଣ ଦଲିଲ ଦସ୍ତାବିଜ ଜବତ କରାଯାଇଛି ସେ ସବୁର ଏକ ତାଲିକା ଦାଖଲ ହୋଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

## ପରକୀୟା ପ୍ରୀତିରୁ ଯୁବକଙ୍କୁ ଛୁରାମାଡ଼

ଜଗତପୁର,୧୨।୩(ସଂଚାର ବ୍ୟୁରୋ): କଟକ ଜଗତପୁର ଗୋଲେଇ ଛକରେ ଜନୈକ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ଉକ୍ତ ଯୁବକ ଜଣଙ୍କ ପଣ୍ଡା ବ୍ରଦର୍ସରେ କାମ କରୁଥିବା ବେଳେ ତାଙ୍କୁ ପରକ୍ରୀୟା ପ୍ରୀତି ଅଭିଯୋଗରେ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ସେ ଗୁରୁତର ଭାବେ ଆହତ ହୋଇଥିବା ବେଳେ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସଦ୍‌ଗୁରୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ପରେ ପରିବାର ଲୋକେ ଉତ୍ତମ ଚିକିତ୍ସା ସକାଶେ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରିଛନ୍ତି। ଆହତ ଯୁବକଙ୍କ ନାମ ସଞ୍ଜୀବ ଶୁକ୍ଳା ହୋଇଥିବା ବେଳେ ଖବର ପାଇ ଜଗତପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



## ସିଲିଣ୍ଡର ଫାଟି ଜଳିଗଲା ୧୦ ଦୋକାନ



ଅନୁଗୁଳ,୧୨।୩(ସଂଚାର ବ୍ୟୁରୋ): ଅନୁଗୁଳ ବନ୍ତଳା ଛକରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ସିଲିଣ୍ଡର ଫାଟିବା କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ୧୦ ଦୋକାନ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି। ଅନୁଗୁଳ ବନ୍ତଳା ଛକରେ ଗ୍ୟାସ ସିଲିଣ୍ଡର ଫାଟି ପ୍ରଥମେ ଏକ ଜଳଖିଆ ଦୋକାନରେ ନିଆଁ ଲାଗିଥିଲା। ଏହା ପରେ ଜଳଖିଆ ଦୋକାନକୁ ଲାଗି ରହିଥିବା ଦୋକାନକୁ ନିଆଁ ବ୍ୟାପିଥିଲା। ଖବର ପାଇ ଘଟଣାସ୍ଥଳରେ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି।

## ବୁଲିଲା ଖଣ୍ଡା, ଯୁବକ ଗୁରୁତର

ବ୍ରହ୍ମପୁର,୧୨।୩(ସଂଚାର ବ୍ୟୁରୋ):ଅପରାଧୀମାନଙ୍କର ଆଉ ପୁଲିସକୁ ଭୟ ନ ଥିବା ପରି ମନେ ହେଉଛି। କାରଣ ଦିନଦ୍ୱିପ୍ରହରେ ବି ବୁଲୁଚି ଖଣ୍ଡା। ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ କ୍ରମଶଃ ବଢ଼ିଚାଲିଛି। ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ପୁଣି ବୁଲିଲା ଖଣ୍ଡା। ଗୋଡ଼ାଇ ଗୋଡ଼ାଇ ଜନୈକ ଯୁବକଙ୍କୁ ଦୁର୍ବୃତ୍ତମାନେ ହାଣିଦେଇଛନ୍ତି। ବଡ଼ବଜାର ଥାନା ଗଙ୍ଗାଧର ନଗରରେ ଘଟିଛି ଏହି ଅଘଟଣ। ଆହତ ଯୁବକ ଜଣଙ୍କ ହେଲେ ବାଲଜୀପେଣ୍ଠ ସାହିର ସୂର୍ଯ୍ୟ ନାରାୟଣ। ସେ ଗଙ୍ଗାଧର ନଗରକୁ ଯାଇଥିବା ସମୟରେ ସେଠାରେ ତାଙ୍କର କେତେକ ଦୁର୍ବୃତ୍ତଙ୍କ ସହ ଝଗଡ଼ା ହୋଇଥିଲା। ଏହାକୁ ସୂର୍ଯ୍ୟ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସୂର୍ଯ୍ୟ ଜୀବନ ବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳତଃ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଖବର ପାଇ ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୂର୍ଯ୍ୟଙ୍କୁ ଆକ୍ରମଣ ହୋଇଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଦୁଇ ଟନ୍ କଇଁଛ ଜବତ, ୭ ଗିରଫ



ମାଲକାନଗିରି,୧୨।୩(ସଂଚାର ବ୍ୟୁରୋ): ଦୁଇ ଟନ୍ ଓଜନର କଇଁଛ ଜବତ ହୋଇଛି। ବେଆଇନ ଭାବେ ଚାଲାଣ ବେଳେ ଏସବୁ କଇଁଛକୁ ଜବତ କରାଯାଇଛି। ଓଡ଼ିଶା- ଆନ୍ଧ୍ର ସୀମାରୁ ୬୩୧ଟି କଇଁଛକୁ ମାଲକାନଗିରି ଜିଲ୍ଲା ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଜବତ କଇଁଛଗୁଡ଼ିକ ଭାରତୀୟ ଫ୍ଲାପସେଲ୍ ପ୍ରଜାତିର ହୋଇଥିବା ବେଳେ ମୋଟୁ ରେଞ୍ଜ୍‌ରେ ବନ ବିଭାଗର ଏକ ସ୍ୱତନ୍ତ୍ର ଅପରେସନ ସମୟରେ ଏସବୁ ଜବତ ହୋଇଛି। ଆନ୍ଧ୍ର ପ୍ରଦେଶ କୃଷ୍ଣା ଜିଲ୍ଲାର ୨ ଜଣ ବ୍ୟକ୍ତି ବେଆଇନ ଭାବେ କଇଁଛଗୁଡ଼ିକୁ ଓଡ଼ିଶା ସୀମାକୁ ଆଣିଥିଲେ। ସେମାନେ ଏସବୁକୁ ଓଡ଼ିଶାର ୫ ଜଣଙ୍କୁ ବିକ୍ରି କରିବା ଯୋଜନାରେ ଥିଲେ। କିନ୍ତୁ ବିଶେଷ ସୂତ୍ରରୁ ସୂଚନା ପାଇ ମୋଟୁ ରେଞ୍ଜ ବନ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ କଇଁଛଗୁଡ଼ିକୁ ଉଦ୍ଧାର କରିବା ସହ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ୬ଟି ମୋବାଇଲ୍, ୨ଟି ବାଇକ, ଗୋଟିଏ ମହିନ୍ଦ୍ରା ବୋଲେରୋ ଗାଡ଼ିକୁ ବନ ବିଭାଗ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ଅପରାଧ ମାମଲା ମଧ୍ୟ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି।

## ପଥର ଖାଦାନ ଓ କ୍ରସର ଉପରେ ଚଢ଼ାଉ, ୭ ଅଟକ

ସୋର,୧୨।୩(ସଂଚାର ବ୍ୟୁରୋ): ପଥର ଖାଦାନ ଓ କ୍ରସର ଉପରେ ହୋଇଛି ଚଢ଼ାଉ। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅନ୍ତର୍ଗତ ବାଗୁଡ଼ି ପଥର ଖାଦାନ ଓ କ୍ରସର ଉପରେ ସ୍ଥାନୀୟ ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ମାମଲାରେ ପୁଲିସ୍ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଚଢ଼ାଉରେ ଅତିରିକ୍ତ ଏସପି, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ରଙ୍କ ସହ ବହୁ ପୁଲିସ ଅଧିକାରୀ ସାମିଲ ଥିଲେ। ବାଗୁଡ଼ି ପାହାଡ଼ରେ ଦିନରାତି ବେଆଇନ ଭାବେ ପଥର ଖନନ ହେଉଥିବା ଅଭିଯୋଗକୁ ଭିତ୍ତି କରି ଆଜିର ଚଢ଼ାଉ ହୋଇଥିବା ପୁଲିସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୁଲିସ୍ କ୍ରସରର ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଥିବା ଜଣାପଡ଼ିଛି।



କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ଭଦ୍ରକ ଓ ଭୁବନେଶ୍ୱରରେ ଏକକାଳୀନ ଏହି ଚଢ଼ାଉ ଜାରି ରହିଛି। ପୂର୍ବରୁ ପ୍ରମୋଦ ରାୟ କେନ୍ଦ୍ରାପଡା ଇନ୍ଦୁପୁରସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତା ଛକସ୍ଥିତ କାର୍ଯ୍ୟାଳୟରେ ଏସ୍‌ଡିଓ ଭାବେ କାର୍ଯ୍ୟ କରୁଛନ୍ତି। ଆଜିର ଚଢ଼ାଉରେ ୨ ଜଣ ଅତିରିକ୍ତ ଏସ୍‌ପି, ୯ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଓ ଭିଜିଲାନ୍ସ କର୍ମଚାରୀମାନେ ସାମିଲ ଥିଲେ।

ସେହିପରି ବ୍ରହ୍ମପୁରରେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ ହୋଇଛି। ଏକାଧିକ ବ୍ୟବସାୟୀ ଓ ବିଲଡରଙ୍କ ଘର ଉପରେ ଏହି ଚଢ଼ାଉ କରାଯାଇଛି। ଲାଞ୍ଜିପଲ୍ଲି ଗଣେଶ ନଗରରେ ବିଲଡର କାଳୀ ଚରଣ ଦାସ, ଲାଞ୍ଜିପଲ୍ଲି ଢିପସାହିର ଶରତ ବେହେରାଙ୍କ ଘରେ ଚଢ଼ାଉ କରାଯାଇଛି। ଗତକାଲି ସନ୍ଧ୍ୟାରେ ଇଡିର ଏକାଧିକ ଟିମ୍ ବ୍ରହ୍ମପୁରରେ ପହଞ୍ଚି ଏହି ଚଢ଼ାଉକୁ କାର୍ଯ୍ୟକାରୀ କରିଛନ୍ତି। ତେବେ କେଉଁ କାରଣରୁ ଏହି ଚଢ଼ାଉ ହୋଇଛି, ସେନେଇ କିଛି ବି ଜଣାପଡିନାହିଁ। କିନ୍ତୁ ଆର୍ଥିକ ହେରଫେରକୁ କେନ୍ଦ୍ର କରି ଏହି ଚଢ଼ାଉ ହୋଇଥିବା ସନ୍ଦେହ କରାଯାଉଛି।

## ଭୁବନେଶ୍ୱର କୋର୍ଟକୁ ବୋମା ଧମକ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ):ଭୁବନେଶ୍ୱର କୋର୍ଟକୁ ପୁଣି ଥରେ ବୋମା ଧମକ ମିଳିଛି। ଇ-ମେଲ ଜରିଆରେ କୋର୍ଟକୁ ଉଡ଼ାଇ ଦେବା ସକାଶେ ଧମକ ମିଳିଛି। ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ପହଞ୍ଚି କୋର୍ଟ ପରିସରରେ ସନ୍ଧାନୀ କୁକୁର ଓ ବମ୍ ସ୍କ୍ୱାଡ୍ ସହାୟତାରେ ଯାଞ୍ଚ୍ କରିଛି। ଏଥିସହ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ସକାଶେ ଦମକଳ ବାହିନୀ ମଧ୍ୟ କୋର୍ଟ ପରିସରରେ ପହଞ୍ଚିଥିଲା। ଘଟଣାସ୍ଥଳରେ ବରଗଡ଼ ପୁଲିସ ସମେତ କମିଶନରେଟ ପୁଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ପହଞ୍ଚିବା ସହ କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଓ ଆଇନଜୀବୀମାନଙ୍କ ସହ ଆଲୋଚନା କରିଛନ୍ତି। କିଛିଦିନ



ତଳେ ପୁରୀ କୋର୍ଟକୁ ଉଡ଼ାଇଦେବାକୁ ମେଲରେ ଏକ ଧମକ ଆସିଥିଲା। ଫଳରେ ଆଇନଜୀବୀମାନେ ଭୟରେ କୋର୍ଟ ବାହାରକୁ ଚାଲିଆସିଥିଲେ। ଉକ୍ତ ମେଲ୍ ନେଇ ସୂଚନା ପାଇବା ପରେ ଘଟଣାସ୍ଥଳରେ ପୁଲିସ ତନାଘନା କରିଥିଲା। ଅଦାଲତର ସମସ୍ତ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ମେଲ ଆସିବା ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅଧିକ କଡ଼ାକଡ଼ି କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଫେବ୍ରୁଆରୀ ୬ ତାରିଖରେ ମଧ୍ୟ ପୁରୀ କୋର୍ଟକୁ ବୋମା ଧମକ ମିଳିଥିଲା। ଏହା ପୂର୍ବରୁ ରାଜ୍ୟର କେତେକ କୋର୍ଟକୁ ଇ-ମେଲରେ ବୋମା ଧମକ ଆସିଥିଲା। ଏପରିକି ଭୁବନେଶ୍ୱର କୋର୍ଟକୁ ମଧ୍ୟ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଥିଲା। ସେତେବେଳେ ପୁଲିସ ତତ୍ପରତାର ସହ ଯାଞ୍ଚ କରିଥିଲେ ବି ଏହା ଗୁଜବ ବୋଲି ସ୍ପଷ୍ଟ ହୋଇଥିଲା।

**ଜିଅଳ ଦେଖାଇ ବାଳିଆ ଲୁଟ୍**

## ଲୁଟିନେଲେ ୧.୪୪ ଲକ୍ଷ ଓ ୬୦ ଗ୍ରାମ ଗହଣା

ବାଲୁଗାଁ,୧୨।୩(ସଂଚାର ବ୍ୟୁରୋ):ମାତ୍ର ୧୭୦ ଟଙ୍କାର ନୋଟ ପକାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏଥିସହ ଲୁଟେରାମାନେ ୬୦ ଗ୍ରାମ ଓଜନର ସୁନାଗହଣା ବି ଲୁଟିନେଇଛନ୍ତି। ରାସ୍ତା ଉପରେ ୧୦, ୨୦ ଓ ୫୦ ଟଙ୍କିଆ ନୋଟ ପକାଇ ଜଣେ ଦୁର୍ବୃତ୍ତମାନେ ୧ ଲକ୍ଷ ୪୪ ହଜାର ଟଙ୍କା ସହ ସୁନାଗହଣା ଲୁଟିନେଇଥିବା ଅଭିଯୋଗ ହୋଇଛି। ଦୁଇଟି ବାଇକରେ ୩ ତିନି ଜଣ ଲୁଟେରା ଆସି ସ୍କୁଟି ଖୋଲି ଟଙ୍କା ଓ ସୁନା ଗହଣା ଲୁଟି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ବାଲୁଗାଁ ଥାନା ଅନ୍ତର୍ଗତ ଇଞ୍ଜନପୁର ଗାଁ ନିକଟରେ ଏଭଳି ନାଟକୀୟ ଢଙ୍ଗରେ ଲୁଟେରାମାନେ ଲୁଟ୍ କରିବାରେ ସକ୍ଷମ ହୋଇଛନ୍ତି। ମାଛ ମାରିବା ପାଇଁ ଯେପରି ଜିଅଳ ପକାଇ ବାଳିଆ ଧରାଯାଏ, ଅନୁରୂପ ଢଙ୍ଗରେ



ଲୁଟେରାମାନେ ମାତ୍ର ୧୭୦ ଟଙ୍କାର ଲୋଭ ଦେଖାଇ ସେମାନଙ୍କ ଯୋଜନାରେ ସଫଳ ହୋଇଛନ୍ତି। ମିଳିଥିବା ଖବର ଅନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ସୁବୁଦ୍ଧିପାଟଣା ଗାଁର ଅଶୋକ କୁମାର ସାହୁ ବାଲୁଗାଁସ୍ଥିତ କାନାରା ବ୍ୟାଙ୍କ ଶାଖାରୁ ନଗଦ ୧ ଲକ୍ଷ ୪୪ ହଜାର ଟଙ୍କା ସହ ୬୦ ଗ୍ରାମ ଓଜନର ସୁନାଗହଣା ଭର୍ତ୍ତି ବ୍ୟାଗ ନେଇ ସ୍କୁଟିରେ ଘରକୁ ଯାଉଥିଲେ। ଏହି ସମୟରେ ତାଙ୍କ ପଛପଟୁ ଜଣେ ଲୁଟେଣା ବାଇକ୍‌ରେ ଆସି 'ପଛରେ ତମ ପଇସା ପଡ଼ିଛି' ବୋଲି ଅଶୋକଙ୍କୁ କହିଥିଲେ। ଅଶୋକ ସ୍କୁଟି ରଖି ଟଙ୍କା ଗୋଟାଇବାକୁ ଯାଇଥିବା ସମୟରେ ଆଉ ଗୋଟିଏ ବାଇକରେ ଦୁଇ ଜଣ ଲୁଟେରା ଆସି ଅଶୋକଙ୍କ ସ୍କୁଟି ଡିକି ଖୋଲି ଟଙ୍କା ଓ ସୁନାଗହଣା ବ୍ୟାଗ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ କାହାରିକୁ ଠାବ କରିପାରିନାହିଁ।

## ପେଟ୍ରୋଲ ପମ୍ପରୁ ଧରାପଡ଼ିଲା ସାଇବର ଠକ ଏଜେଣ୍ଟ

**ବଡ଼ ଧରଣର ର‌୍ୟାକେଟ୍ ସାମିଲ୍ ଥିବା ସନ୍ଦେହ**

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ପେଟ୍ରୋଲ ପମ୍ପରେ ଜଣେ ସାଇବର ଠକ ଏଜେଣ୍ଟକୁ ଗିରଫ କରାଯାଇଛି। ପଚାଶ ହଜାର ଟଙ୍କା ଉଠାଇବା ସମୟରେ ତାକୁ ପୁଲିସ୍ ଗିରଫ କରିଛି। ସ୍ଥାନୀୟ ନୟାପଲ୍ଲୀ ଥାନା ଅଞ୍ଚଳରେ ପେଟ୍ରୋଲ ପମ୍ପରେ ଅନଲାଇନ୍‌ରେ କ୍ୟାସ କନଭର୍ଟ କରିବା ସମୟରେ ପୁଲିସ୍ ତାକୁ ଧରିଛି। ଅଭିଯୁକ୍ତକୁ ଗିରଫ କରିବା ସହ ପୁଲିସ୍ ଏକ କାର୍‌କୁ ବି ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତର ନାଁ ସନ୍ତୋଷ ନାୟକ ଓ ତା' ଘର ଶରଣକୁଳର ଖଜୁରାପଲ୍ଲୀଠାରେ ବୋଲି ଜଣାପଡ଼ିଛି। ତେବେ ଏହା ପଛରେ ଏକ ଆନ୍ତଃରାଜ୍ୟ ସାଇବର ଠକ ର‌୍ୟାକେଟ ଥିବା ପୁଲିସ ଅନୁମାନ କରୁଛି।



ବେନାମୀ ଟ୍ରାଞ୍ଜାକ୍ସନ ନେଇ ଗତ କିଛି ଦିନ ହେଲା ପୁଲିସ୍ ପକ୍ଷରୁ ବଡ଼ ଧରଣର ଧରପଗଡ଼ ଚାଲିଥିବା ବେଳେ ଏଣିକି ବେଆଇନ ଟଙ୍କା କାରବାର କଲେ ପୁଲିସ୍ ନଜର ପଡ଼ିବା ଥୟ। ବେନାମୀ ଆକାଉଣ୍ଟଧାରୀଙ୍କ ଯାଞ୍ଚ ନେଇ ଚାଲିଛି ତନାଘନା। ଏଭଳି ଆକାଉଣ୍ଟରେ କାରବାର ନେଇ ଅନେକ ଲୋକଙ୍କୁ ମଧ୍ୟ ପୁଲିସ୍ ଗିରଫ କରିସାରିଛି। ବ୍ୟାଙ୍କକୁ ଯାଇ ପୁଲିସ୍ ଉକ୍ତ ଆକାଉଣ୍ଟସବୁର ତର୍ଜମା ମଧ୍ୟ କରୁଛି। ଏପରିକି ଆକାଉଣ୍ଟ କିଏ ବ୍ୟବହାର କରୁଛି, ସିମ୍ କାର୍ଡ କାହା ପାଖରେ ଅଛି, ଏଟିଏମ୍ ଓ ପାସବୁକ ସବୁକିଛି ଯାଞ୍ଚ୍ ଚାଲିଛି। ଏହିପରି ମାମଲାରେ ଆଜି ପର୍ଯ୍ୟନ୍ତ ରାଜ୍ୟବାପୀ ୩୩୬ ଜଣ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି। ସାମ୍ନାକୁ ଆସିଛି ୧୧୧୧ଟି ବେନାମୀ ଆକାଉଣ୍ଟ ମାମଲା। ବେନାମି ଏଟିଏମ୍ ଯୋଗେ ଟଙ୍କା ଉଠାଇବା ପରି ୩୪ଟି ଘଟଣା ବି ସାମ୍ନାକୁ ଆସିସାରିଛି। ଏହାଛଡ଼ା ବେଆଇନ ଭାବେ ଚେକ୍ ଜରିଆରେ ଟଙ୍କା ଉଠାଣ ନେଇ ୩୬ଟି ମାମଲା ରୁଜୁ ହୋଇଛି। ଆହୁରି ନକଲି ସିମ୍ କାର୍ଡର ବ୍ୟବହାର ଟ୍ରାଞ୍ଜାକ୍ସନ ବାବଦରେ ୨୩ଟି ମାମଲା ରୁଜୁ ହୋଇଥିବା ବେଳେ ଏଯାବତ ୬୮୯୩ ଜଣଙ୍କୁ ନୋଟିସ ଜାରି ହୋଇସାରିଛି। ଏଥି ମଧ୍ୟରୁ ସର୍ବାଧିକ ବଲାଙ୍ଗୀର ଜିଲ୍ଲାରେ ୨୪୯ଟି ଆକାଉଣ୍ଟ ଯାଞ୍ଚ ହୋଇଥିବା ବେଳେ ଭୁବନେଶ୍ୱରରେ ୧୭୭ଟି ଆକାଉଣ୍ଟ ଯାଞ୍ଚ ସହ ଅନେକଙ୍କୁ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି।

# ବେନାମୀ ଆକାଉଣ୍ଟ ଖୋଲି ୩ ଭାଇ ଗିରଫ

ଭୁବନେଶ୍ୱର, ୧୩ (ସଂଚାର ବ୍ୟୁରୋ) : ଅପରାଧିକ କାର୍ଯ୍ୟକଳାପ ନିମନ୍ତେ ଅପରାଧୀ ମାନଙ୍କ ଦ୍ୱାରା ଭୁବନେଶ୍ୱରର ବିଭିନ୍ନ ବ୍ୟାଙ୍କମାନଙ୍କରେ ଆକାଉଣ୍ଟ ଖୋଲାଯାଇ ହେଉଥିବା ଅପବ୍ୟବହାରକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଗତ କିଛିଦିନ ଧରି ଚାଲିଛି ଧରପଗଡ ଅଭିଯାନ । ମ୍ୟୁଲ ଆକାଉଣ୍ଟ ଖୋଲିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୩ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଓ ଟୁକୁନା ନାୟକ। ସେମାନଙ୍କ ଠାରୁ ପୋଲିସ ୮ଟି ପାସବୁକ୍, ଏଟିଏମ ଏବଂ ଫୋନ୍ ଜବତ କରିଛି। ଏହି ତିନି ଅଭିଯୁକ୍ତଙ୍କ ଦ୍ୱାରା ମ୍ୟୁଲ ଆକାଉଣ୍ଟ ଭଗବତୀ ବସ୍ତିର ସନ୍ତୋଷ ଘଡେଇଙ୍କ ନାମରେ ଖୋଲାଯାଇ ସେଥିରେ ୧,୪୮,୨୦୩ ଟଙ୍କାର ନେଣଦେଣ ହୋଇଥିବା ନେଇ କ୍ୟାପିଟାଲ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ କିଏ ଏବଂ କିପରି ଖୋଲିଥିଲା ବୋଲି ପଚରା ଯାଇଥିଲା । ସେ କହିଥିଲେ ଯେ, ତାଙ୍କ ଅଞ୍ଚଳର କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଏବଂ ଟୁକୁନା ନାୟକ ନାମକ ତିନି ଜଣ ଯୁବକ ତାଙ୍କ ପାଖକୁ ଆସି ତାଙ୍କର ବ୍ୟକ୍ତିଗତ ଡକ୍ୟୁମେଣ୍ଟ ଏବଂ ବିବରଣୀ ଦେବାକୁ କହିଥିଲେ । ସେମାନେ କହିଥିଲେ ଯେ, ତାଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଦେବେ ଏବଂ ସେହି ଆକାଉଣ୍ଟରେ ଯେତେ ବି ଟଙ୍କା ନେଣଦେଣ ହେବ, ସେହି ଟଙ୍କାରୁ ତାଙ୍କୁ ଏକ ନିର୍ଦ୍ଦିଷ୍ଟ କମିଶନ ଦିଆଯିବ । ଏହାପରେ କ୍ରୀଷ୍ଣା ନାୟକ, ତାଙ୍କ ଭାଇ ମହେନ୍ଦ୍ର ନାୟକ ଏବଂ ଟୁକୁନା ନାୟକ ସନ୍ତୋଷ ଘଡେଇଙ୍କର ଡକ୍ୟୁମେଣ୍ଟ ସହ ତାଙ୍କ ଅଞ୍ଚଳର ଅନ୍ୟାନ୍ୟ



କିଛି ଲୋକଙ୍କ ଡକ୍ୟୁମେଣ୍ଟ ସଂଗ୍ରହ କରି ଭୁବନେଶ୍ୱର ଅଶୋକ ନଗରର ମାଷ୍ଟର କ୍ୟାଣ୍ଟିନ୍ ନିକଟରେ ଥିବା ୟୁକୋ ବ୍ୟାଙ୍କରେ ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ଆକାଉଣ୍ଟ ଖୋଲିବା ପରେ ସେମାନେ ତାଙ୍କର ବ୍ୟାଙ୍କ ପାସବୁକ୍ ଓ ଏଟିଏମ କାର୍ଡ ମଧ୍ୟ ନିଜ ହେପାଜତରେ ରଖିଥିଲେ। ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇ ଜାଣିବାକୁ ପାଇଥିଲେ ଯେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଠକେଇ ସମ୍ବନ୍ଧୀୟ ଅବୈଧ ଟଙ୍କା ନେଣଦେଣ ପାଇଁ ବ୍ୟବହୃତ ହେଉଛି । ସେ ଆହୁରି କହିଥିଲେ ଯେ ଏହି ପ୍ରକାରରେ ସେମାନେ ତାଙ୍କ ଅଞ୍ଚଳର ଅନ୍ୟାନ୍ୟ ଅନେକ ଲୋକଙ୍କ ନାମରେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ଖୋଲିଛନ୍ତି । ଏହି ସମସ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ପ୍ରକୃତ ବ୍ୟାଙ୍କିଙ୍ଗ କାରବାର ପାଇଁ ଖୋଲାଯାଇନଥିଲା, ବରଂ ସାଇବର ଠକେଇ ମାଧ୍ୟମରେ ଆସୁଥିବା ଅବୈଧ ଟଙ୍କା ଗ୍ରହଣ, ଲେୟରିଂ ଓ ବିତରଣ ପାଇଁ ଜାଣିଶୁଣି ପରିଚାଳନା କରାଯାଉଥିଲା। ଏହି ପ୍ରକ୍ରିୟାରେ ତୃତୀୟ ପକ୍ଷ ଦ୍ୱାରା ଠକେଇ ରାଶି ଏହି ଆକାଉଣ୍ଟ ଗୁଡ଼ିକୁ ପଠାଯାଉଥିଲା ଏବଂ ପରେ ସେହି ଟଙ୍କା ଉଠାଇ ନିଆଯାଉଥିଲା । ଏହି କାର୍ଯ୍ୟରେ ଆକାଉଣ୍ଟଧାରୀଙ୍କୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କମିଶନ ଦିଆଯାଉଥିଲା ।

ତଦନ୍ତ ସମୟରେ ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅଭିଯୁକ୍ତ କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଓ ଟୁକୁନା ନାୟକଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ଅଭିଯୁକ୍ତ ମାନେ ଉପରୋକ୍ତ ଅପରାଧିକ କାର୍ଯ୍ୟକଳାପ ନେଇ ନିଜର ଦୋଷ ସ୍ୱୀକାର କରିଥିଲେ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶୁକ୍ରବାର ୧୩ ମାର୍ଚ୍ଚ ୨୦୨୬
BUSINESS

# ବିଶ୍ୱର ସ୍ମାର୍ଟଫୋନ୍ ହବ୍ ପାଲଟିବ ଭାରତ
## ନୂଆ ସବସିଡି ଯୋଜନା ଆଣୁଛନ୍ତି କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୧୨।୩:** ଭାରତକୁ ବିଶ୍ୱର ସ୍ମାର୍ଟଫୋନ୍ ହବ୍ କରିବା ଦିଗରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆପଲ୍ ଏବଂ ସାମସଙ୍ଗ ଭଳି ବୃହତ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକ ପାଇଁ ଏକ ନୂଆ ସବସିଡି ଯୋଜନା ପ୍ରସ୍ତୁତ ହେଉଛି। ଏହି ନୂଆ ନୀତି ଅଧୀନରେ ଭାରତରୁ ବିଦେଶକୁ ଫୋନ୍ ରପ୍ତାନି କରୁଥିବା ଏବଂ ସ୍ଥାନୀୟ ଯନ୍ତ୍ରାଂଶ ବ୍ୟବହାର କରୁଥିବା କମ୍ପାନୀଗୁଡ଼ିକୁ ବିଶେଷ ପୁରସ୍କାର ମିଳିବ। ବର୍ତ୍ତମାନର ପ୍ରଡକ୍ସନ-ଲିଙ୍କଡ୍ ଇନସେଣ୍ଟିଭ୍ ବା PLI ସ୍କିମ୍ ଚଳିତ ବର୍ଷ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଛି। ଏହା ବଦଳରେ ସରକାର ଏକ ନୂଆ ମଡେଲ୍ ଉପରେ କାମ କରୁଛନ୍ତି। ପୂର୍ବ ଯୋଜନାର ଲକ୍ଷ୍ୟ କେବଳ ଭାରତରେ ଫୋନ୍ ଆସେମ୍ବଲି କରିବା ଥିବାବେଳେ, ନୂଆ ଯୋଜନାର ଲକ୍ଷ୍ୟ ହେଉଛି 'ଲୋକାଲ୍ ଭାଲ୍ୟୁ ଆଡିସନ୍'। ଅର୍ଥାତ୍, ସ୍ମାର୍ଟଫୋନରେ ବ୍ୟବହୃତ ହେଉଥିବା କ୍ୟାମେରା ମଡ୍ୟୁଲ୍, ଡିସପ୍ଲେ ଏବଂ ଅନ୍ୟାନ୍ୟ ପାର୍ଟସ୍ ଯଦି ଭାରତରେ ପ୍ରସ୍ତୁତ ହୁଏ, ତେବେ କମ୍ପାନୀଗୁଡ଼ିକୁ ଅଧିକ ସବସିଡି ମିଳିବ। ଏହି ନୂଆ ଯୋଜନା ଅନୁଯାୟୀ ଭାରତରୁ ଯେତେ ଅଧିକ ଫୋନ୍ ବିଦେଶକୁ ରପ୍ତାନି ହେବ, ସେତିକି ଅଧିକ ଆର୍ଥିକ ପ୍ରୋତ୍ସାହନ ମିଳିବ। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ଶେଷ ସୁଦ୍ଧା ଆମେରିକା ପଠାଯାଉଥିବା ଅଧିକାଂଶ ଆଇଫୋନ୍ ଭାରତରେ ହିଁ ତିଆରି ହେବ। ସେହିଭଳି ଓପୋ, ଭିଭୋ ଏବଂ ଶାଓମି ଭଳି କମ୍ପାନୀଗୁଡ଼ିକୁ ମଧ୍ୟ ଭାରତରୁ ରପ୍ତାନି ବଢ଼ାଇବା ପାଇଁ ସରକାର ଏହି ଯୋଜନା ମାଧ୍ୟମରେ ଉତ୍ସାହିତ କରୁଛନ୍ତି। ଯଦିଓ ଭାରତରେ ଫୋନ୍ ତିଆରି ବଢ଼ିଛି, କିନ୍ତୁ ଅନେକ ଦାମୀ ଯନ୍ତ୍ରାଂଶ ଏବେ ମଧ୍ୟ ଚାଇନା, ଦକ୍ଷିଣ କୋରିଆ ଏବଂ ତାଇୱାନରୁ ଆମଦାନୀ କରାଯାଉଛି। ସରକାରଙ୍କ ଏହି ନୂଆ ନୀତି ଦ୍ୱାରା ଚାଇନା ଉପରେ ନିର୍ଭରଶୀଳତା କମିବ ଏବଂ ଭାରତ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ।



# ବିଏସଇ ସେନସେକ୍ସରେ ପ୍ରାୟ ୧୩ ଶହ ପଏଣ୍ଟ ହ୍ରାସ

ସେୟାର ମାର୍କେଟରେ ବ୍ଲଡ ବାଥ୍ ପରେ ବ୍ଲିଡିଂ । ଭାରତୀୟ ସେୟାର ବଜାରରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ପଶ୍ଚିମ ଏସିଆରେ ବଢ଼ୁଥିବା ଯୁଦ୍ଧ ପରିସ୍ଥିତି (ଆମେରିକା-ଇସ୍ରାଏଲ-ଇରାନ) ଯୋଗୁଁ ନିବେଶକମାନେ ଆତଙ୍କିତ ହୋଇ ସେୟାର ବିକ୍ରି କରିଛନ୍ତି । BSE ସେନସେକ୍ସ ପ୍ରାୟ ୧୩ଶହ ପଏଣ୍ଟ ଖସିଛି । ସେହିପରି ନିଫ୍ଟି ପ୍ରାୟ ୪ ଶହ ପଏଣ୍ଟ ଖସିଛି। ବଜାରରେ ଅଟୋ ଏବଂ ବ୍ୟାଙ୍କିଙ୍ଗ୍ ସେୟାରଗୁଡ଼ିକରେ ସବୁଠାରୁ ଅଧିକ ହ୍ରାସ ଘଟିଛି । HDFC ଓ Axis Bank ଭଳି ବଡ଼ ବ୍ୟାଙ୍କଗୁଡ଼ିକର ସେୟାର ୨% ରୁ ଅଧିକ ଖସିଛି। ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଏବଂ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ଯୋଗୁଁ ବଜାରରେ ଏଭଳି ସ୍ଥିତି ରହିଛି । ଦିନକ ପୂର୍ବରୁ ସେୟାର ବଜାରରେ ବ୍ଲଡବାଥ ଦେଖିବାକୁ ମିଳିଥିଲା । ତେଲ ଦର ବୃଦ୍ଧି ଯୋଗୁଁ ସେନସେକ୍ସ ୨୫୦୦ ପଏଣ୍ଟ ହ୍ରାସ ହୋଇଥିଲା । କିଛି କ୍ଷଣରେ ନିବେଶକଙ୍କ କୋଟି କୋଟି ଟଙ୍କା ବୁଡ଼ିଲା! । ଇରାନ ଯୁଦ୍ଧ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଅସ୍ଥିରତା ଯୋଗୁଁ ଭାରତୀୟ ଶେୟାର ବଜାରରେ ଭୟଙ୍କର ହ୍ରାସ ଦେଖିବାକୁ ମିଳୁଛି।

# ଚୀନ ସହ ବଡ଼ ଡିଲ୍ ନିବେଶକୁ ଅନୁମତି ଦେବ ଭାରତ



**ନୂଆଦିଲ୍ଲୀ,୧୨।୩:** ନୂଆଦିଲ୍ଲୀର ନିବେଶ ସଚିବ କହିଛନ୍ତି ଯେ ଭାରତ ଏକ ଫାଷ୍ଟ-ଟ୍ରାକ ଅନୁମୋଦନ ବ୍ୟବସ୍ଥା ମାଧମରେ ଅଧିକ କ୍ଷେତ୍ରରେ ଚାଇନା ନିବେଶକୁ ଅନୁମତି ଦେବ। ଅମରଦୀପ ସିଂହ ଭାଟିଆ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଘରୋଇ ଉତ୍ପାଦନ ଆବଶ୍ୟକତାକୁ ଆଧାର କରି, ସରକାର ସେହି କ୍ଷେତ୍ରଗୁଡ଼ିକର ତାଲିକାରେ ଅଧିକ ବର୍ଗ ଯୋଡିବେ ଯେଉଁଠାରେ ଚାଇନା ନିବେଶ ପ୍ରସ୍ତାବଗୁଡ଼ିକୁ 60 ଦିନ ମଧରେ ପ୍ରକ୍ରିୟାକରଣ କରିବାକୁ ପଡିବ। ନୂଆଦିଲ୍ଲୀ ମଙ୍ଗଳବାର ଦିନ 10% ପର୍ଯ୍ୟନ୍ତ ଚୀନ ମାଲିକାନା ଥିବା କମ୍ପାନୀଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ସରକାରୀ ଅନୁମୋଦନ ଆବଶ୍ୟକତାକୁ ଛାଡ କରିଛି, 2020 ଗଲୱାନ ସୀମା ସଂଘର୍ଷ ପରଠାରୁ ସୀମାପାର ଚୁକ୍ତିନାମାକୁ ସହଜ କରିଦେଇଛି। ପରିବର୍ତ୍ତିତ ନିୟମ ଅନୁଯାୟୀ, ଭାରତୀୟ ବାସିନ୍ଦାମାନେ ବହୁମତ ନିୟନ୍ତ୍ରଣ ବଜାୟ ରଖିଲେ ଇଲେକ୍ଟ୍ରୋନିକ୍ସ, ପୁଞ୍ଜିଗତ ସାମଗ୍ରୀ, ସୌର ସେଲ ଏବଂ ବ୍ୟାଟେରୀ ଉପାଦାନ ଭଳି କ୍ଷେତ୍ରରେ ନିବେଶ 60 ଦିନ ମଧରେ ମଞ୍ଜୁର କରାଯିବ। ସରକାର ମଙ୍ଗଳବାର ଦିନ ଚୀନ ସମେତ ଭାରତ ସହିତ ଭୂମି ସୀମା ଅଂଶୀଦାର ଥିବା ଦେଶଗୁଡ଼ିକ ପାଇଁ ବିଦେଶୀ ପ୍ରତ୍ୟକ୍ଷ ନିବେଶ (FDI) ନିୟମକୁ ଶିଥିଳ କରିଛନ୍ତି। ଏହି ଦେଶଗୁଡ଼ିକରେ 10 ପ୍ରତିଶତ ପର୍ଯ୍ୟନ୍ତ ଅଂଶୀଦାର ଥିବା ବିଦେଶୀ କମ୍ପାନୀଗୁଡ଼ିକ ଏବେ ବାଧତାମୂଳକ ଅନୁମତି ବିନା ଭାରତରେ ନିବେଶ କରିପାରିବେ। ପୂର୍ବରୁ, ଏହି ଦେଶଗୁଡ଼ିକର ଅଂଶୀଦାର ଥିବା ବିଦେଶୀ କମ୍ପାନୀଗୁଡ଼ିକୁ ଭାରତରେ ଯେକୌଣସି କ୍ଷେତ୍ରରେ ନିବେଶ କରିବା ପାଇଁ ବାଧତାମୂଳକ ଅନୁମତି ପାଇବା ଆବଶ୍ୟକ ଥିଲା। ତଥାପି, ଏହି ନିବେଶଗୁଡ଼ିକ କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ଏବଂ ପ୍ରବେଶ ପଥ ସମେତ FDI ନିୟମର ଅନ୍ୟାନ୍ୟ ଆବଶ୍ୟକତା ଅନୁଯାୟୀ ରହିବ। ଏହା ବ୍ୟତୀତ, DPIIT (ଉଦ୍ୟୋଗ ଏ ବ ଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ) କୁ ଏହି ନିବେଶ ସମ୍ବନ୍ଧୀୟ ସୂଚନା/ବିବରଣୀ ପୂର୍ବରୁ ଦାଖଲ କରିବା ବାଧତାମୂଳକ ହେବ। ସରକାର ଏହି ସମ୍ପର୍କରେ 2020 ର ପ୍ରେସ ନୋଟ 3 ସଂଶୋଧନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

# ୧୦ ଗୁଣା ବଢ଼ିଲା ଗ୍ୟାସ୍ ବୁକିଂ କଲ୍
## 'ଇଣ୍ଡେନ'ର ସିଷ୍ଟମ କ୍ରାସ୍



**ନୂଆଦିଲ୍ଲୀ,୧୨।୩:** ସାରା ବିଶ୍ୱରେ ଯୁଦ୍ଧ ଏବଂ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଉତ୍ତେଜନା ଯୋଗୁଁ, ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରର ଚାହିଦା ହଠାତ୍ ବୃଦ୍ଧି ପାଇଛି। ଏହି କାରଣରୁ ହଠାତ ଗ୍ୟାସ୍ ବୁକିଂ କଲ୍ସ ବହୁ ମାତ୍ରାରେ ବଢି ଯାଇଛି। ମନି କନଟ୍ରୋଲର ସୂଚନା ଅନୁସାରେ, ସାଧାରଣ ଦିନ ତୁଳନାରେ ଏବେ ବୁକିଂ ସିଷ୍ଟମ ପାଇଁ ୮ ରୁ ୧୦ ଗୁଣା କଲ୍ ବୃଦ୍ଧି ପାଇଛି, ଯାହା ଫଳରେ ସିଷ୍ଟମ କିଛି ସମୟ ପାଇଁ କ୍ରାସ୍ ହୋଇଯାଇଥିଲା। ଏହି ଯାନ୍ତ୍ରିକ ସମସ୍ୟା ଯୋଗୁଁ, ଅନେକ ଲୋକ ଫୋନ୍, ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ସିଲିଣ୍ଡର ବୁକ୍ କରିପାରିଲେ ନାହିଁ। କିଛି ସହରରେ, ଗ୍ରାହକମାନେ ସିଧାସଳଖ ଗ୍ୟାସ୍ ଏଜେନ୍ସି କାର୍ଯ୍ୟାଳୟକୁ ଯାଇଥିଲେ, ଯାହା ଫଳରେ ଲମ୍ବା ଧାଡ଼ି ଲାଗିଥିଲା। ଗ୍ରାହକମାନେ ବାରମ୍ବାର କଲ୍ କରିବା ସତ୍ତ୍ୱେ ବୁକ୍ କରିପାରି ନ ଥିବା ଅଭିଯୋଗ କରିଥିଲେ।

ବିଶେଷଜ୍ଞଙ୍କ ମତରେ ଆନ୍ତର୍ଜାତୀୟ ସ୍ଥିତି ଏବଂ ଯୋଗାଣକୁ ନେଇ ଚିନ୍ତା ଲୋକଙ୍କୁ ସାମୂହିକ ଭାବରେ ସିଲିଣ୍ଡର ବୁକ୍ କରିବାକୁ ପ୍ରେରଣା ଦେଇଥିଲା, ଯାହା ଫଳରେ IVRS ଏବଂ ମିସ୍ଡ କଲ୍ ନମ୍ବର ଉପରେ ଚାପ ବୃଦ୍ଧି ପାଇଥିଲା। ଡିଲରମାନଙ୍କୁ ଏକ ବାର୍ତ୍ତାରେ, ଇଣ୍ଡେନ କହିଛି ଯେ ଅଧିକ ସଂଖ୍ୟକ କଲ୍ ସିଷ୍ଟମ ଉପରେ ଭାରୀ ଚାପ ପକାଇଥାଏ ଏବଂ ଅନେକ ସମୟରେ ଗ୍ରାହକମାନଙ୍କୁ କନେକ୍ଟ କରିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

ସରକାର ଏଲପିଜି ସିଲିଣ୍ଡରର ବୁକିଂକୁ ନିୟନ୍ତ୍ରିତ କରିବା ପାଇଁ ନୂଆ ନୂଆ ନିୟମ ଲାଗୁ କରାଯାଇଛି। ଏବେ, ଗୋଟିଏ ସିଲିଣ୍ଡର ବୁକ୍ କରିବା ପରେ, ଆପଣଙ୍କୁ ଅନ୍ୟ ଏକ ସିଲିଣ୍ଡର ବୁକ୍ କରିବା ପାଇଁ ଅତି କମରେ ୨୫ ଦିନ ଅପେକ୍ଷା କରିବାକୁ ପଡିବ, ଯାହା ପୂର୍ବରୁ ୨୧ ଦିନ ଥିଲା। ଲୋକମାନେ ସିଲିଣ୍ଡରକୁ ଅଧିକ ବୁକିଂ କରିବାରୁ ରୋକିବା ଏବଂ ସମସ୍ତ ଗ୍ରାହକଙ୍କୁ ଠିକ୍ ସମୟରେ ଗ୍ୟାସ୍ ମିଳିବା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସିଷ୍ଟମ କ୍ରାସ୍ ଏବଂ ଭିଡ଼ ଯୋଗୁଁ ଅନେକ ସହରରେ ଏଲପିଜି ଯୋଗାଣ ପ୍ରଭାବିତ ହୋଇଛି। ସରକାର 'ଇଣ୍ଡେନ' ଗ୍ରାହକଙ୍କୁ ଧର୍ଯ୍ୟ ରଖିବାକୁ ଏବଂ ପାନିକ୍ ବୁକିଂ ଏଡାଇବାକୁ ଅନୁରୋଧ କରିଛନ୍ତି। ଭବିଷ୍ୟତରେ ହୋମ ଡେଲିଭରି ଏବଂ ବୁକିଂ ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ମୁକେଶ ଅମ୍ବାନୀଙ୍କୁ ଧନ୍ୟବାଦ ଜଣାଇଲେ ଟ୍ରମ୍ପ
# ଆମେରିକାରେ ରିଲାଏନ୍ସର ବିଶାଳ ପୁଞ୍ଜିନିବେଶ




**ନୂଆଦିଲ୍ଲୀ,୧୧।୩:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ଶକ୍ତି କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଘୋଷଣା କରିଛନ୍ତି। ଆମେରିକାର ଟେକ୍ସାସ ସ୍ଥିତ ବ୍ରାଉନ୍ସଭିଲ୍ ଠାରେ ଏକ ବିଶାଳ ତୈଳ ବିଶୋଧନାଗାର ନିର୍ମାଣ ପାଇଁ $୩୦୦ ବିଲିୟନର (ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା) ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବୃହତ ପ୍ରକଳ୍ପ ପାଇଁ ଟ୍ରମ୍ପ ଭାରତ ଏବଂ ଏହାର ସର୍ବବୃହତ ଘରୋଇ ଶକ୍ତି କମ୍ପାନୀ 'ରିଲାଏନ୍ସ'କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଛନ୍ତି। ଗତ ୫୦ ବର୍ଷ ମଧ୍ୟରେ ଆମେରିକାରେ ଏହା ପ୍ରଥମ ସମ୍ପୂର୍ଣ୍ଣ ନୂତନ ତୈଳ ବିଶୋଧନାଗାର ହେବ। ଟ୍ରମ୍ପ ଏହାକୁ "ଆମେରିକା ଫାଷ୍ଟ ରିଫାଇନିଂ" ଭାବେ ନାମିତ କରିବା ସହ ଏହା ବିଶ୍ୱର ସବୁଠାରୁ ସ୍ୱଚ୍ଛ ବିଶୋଧନାଗାର ହେବ ବୋଲି ଦାବି କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଟେକ୍ସାସ ଅଞ୍ଚଳରେ ହଜାର ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ତୈଳ ପରିବହନ ବନ୍ଦ ରହିଛି। ଏଭଳି ସଙ୍କଟ ସମୟରେ ଆମେରିକା ନିଜର ଶକ୍ତି ସ୍ୱାବଲମ୍ବୀତା ବଢ଼ାଇବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଛି। ଟ୍ରମ୍ପଙ୍କ ଲେଖିଛନ୍ତି "ଭାରତୀୟ ସହଭାଗୀ ଏବଂ ରିଲାଏନ୍ସକୁ ଏହି ଅଭୂତପୂର୍ବ ପୁଞ୍ଜିନିବେଶ ପାଇଁ ଧନ୍ୟବାଦ। ଏହା ଆମେରିକାର ଶକ୍ତି ପ୍ରାଧାନ୍ୟକୁ ପୁନଃପ୍ରତିଷ୍ଠିତ କରିବ।"



# ଆଜିର ସୁନା ଦର

ସାମାନ୍ୟ କମିଲା ସୁନା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୩୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୯,୭୦୦ ଟଙ୍କା ଛୁଇଁଛି ।ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୨,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୮,୭୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୬୨,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୪୮,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୬୨,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୮,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୩୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୨,୨୨୦ ଓ ୧,୪୮,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ



ନବରଙ୍ଗପୁର,୧୨।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାରେ ଆଜି ଠାରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା । ଆଜି ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମଧ୍ୟ ରେ ଏହି ବାୟୁ ସ୍ୱାସ୍ଥ୍ୟ ସେବା ଅନ୍ୟତମ ରାଜ୍ୟର ଚାରିଗୋଟି ଉପାନ୍ତ ଜିଲ୍ଲା ପାଇଁ ଆରମ୍ଭ ହୋଇଥିଲା ଏହି ବାୟୁ ସ୍ୱାସ୍ଥ୍ୟସେବା। ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉତ୍ତମ ଚିକିତ୍ସା ଯୋଗାଇଦେବା ଲକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଯୋଜନା ସରକାର ବଦଳିବା ପରେ ମଧ୍ୟ ଏହିଯୋଜନାର ଆବଶ୍ୟକତାକୁ ଦେଖି ଆରମ୍ଭ ହେଲା ପୁଣି ଥରେ।

ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଆରମ୍ଭ ହୋଇଛି ଏନେଇ ପ୍ରଥମ ଦିନରେ ୨୩୦ ଜଣ ରୋଗୀ ଚିକିତ୍ସା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଓଡ଼ିଶାର ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଇଛି । ଯାହାକୁ ନେଇ ରୋଗୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି ।। ମୋହନ ସରକାର ଗଠନ ହେବା ପରେ ନବରଙ୍ଗପୁର ଜିଲ୍ଲାରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ହୋଇଛି। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବବାକୁ ଥିବା ଏହି ଶିବିରରେ ମୂତ୍ରନଳିଜନିତ ରୋଗ (ୟୁରୋଲୋଜି), କିଡନୀ ଜନିତ ରୋଗ, ହୃଦରୋଗ, ପେଟ ଜନିତ ଜଟିଳ ରୋଗ, ଥାଏରୋଇଡ଼, ମଧୁମେହ, ଗଳଗଣ୍ଡ, ଜଟିଳ ଅନ୍ତନଳୀ ରୋଗ, ସ୍ନାୟୁ ଜନିତ ରୋଗର ଆଦିର ଚିକିତ୍ସା କରାଯାଉଥିବା ବେଳେ ଓଡିଶା ର ବିଭିନ୍ନ ବଡ଼ ବଡ଼ ମେଡିକାଲ ର ସୁପର ସ୍ପେସିଆଲିଷ୍ଟ ଡକ୍ଟର ଆସି ଚିକିତ୍ସା ସେବା ଯୋଗାଉଛନ୍ତି । ସିଟି ସ୍କାନ, ଆଲଟ୍ରା ସାଉଣ୍ଡ, ଇସିଜି, ଲେପ୍ରୋସ୍କପି, ଏକ୍ସରେ, ଇକୋ ମାଧ୍ୟମରେ ଦ୍ୱାରା ରୋଗ ନିରୂପଣ କରି ଆବଶ୍ୟକ ଅସ୍ତ୍ରୋପଚାର କରାଯିବ । ଏନେଇ ଗ୍ରାମାଞ୍ଚଳ ସ୍ତରରେ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଡାକ୍ତରଙ୍କୁ ପରାମର୍ଶକରି ରୋଗୀ ମାନେ ନାମ ପଞ୍ଜୀକରଣ କରିଛନ୍ତି । କେବଳ ପଞ୍ଜୀକୃତ ହୋଇଥିବା ସମସ୍ତ ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାମାଧ୍ୟମରେ ସମସ୍ତ ଚିକିତ୍ସା ସୁବିଧା ବିନା ମୂଲ୍ୟରେ ଯୋଗାଇ ଦିଆଯିବ।

ଅପରପକ୍ଷରେ ଚାରି ଦିନ ଚାଲିବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ ସ୍ପେସିଆଲିଷ୍ଟ ଡକ୍ଟର ମାନେ ରୋଗୀ ମାନଙ୍କ ର ସ୍କ୍ରିନିଂ କରିବା ପରେ ପ୍ରାଥମିକ ଚିକିତ୍ସା କରି ବିଭିନ୍ନ ପରୀକ୍ଷା କରାଯିବା ସହିତ ରୋଗୀ ଙ୍କୁ ଔଷଧ ଯୋଗାଇଦିଆଯିବା ସହିତ, ଆବଶ୍ୟକ ସ୍ଥଳେ ରୋଗୀଙ୍କ ଅସ୍ତ୍ରୋପଚାର କରିବା ସହିତ ଜରୁରୀ ରୋଗୀଙ୍କୁ ମେଡ଼ିକାଲରେ ଏଡ଼ମିଟ କରି ଚିକିତ୍ସା କରାଯିବ। ଏହି ଶିବିର ରେ ୨୩୦ ରୁ ଉର୍ଦ୍ଧ ରୋଗୀ ପଞ୍ଜିକରଣ କରିଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ଅପରପକ୍ଷରେ ଡାକ୍ତର ମାନେ ନିଜ ମେଡ଼ିକାଲ ଛାଡି ଉପାନ୍ତ ଅଞ୍ଚଳ ର ଏହି ଶିବିର ରେ ଯୋଗଦେଇ ସୁପର ସ୍ପେସିଆଲିଷ୍ଟ ଡକ୍ଟର ମାନେ ଖୁସି ବ୍ୟକ୍ତ କରି ଏହା ଏକ ନୂତନ ଅନୁଭୂତି ବୋଲି କହିଛନ୍ତ।

## ମଧୁସାଗର ମହୋତ୍ସବ ଉଦ୍‌ଯାପିତ



ଡେରାବିଶ,୧୨।୩ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ମଧୁସାଗର ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ବଳଦେବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ କମିଟିର ସଭାପତି ଡଃ ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଜେପି ନେତ୍ରୀ ଗିତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବରେ ଅଏଲ ଇଣ୍ଡିଆ ପୂର୍ବାଞ୍ଚଳ ନିର୍ଦ୍ଦେଶକ ପିତାମ୍ବର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଅଧ୍ୟାପକ ଦୀପକ କୁମାର ଓଝା, ଗାଳ୍ପିକ ହରେକୃଷ୍ଣ ବରାଳ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି, ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ଭାଗବତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମବାୟବିତ୍ ଧରଣୀ ଧର ଦାସ, କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ପ୍ରାଣକୃଷ୍ଣ ସାମଲଙ୍କ ଗହଣରେ ମୁଖ୍ୟଅତିଥି ଶ୍ରୀମତୀ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଅନ୍ତିମ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। କମିଟି ସମ୍ପାଦକ ଅତିମଦନ ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲିଆ ସ୍ଥିତ ବୀଣାପାଣୀ ସଙ୍ଗୀତ ସଦନର ଛାତ୍ରୀମାନେ ସମବେତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମଞ୍ଚାସୀନ ଅତିଥିମାନେ ଐତିହାସିକ, ପୌରାଣିକ ଓ ଲୋକକଥା ଆଧାରରେ ମଧୁସାଗରର ଉତ୍ପତ୍ତି ଓ ନାମକରଣ ସମ୍ପର୍କରେ ତଥ୍ୟ ସମ୍ବଳିତ ସୂଚନା ପ୍ରଦାନ କରିଥିଲେ। ଏଥିସହିତ କନ୍ଦରାସୁର, ମଧୁଦୈତ୍ୟ, ତୁଳସୀକ୍ଷେତ୍ର, ଉତ୍କଳୀୟ ନୌବାଣିଜ୍ୟକୁ ନେଇ ସଙ୍ଗୀତ, ନୃତ୍ୟ, ଏକାଙ୍କିକା ପରିବେଷଣ କରାଯାଇ କେନ୍ଦ୍ରାପଡ଼ାର ଐତିହ୍ୟକୁ ଉଜ୍ଜିବୀତ କରାଇବା ପାଇଁ ମହୋତ୍ସବ କମିଟିକୁ ପରାମର୍ଶ ଦେଇଥିଲେ। ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ ସହ ପ୍ରଭୁକୃପା ନୃତ୍ୟ ଶିକ୍ଷା କେନ୍ଦ୍ର ପରିଚାଳକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀମାନଙ୍କୁ ନେଇ ନୃତ୍ୟ ଓ କାଦୁଆ ଗ୍ରାମର ଦୁଇ ନୃତ୍ୟାଙ୍ଗନା ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ରମେଶ ଚନ୍ଦ୍ର ପତିଙ୍କ ନିର୍ଦ୍ଦେଶନାରେ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ଶେଷରେ କମିଟିର ଉପସଭାପତି ଡଃ ଡମ୍ବରୁଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କମିଟି କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ଚିନ୍ମୟ ପ୍ରସାଦ ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ନିଗମ ଶେଖର ମହାନ୍ତି, ନିଶିକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। କମିଟିର ବୟୋଜ୍ୟେଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ମହାନ୍ତି, କାର୍ତ୍ତିକ ଚରଣ ନାୟକ, ନିରଞ୍ଜନ ସ୍ୱାଇଁ, ପୁରୁଷୋତମ ସାହୁ, ଶରତ କୁମାର ସ୍ୱାଇଁଙ୍କ ଉପସ୍ଥିତି ଆୟୋଜକଙ୍କୁ ଢେର ପ୍ରୋତ୍ସାହିତ କରିଥିଲା।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




ଡେରାବିଶ,୧୨।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଗତ ୮ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡଃ ସୁଷମା ଶତପଥି ଯୋଗଦେଇ ଶିବିରାର୍ଥର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ସେମାନଙ୍କ ଭବଷ୍ୟତ ଜୀବନରେ ବହୁ କାମରେ ଆସିବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଦୀର୍ଘ ୮ ଦିନ ଧରି ପ୍ରଶିକ୍ଷିକା ଭାବେ ସୁଶ୍ରୀ ଆଦ୍ୟାଶା ଲେଙ୍କା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଆଜି ଛାତ୍ରୀମାନେ ଶିଖିଥିବା କିଛି କୌଶଳକୁ ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ଅଧ୍ୟାପିକା ସ୍ମୃତି ଶ୍ରାବଣୀ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଅତିଥି ପରିଚୟ, ଅଧ୍ୟାପିକା ସୁକନ୍ୟା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମେନକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରାଶ୍ରୀ ପରିଜା, ସ୍ମୃତିରେଖା ପଣ୍ଡା, ମନିଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ଶର୍ମିଷ୍ଠା ଦାସ, ଶାସ୍ୱତୀ ପ୍ରଜ୍ଞା, ଅଧ୍ୟାପକ ଦିବ୍ୟକୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର



ଡେରାବିଶ,୧୨।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆଜି ଗ୍ରାମ ପଞ୍ଚାୟତ ସ୍ତରୀୟ ସ୍ୱତନ୍ତ୍ର ଜନ ଅଭିଯୋଗ ଶୁଣାଣୀ ଶିବୀର ଅନୁଷ୍ଠିତ ହୋଇଯାଇଛି। ଏହି ଶିବୀରରେ ୮୦ଜଣ ଅଭିଯୋଗକାରୀ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପଞ୍ଜିକରଣ କରିଥିଲେ। ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ସରପଞ୍ଚ କଳ୍ପନା ବେହେରା ଓ ବ୍ଲକ ଯୋଗାଣ ନିରିକ୍ଷକ ସ୍ୱରୂପ ଦାସଙ୍କ ସମେତ ବ୍ଲକ ପ୍ରଶାସନର ଅନ୍ୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ତେବେ ପକ୍କା ଘର, ରାସନ କାର୍ଡ ଓ ଭତା ସମ୍ପର୍କିତ ସର୍ବାଧିକ ଅଭିଯୋଗ ନେଇ ହିତାଧିକାରୀମାନେ ଅଧିକାରୀମାନଙ୍କୁ ଗୁହାରି କରିଥିବା ବେଳେ ବିଦ୍ୟୁତ, ଜମିବାଡି ଓ ଛାତ୍ର ବୃତି ସମ୍ପର୍କିତ କେତେକ ଅଭିଯୋଗ ଏହି ଶୁଣାଣିରେ ସାମିଲ ରହିଥିଲା। ତେବେ ଆଜି ଠାରୁ ଜିଲ୍ଲାର ୯ଟି ବ୍ଲକ ଅଞ୍ଚଳରେ ଏହି ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଶୁଣାଣି ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନମାନଙ୍କରେ ପ୍ରତ୍ୟେକ ବୁଧବାର ବ୍ଲକ ଅଧିନ ଅନ୍ୟାନ୍ୟ ପଞ୍ଚାୟତମାନଙ୍କରେ ବ୍ଲକ ପ୍ରଶାସନ ପହଞ୍ଚି ଏପରି ଜନଶୁଣାଣି ଶିବୀର ଅନୁଷ୍ଠିତ କରି ଲୋକମାନଙ୍କ ସମସ୍ୟାର ସମାଧାନ କରିବାର ନିଷ୍ପତି ସରକାରୀ ଭାବେ ନିଆଯାଇଥିବା ନେଇ ବିଡିଓ ଶ୍ରୀମତୀ ବାରିକ ସୂଚନା ଦେଇଛନ୍ତି।

## ଜିଲ୍ଲା ମହୋତ୍ସବ 'ଯଯାତି' ପାଇଁ ସାମ୍ବାଦିକ ସମ୍ମିଳନୀ, ନାହାନ୍ତି ଜିଲ୍ଲାପାଳ

ଯାଜପୁର ଟାଉନ୍,୧୨।୩ (ସଂଚାର ବ୍ୟୁରୋ): ଜପୁର ଜିଲ୍ଲାର ସବୁଠୁ ବଡ଼ ସାଂସ୍କୃତିକ ପର୍ବ ଜିଲ୍ଲା ମହୋତ୍ସବ"ଯଯାତି"ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। କିନ୍ତୁ ଚମତ୍କାର କଥା ହେଲା,ଏହି ଗୁରୁତ୍ୱପୂର୍ଣ୍ଣ ପ୍ରେସ ମିଟରେ ଜିଲ୍ଲାର ମୁଖ୍ୟ ପ୍ରଶାସକ ଓ କାର୍ଯ୍ୟକ୍ରମର ମୁଖ୍ୟ ନେତୃତ୍ୱ ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ନଥିବାରୁ ସାମ୍ବାଦିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଯେଉଁଠାରେ ଜିଲ୍ଲାର ସବୁଠୁ ବଡ଼ ଉତ୍ସବକୁ ନେଇ ଜନସାଧାରଣଙ୍କ ଆଗ୍ରହ ଶିଖରକୁ ପହଞ୍ଚିଥିବା ବେଳେ, ସେଠାରେ ପ୍ରେସ ସମ୍ମିଳନୀରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ"ଉତ୍ସବ ପ୍ରତି ପ୍ରଶାସନର ଗୁରୁତ୍ୱ କେତେ?" ବୋଲି ପ୍ରଶ୍ନ ଉଠୁଛି। ସରକାରୀ କାର୍ଯ୍ୟକ୍ରମରେ ସାଧାରଣତଃ ଜିଲ୍ଲାପାଳ ମୁଖ୍ୟ ଭୂମିକା ନେଇଥାନ୍ତି, କିନ୍ତୁ ଏହି ମହତ୍ୱପୂର୍ଣ୍ଣ ସମୟରେ ତାଙ୍କର ଅନୁପସ୍ଥିତି ପ୍ରଶାସନର ଗମ୍ଭୀରତା ଉପରେ ସନ୍ଦେହ ସୃଷ୍ଟି କରିଛି।



ଏହି ପ୍ରେସ ମିଟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଯୋଗଦେଇ ଜିଲ୍ଲା ମହୋତ୍ସବ ସମ୍ପର୍କିତ ବିସ୍ତାର ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଯେ ଆସନ୍ତା ମାର୍ଚ୍ଚ ୨୦ ରୁ ୨୪ ପର୍ଯ୍ୟନ୍ତ ପ୍ରଶାସନିକ ଭବନ ପଡ଼ିଆରେ ବର୍ଣ୍ଣାଢ୍ୟ ପରିବେଶରେ ଜିଲ୍ଲା ମହୋତ୍ସବ "ଯଯାତି" ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ ଓ ରାଜ୍ୟ ବାହାରର ପ୍ରତିଭାଶାଳୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟ ପରିବେଷଣ କରିବେ। ମହୋତ୍ସବ ପୂର୍ବରୁ ମାର୍ଚ୍ଚ ୧୮ ତାରିଖରେ "ପଥ ଉତ୍ସବ" ଆୟୋଜନ ହେବା ସହ ରାଜପଥରେ ସ୍ପୋର୍ଟସ, ଜୁମ୍ବା, ନୃତ୍ୟ, ସଙ୍ଗୀତ, ରଙ୍ଗୋଲି ଓ ପାରମ୍ପରିକ କଳାର ଆୟୋଜନ ହେବ। ତଥା ଯାଜପୁରର ଆଧ୍ୟାତ୍ମିକ ପରମ୍ପରାକୁ ଧ୍ୟାନରେ ରଖି ଦଶାଶ୍ୱମେଧ ଘାଟରେ ବୈତରଣୀ ଆଳତୀ ମଧ୍ୟ ଆୟୋଜିତ ହେବ। ଏହାସହ ମହୋତ୍ସବ ପରିସରରେ ସୁଭଦ୍ରା ଶକ୍ତି ମେଳା, ପଲ୍ଲିଶ୍ରୀ ଓ ହସ୍ତତନ୍ତ ମେଳା ଆୟୋଜନ କରାଯିବ ଯେଉଁଠାରେ ପ୍ରାୟ ୨୫୦ ରୁ ଅଧିକ ଷ୍ଟଲ୍ ରହିବ। ପାରମ୍ପରିକ ଓ ଆଧୁନିକ ଖାଦ୍ୟ ପାଇଁ ଫୁଡ୍ କୋର୍ଟ ବ୍ୟବସ୍ଥା ମଧ୍ୟ ରହିବ। ତଥାପି ଜିଲ୍ଲାର ଏତେ ବଡ଼ ସାଂସ୍କୃତିକ ପର୍ବକୁ ନେଇ ହୋଇଥିବା ପ୍ରେସ ସମ୍ମିଳନୀରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ସାମ୍ବାଦିକ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି।

## ୭ଟି ସାପ ଉଦ୍ଧାର କଲେ ସ୍ନେକ ହେଲ୍ପଲାଇନ ସଦସ୍ୟ



ଯାଜପୁର ରୋଡ଼,୧୨।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରରେ ବିଷଧର ସର୍ପ ମାନଙ୍କ ଦଂଶନ କବଳରୁ ଅନେକ ଲୋକମାନଙ୍କର ଜୀବନକୁ ବଂଚାଉଛନ୍ତି ଏବେ ସ୍ନେକ ହେଲ୍ପଲାଇନ ସଦସ୍ୟ ଶ୍ରୀ ମଣିଭଦ୍ର ମଲ୍ଲିକ। ଗୋଟିଏ ଦିନରେ ୭ଟି ସ୍ଥାନରେ ଆଜି ବିଭିନ୍ନ ବିଷଧର ସାପକୁ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡ଼ିଛନ୍ତି ଶ୍ରୀ ମଲ୍ଲିକ। ଯାଜପୁର ରୋଡ଼ ଡକ୍ଟର ସୌଭାଗ୍ୟ ସୁବୁଦ୍ଧିଙ୍କ ଘରୁ ୫ଫୁଟର ଢମଣା ସାପ, ନଟପଡ଼ା ଗ୍ରାମର ସଂଯୁକ୍ତା ମହାନ୍ତିଙ୍କ ଘରୁ ତମ୍ପ ସାପ, ନହକା ଶିବ ମନ୍ଦିର ଭିତରୁ ୪ଫୁଟର ଚନ୍ଦନ ବୋଡ଼ା, କହ୍ନେଇପୁର ମହେଶ ଗୁପ୍ତାଙ୍କ ଘରୁ ନାଗ ସାପ, ଦଳାଗାଁ ଖଗେଶ୍ୱର ଗୁପ୍ତାଙ୍କ ରୋଷେଇ ଘରୁ ତମ୍ପ ସାପ, ମୁଳାପାଳ ଲିଙ୍ଗେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ନାଗ ସାପ ଓ ନହକା ସୁଜାତା ସାହୁଙ୍କ ଘରୁ ତମ୍ପ ସାପ ଉଦ୍ଧାର କରିଛନ୍ତି। ସ୍ନେକ ହେଲ୍ପଲାଇନ ସଦସ୍ୟ ଶ୍ରୀ ମଣିଭଦ୍ର ମଲ୍ଲିକ୍‌ଙ୍କ ଏପରି ଜନସେବା, ମହତ୍ କାର୍ଯ୍ୟ ଲାଗି ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ସମାପନୀ ଉତ୍ସବ




ପାରାଦୀପ,୧୨।୩ (ସଂଚାର ବ୍ୟୁରୋ): ପାରାଦୀପ ୟୁନିଟ୍‌ର ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ ( ଇଫକୋ ) ଠାରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ୨୦୨୬ର ସମାପନୀ ଉତ୍ସବ ସଫଳତାର ସହିତ ଆୟୋଜିତ ହୋଇ ଯାଇଛି । କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ୫ ମାର୍ଚ୍ଚରୁ ୧୧ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଅନେକ ସୁରକ୍ଷା ସଚେତନତା କାର୍ଯ୍ୟକଳାପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର କାରଖାନା ଏବଂ ବଏଲର୍ସ (ସୁରକ୍ଷା) ଉପନିର୍ଦ୍ଦେଶକ ଡକ୍ଟର ମଳୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି କଟକ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଇଞ୍ଜିନିୟର ମନୋଜ କୁମାର ପଣ୍ଡା ଏବଂ ପାରାଦୀପ ଜୋନର ସହାୟକ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶକ ଇଞ୍ଜିନିୟର ଚନ୍ଦ୍ର ଶେଖର ବେହେରା ମଧ୍ୟ ଯୋଗ ଦେଇଥିଲେ । ସପ୍ତାହ ସାରା, ଅଗ୍ନି ନିର୍ବାପକ ଏବଂ ଶ୍ୱାସକ୍ରିୟା ଯନ୍ତ୍ର ସେଟର ସଠିକ ବ୍ୟବହାର ଉପରେ ବ୍ୟବହାରିକ ଅଧିବେଶନ ସମେତ ବିଭିନ୍ନ ସୁରକ୍ଷା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ବିଭାଗୀୟ ମୁଖ୍ୟମାନେ ବିପଦ ଚିହ୍ନଟ ଏବଂ ନିରାପଦ କାର୍ଯ୍ୟ ପଦ୍ଧତି ଉପରେ ଗୁରୁତ୍ୱ ଦେଇ ସୁରକ୍ଷା ଆଲୋଚନା ମଧ୍ୟ କରିଥିଲେ। ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ, ସୁରକ୍ଷା ସ୍ଲୋଗାନ, ସୁରକ୍ଷା କୁଇଜ୍, ଶ୍ୱାସକ୍ରିୟା ଉପକରଣ ପିନ୍ଧିବା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କର୍ମଚାରୀ, ଠିକା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସମାରୋହ ସମୟରେ, ସମ୍ମାନିତ ବ୍ୟକ୍ତିମାନେ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଶିଳ୍ପ କାର୍ଯ୍ୟରେ କଠୋର ସୁରକ୍ଷା ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୟୁନିଟ୍ ମୁଖ୍ୟ ଶ୍ରୀ ପି. କେ. ମହାପାତ୍ର ସଂଗଠନ ମଧ୍ୟରେ ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ କର୍ମଚାରୀ ଏବଂ ଠିକାଦାରଙ୍କ ସମର୍ପଣ ଏବଂ ସାମୂହିକ ପ୍ରୟାସକୁ ପ୍ରଶଂସା କରିଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ୨୦୨୫ ବର୍ଷ ମଧ୍ୟରେ ସୁରକ୍ଷା ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ପାଇଁ ଠିକା କର୍ମଚାରୀ ଏବଂ ଏଜେନ୍ସିଗୁଡ଼ିକୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ମହାବୀର ସେବାଟ୍ରଷ୍ଟର ନୂତନ କାର୍ଯ୍ୟକର୍ତ୍ତା ଚୟନ



ସୁନ୍ଦରଗଡ଼,୧୨।୩ (ସଂଚାର ବ୍ୟୁରୋ): ମେଡିକାଲ ଛକ ନିକଟସ୍ଥ ହନୁମାନ ମନ୍ଦିର, ମହାବୀର ସେବାଟ୍ରଷ୍ଟ ର ଗତକାଲି ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଯାଇଛି, ଏହି କ୍ରମରେ ଶୋଭନ ହୋତା ସଭାପତି, ସତ୍ୟବ୍ରତ ମହାକୁଲ ସମ୍ପାଦକ ହୋଇଥିଲା ବେଳେ ଟୁନା ସାହାଣୀ ଉପ ସଭାପତି, ସୁଶୀଲ ଗୁପ୍ତା ଓ ଓମପ୍ରକାଶ ଅଗ୍ରୱାଲ ଯୁଗ୍ମ ସମ୍ପାଦକ, ଅଜିତ ପାଣ୍ଡେ ଓ ସୁବ୍ରତ କୁମାର ଦାସ ଉଭୟ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି, ବାକି ସମସ୍ତେ କାର୍ଯ୍ୟକର୍ତ୍ତା ଭାବେ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଏହି ନୂତନ କମିଟି ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା,୧୨।୩ (ସଂଚାର ବ୍ୟୁରୋ):ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥ ର ଯୁଗଳ ଛକ ନିକଟରେ ବୁଧବାର ଭୋର ୪ଟା ସମୟରେ ସଡ଼କ ଦୁର୍ଘଟଣାରେ ଆହତ ଦୀନକୃଷ୍ଣ ମହାନ୍ତ (୪୬)ଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ଗରଗଡିଆ ଗାଁର ଦୀନକୃଷ୍ଣ ସକାଳେ ମର୍ଣ୍ଣିଂ ୱାକ୍ କରୁଥିବାବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବେତନଟୀ ଓ ପରେ ବାରିପଦା ଡାକ୍ତରଖାନା ନିଆଯାଇଥିଲା । ଅଧିକ ଗୁରୁତର ଥିବାରୁ ତାଙ୍କୁ କଟକ ପଠା ଯାଇଥିଲା । ମାତ୍ର ସେଠାରେ ଚିକିତ୍ସାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୀନକୃଷ୍ଣ ଜଣେ ଶ୍ରମିକ ଶ୍ରେଣୀର ଲୋକ ଥିଲେ। ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର ଅଛନ୍ତି । ପରିବାର ତାଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଥିବାବେଳେ ଗାଁରେ ଶୋକର ଛାୟା ଖେଳି ଯାଇଛି। ଦୀନକୃଷ୍ଣ ଜଣେ ଅତି ମେଳାପୀ ଓ ସେବା ପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ । ସରକାରୀ ସାହାଯ୍ୟ ପାଇଁ ସାଧାରଣରେ ଦାବି ହେଉଛି ।

## ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସାଇବର ଠକେଇ ସଚେତନତା କର୍ମଶାଳା




ନିଶ୍ଚିନ୍ତକୋଇଲି,୧୨।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଶିଶୁ ବିକାଶ ପ୍ରକଳ୍ପ, ନିଶ୍ଚିନ୍ତକୋଇଲି ପକ୍ଷରୁ ବେଟି ବଞ୍ଚାଅ, ବେଟି ପଢ଼ାଅ ଯୋଜନାରେ ଅନ୍‌ଲାଇନ୍ ସେଫଟି ଓ ସାଇବର ବୁଲିଙ୍ଗ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ସତ୍ୟଭାମା ବିଶୋଇଙ୍କ ସଭାପତିତ୍ୱରେ ଉକ୍ତ କର୍ମଶାଳାରେ ଅତିଥି ଭାବେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନୀତା ସାହୁ ଓ ଆଇନଜୀବୀ ମାନସ କୁମାର ଦାସ ଯୋଗଦେଇ ଆମ୍ଭମାନଙ୍କ ସଚେତନ ଅଭାବ ହେତୁ ଦୈନନ୍ଦିନ ବହୁ ଅନ୍‌ଲାଇନ୍ ସାଇବର ଠକେଇ ଘଟଣା ଘଟୁଅଛି ଏବଂ ଏହାର ସମାଧାନ ପାଇଁ ଆମ୍ଭମାନଙ୍କୁ ସତର୍କ ରହିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିବା ସହିତ ସଚେତନ ରହିବା ପାଇଁ ବିଭିନ୍ନ ପ୍ରଣାଳୀଗୁଡ଼ିକୁ ବିଶେଷ ଭାବେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଆଶା କର୍ମୀ ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ।

# ଗାଁ କାନ୍ଥରେ ମାଳମାଳ ସୂଚନାଫଳକ

**ନନ୍ଦାହାଣ୍ଡି ବ୍ଲକ୍‌ରେ ଦୁର୍ନୀତି ଗନ୍ଧ**



ନବରଙ୍ଗପୁର/ନନ୍ଦାହାଣ୍ଡି,୧୨।୩ (ସଂଚାର ବ୍ୟୁରୋ):ଗୋଟିଏ ଗାଁ କାନ୍ଥ ରେ ଅନେକ ଗାଁର ଲକ୍ଷାଧିକ ଟଙ୍କାର ସୂଚନା ଫଳକ । ଗୋଟିଏ କି ଦୁଇଟି ନୁହେଁ । ମାଳମାଳ ଉନ୍ନୟନମୂଳକ କାମର ଫଳକ ରହିଛି । ୨ଟି ପଞ୍ଚାୟତର ବିଭିନ୍ନ ଗାଁର ସୂଚନା ଫଳକ କରାଯାଇଛି । ତାହା ମଧ୍ୟ ଲୁଚାଛପାରେ। ସାଧାରଣ ଲୋକଙ୍କୁ ଦିସୁ ନ ଥିବା ସ୍ଥାନରେ ଉଲ୍ଲେଖ ରହିଛି । ଏଭଳିକି କେତେକ ସୂଚନାଫଳକ ଗାଧୁଆ ଘର ଭିତରେ ମଧ୍ୟ ଲେଖାଯାଇଛି। ଫଳକ ଲେଖି ଫଟୋ ଉଠାଇ ଠିକାଦାର ଓ ସରକାରୀବାବୁ ମାନେ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି ନନ୍ଦାହାଣ୍ଡି ବ୍ଲକ ଧଣ୍ଡା ଓ ମେଣ୍ଟି ପଞ୍ଚାୟତବାସୀ।

ଆଞ୍ଚଳବାସୀ କହିଛନ୍ତି, ମେଣ୍ଟି ପଞ୍ଚାୟତ ପଥରଲସା ଗାଁର ବିଭିନ୍ନ ଲୋକଙ୍କ ଘରକାନ୍ଥରେ ରକ୍ଷାଧିକ ଟଙ୍କାର କାର୍ଯ୍ୟ ହୋଇଥିବା ନେଇ ସୂଚନା ଫଳକ ରହିଛି । ଗାଁର ରଘୁ ଭତ୍ରା ଙ୍କ କାନ୍ଥ ରେ ମେଣ୍ଟି ପଞ୍ଚାୟତ ବରଗାଁର ପ୍ରାଥମିକ ବିଦ୍ୟାଳୟ ମରାମତି ପାଇଁ ୨୦୨୪-୨୫ରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଉଲ୍ଲେଖ ରହିଛି। ସେଇଟି ପିତାକୁମିଲି ଗାଁରେ ସାମୁହିକ ସଫେଇ ପାଇଁ ପଞ୍ଚଦଶ ଅର୍ଥକମିଶନରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଉଲ୍ଲେଖ ରହିଛି। ଧଣ୍ଡା ପଞ୍ଚାୟତ ପିତାକୁମୁଲି ଗାଁରେ ୧୫ତମ ସିଏଫସି ପାଣ୍ଠିରୁ ୩୯ ହଜାର ୨୪୦ ଟଙ୍କା ଖର୍ଚ୍ଚ ହୋଇଥିବା ଜଣଙ୍କ କାନ୍ଥରେ ଉଲ୍ଲେଖ ରହିଛି। ଅନେକ ସ୍ଥାନରେ ଉଲ୍ଲେଖ ଥିବା ସୂଚନାଫଳକ ଉପରେ ଚୂନ ଲିପି ଦିଆଯାଇଥିବାରୁ ତାହା ସ୍ପଷ୍ଟ ଦେଖାଯାଇନି । ପ୍ରକୃତରେ ସୂଚନାଫଳକ କେବଳ ବିଲ୍ ପାଇଁ ଲେଖାଯାଇଛି ନା ବାସ୍ତବରେ କାମ କରାଯାଇଛି ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ନିୟମ ପ୍ରକାରେ, ଯେଉଁ ଗାଁରେ ଉନ୍ନୟନ କାମ କରାଯାଉଛି ୭ଦିନ ପୂର୍ବରୁ ସୂଚନାଫଳକ ସେହି ଗାଁରେ ଲଗାଇବା କଥା। ସୂଚନା ଫଳକ ପାଇଁ ସରକାରଙ୍କ ତରଫରୁ ୧୫୦୦ରୁ ୨ହଜାର ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି। ଦୁର୍ଭାଗ୍ୟକୁ କେବଳ ନନ୍ଦାହାଣ୍ଡି ବ୍ଲକ ନୁହେଁ ଅନ୍ୟ ବ୍ଲକଗୁଡିକରେ ମଧ୍ୟ ନିର୍ମାଣ କାମ ସରିବା ପରେ ସୂଚନାଫଳକ ଲଗାଯାଇଛି। ଅଧିକାଂଶ ଗାଁରେ କାମ ନକରି ମିଥ୍ୟା ବିଲ୍ କରି ଟଙ୍କା ହଡପ କରାଯାଇଥିବା ବେଳେ ସୁଚନାଫଳକ ଟଙ୍କାକୁ ମଧ୍ୟ ଠିକାଦାର ଓ ସରକାରୀବାବୁ ମିଳିମିଶି ହଡପ କରୁଥିବା ଗ୍ରାମବାସୀ କହିଛନ୍ତି ।

ଏ ନେଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଘଟଣାକୁ ସେ ଗୁରୁତର ସହିତ ନେଇ ତଦନ୍ତ କରିବେ । ଅନିୟମିତତା ହୋଇଥିଲେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କିରେଇରେ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର




ସୁନ୍ଦରଗଡ଼,୧୨।୩ (ସଂଚାର ବ୍ୟୁରୋ): ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ବିଜେପି କିରେଇ ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସଂଗ୍ରାମ ଚୌଧୁରୀ ଏବଂ ମଣ୍ଡଳ କାର୍ଯ୍ୟକାରୀ ସଭାପତି ସିମେଶ୍ୱର ଲରିଆଙ୍କ ଯୁଗ୍ମ ନେତୃତ୍ୱ ରେ ଦିଉଲି ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଶ୍ରୀସାହୁ ଏବଂ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ସଦର ବ୍ଲକ ଉପାଧ୍ୟକ୍ଷା, ଚନ୍ଦ୍ରମା ମେହେର, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ କିରେଇ ମଣ୍ଡଳ ସଭାପତି ପ୍ରଦୀପ ଚୌଧୁରୀ, ସୁଦାମ ହୋତା, ମଝାପଡ଼ା ମଣ୍ଡଳ ସଭାନେତ୍ରୀ ହରିପ୍ରିୟା ପଟେଲ ସମେତ ପ୍ରଶିକ୍ଷଣ ଶିବିରର ଜିଲ୍ଲା ସ୍ତରୀୟ ବକ୍ତା ପ୍ରମୁଖ ଭାରତୀୟ ଜନତା ପାର୍ଟିର ମୂଳ ବିଚାରଧାରା, ଦଳୀୟ ଆଦର୍ଶ, ସମାଜସେବା ପାଇଁ ନିଜର ଭୂମିକା, ବୁଥ ସଂଚାଳନ, ମନ କି ବାତ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣକାରୀ ଯୋଜନା, ବିଜେପିର ଇତିହାସ, କାର୍ଯ୍ୟପଦ୍ଧତି, ସୋସିଆଲ ମେଡ଼ିଆ,ଏଆଇ,ସରଳ ଓ ନମୋ ଆପ ବିଷୟରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଓ ବରିଷ୍ଠ ବିଜେପି ନେତା ପ୍ରମୁଖ ଯୋଗ ଦେଇଥିଲେ।




# ଶ୍ରବଣ ଶକ୍ତି କମାଇପାରେ ବାରମ୍ବାର ସଂକ୍ରମଣ

**ଓଟାଇଟିସ୍ ମିଡିଆ (ମଧ୍ୟକର୍ଣ୍ଣ ପ୍ରଦାହ) କ'ଣ?**

ଓଟାଇଟିସ୍ ମିଡିଆ ବା ମଧ୍ୟକର୍ଣ୍ଣ ପ୍ରଦାହ ହେଉଛି ମଧ୍ୟକର୍ଣ୍ଣରେ ଦେଖାଯାଉଥିବା ଏକ ସଂକ୍ରମଣ। ଓଟାଇଟିସ୍ ମିଡିଆ ଦୁଇ ପ୍ରକାରର ଯଥା: ଆକ୍ୟୁଟ୍ ଓଟାଇଟିସ୍ ମିଡିଆ ଓ କ୍ରନିକ ଓଟାଇଟିସ୍ ମିଡିଆ। କାନର ସଂକ୍ରମଣ ୪ ସପ୍ତାହରୁ କମ୍ ରହିଲେ ଏହାକୁ ଆମେ ଆକ୍ୟୁଟ୍ ଓଟାଇଟିସ୍ ମିଡିଆ କହିଥାଉ। ଓଟାଇଟିସ୍ ମିଡିଆ ଶିଶୁମାନଙ୍କଠାରେ ସାଧାରଣ ଭାବେ ଅଧିକ ଦେଖାଯାଏ। ବୟସ୍କଙ୍କ ମଧ୍ୟରେ ବି ଏହା ଦେଖାଯାଇପାରେ। ସ୍କୁଲ ଯିବା ବୟସ ପୂର୍ବରୁ ଅଧିକାଂଶ ଛୁଆଙ୍କଠାରେ ଅତି କମ୍‌ରେ ଥରେ ଏହି ସଂକ୍ରମଣ ହୋଇଥାଏ।

**ଏହି ସଂକ୍ରମଣର ଲକ୍ଷଣ କ'ଣ?**

ସାଧାରଣତଃ ପିଲାମାନଙ୍କଠାରେ ଥଣ୍ଡା ହେବାରୁ ଏହି ସଂକ୍ରମଣ ଆରମ୍ଭ ହୋଇଥାଏ। ତଣ୍ଟି ଦରଜ ଓ ନାକରୁ ପାଣି ବୋହିବା ସହ ଏହି ସଂକ୍ରମଣ କାନ ପର୍ଯ୍ୟନ୍ତ ବ୍ୟାପିଥାଏ। ଫଳରେ କାନରେ ଯନ୍ତ୍ରଣା ହେବା, ଜ୍ୱର ଆସିବା, କମ୍ ଶୁଣାଯିବା ଓ ମୁଣ୍ଡବିନ୍ଧା ଆଦି ସମସ୍ୟା



ଡାକ୍ତର ନରେଶ କୁମାର ମହାପାତ୍ର
କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ
କ୍ୟାପିଟାଲ୍ ହସ୍‌ପିଟାଲ୍, ଭୁବନେଶ୍ୱର

ଦେଖାଯାଏ। ଏଥିସହ କାନରୁ ପୂଜ ବି ନିର୍ଗତ ହୋଇଥାଏ।

**ଏହି ସଂକ୍ରମଣ କାହିଁକି ହୁଏ?**

ଓଟାଇଟିସ୍ ମିଡିଆ ଜୀବାଣୁ କିମ୍ବା ଭୂତାଣୁ ଦ୍ୱାରା ହୋଇପାରେ। ପ୍ରଥମେ ଏହା ଭୂତାଣୁଜନିତ ହେଉଥିବା ବେଳେ ଜୀବାଣୁ ସଂକ୍ରମଣ ଯୋଗୁଁ କାନରୁ ପୂଜ ନିର୍ଗତ ହୋଇଥାଏ। ମଝିକର୍ଣ୍ଣ ୟୁଷ୍ଟାଚିଆନ୍ ଟ୍ୟୁବ୍ ନାମକ ଏକ ନଳୀ ଦ୍ୱାରା ଗଳା ସହିତ ସଂଯୁକ୍ତ ହୋଇଥାଏ। ଥଣ୍ଡା ହେଲେ ସଂକ୍ରମଣ ଏହି ନଳୀ ମାଧ୍ୟମରେ ହିଁ ଗଳା ପଛପଟୁ ମଝି କାନ ପର୍ଯ୍ୟନ୍ତ ବ୍ୟାପିଥାଏ। ଛୋଟ ପିଲାଙ୍କର ୟୁଷ୍ଟାଚିଆନ୍ ଟ୍ୟୁବ୍ ଛୋଟ ହୋଇଥିବାରୁ ସେମାନଙ୍କଠାରେ ଏହି ସଂକ୍ରମଣ ଅଧିକ ଦେଖାଯାଇଥାଏ। ଔଷଧ ସେବନ ଦ୍ୱାରା ଏହା ଭଲ ହୋଇଯାଏ।

**କ୍ରନିକ ଓଟାଇଟିସ୍ ମିଡିଆ କ'ଣ?**

ସଂକ୍ରମଣ ୪ ସପ୍ତାହରୁ ଅଧିକ ରହିଲେ ଆକ୍ୟୁଟ୍ ଓଟାଇଟିସ୍ ମିଡିଆଟି କ୍ରନିକ୍ ଓଟାଇଟିସ୍ ମିଡିଆରେ ପରିଣତ ହୋଇଥାଏ। ଏଥିରେ କାନରେ ଥିବା ଟିମ୍ପାନିକ୍ ମେମ୍ବ୍ରେନ୍ ବା କାନ ପରଦାରେ ଛିଦ୍ର ହୋଇଯାଏ। ଫଳରେ ଶରୀର ଭିତରୁ ୟୁଷ୍ଟାଚିଆନ୍ ଟ୍ୟୁବ୍ ଦ୍ୱାରା ଓ ବାହାର ବାୟୁମଣ୍ଡଳର ପ୍ରଭାବରେ ଆସିବା ଦ୍ୱାରା ରୋଗୀଠାରେ ବାରମ୍ବାର ସଂକ୍ରମଣ ଦେଖାଯାଇଥାଏ। ଏଣୁ ରୋଗୀକୁ ସାମାନ୍ୟ ଥଣ୍ଡା ହେଲେ ବା ମୁଣ୍ଡ ସଫା କରି ଗାଧୋଇଲେ କାନରୁ ପାଣି ବା ପୂଜ ବାହାରେ। ଏହି ସମୟରେ ରୋଗୀଙ୍କୁ ଟିକେ କମ୍ ଶୁଣାଯାଏ। କାନ ଡ୍ରପ୍ ପକାଇଲେ ବା ଆଣ୍ଟିବାୟୋଟିକ୍ ଖାଇଲେ ଏହା ଭଲ ହୋଇଯାଏ।

**ଏଥିରେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ କି?**

ଆକ୍ୟୁଟ୍ ଓଟାଇଟିସ୍ ମିଡିଆ ଦ୍ୱାରା ଶ୍ରବଣ ଶକ୍ତି ହ୍ରାସ ପାଇଥାଏ। କିନ୍ତୁ ଏହାର ଅତି ସରଳ ଚିକିତ୍ସା ମଧ୍ୟ ଉପଲବ୍ଧ। ସଂକ୍ରମଣର ଉତ୍ସକୁ ଲକ୍ଷ୍ୟ କରି ଡାକ୍ତର ରୋଗୀଙ୍କୁ ଔଷଧ ଦେଇଥା'ନ୍ତି। ଯଦି ସଂକ୍ରମଣ ଯୋଗୁଁ କାନ ପରଦାରେ ଛିଦ୍ର ହୋଇଯାଇଥାଏ, ତେବେ ସଂକ୍ରମଣ ବାରମ୍ବାର ହୁଏ। ଏହାର ସ୍ଥାୟୀ ସମାଧାନସ୍ୱରୂପ ଟିମ୍ପାନୋପ୍ଲାଷ୍ଟି ସର୍ଜରି ମାଧ୍ୟମରେ କାନ ପରଦାରେ ହୋଇଥିବା ଛିଦ୍ର ମରାମତି କରାଯାଇଥାଏ। ଫଳରେ ରୋଗୀଠାରେ ଏହି ସଂକ୍ରମଣ ଦେଖାଯାଏ ନାହିଁ ଓ ଶ୍ରବଣ ଶକ୍ତିକୁ ଅକ୍ଷୁଣ୍ଣ ରଖିହୁଏ।



# ଖାଦ୍ୟର ବିକଳ୍ପ ନୁହେଁ ହେଲ୍ଥ ସପ୍ଲିମେଣ୍ଟ



ଅନେକ ଉତ୍ତମ ପୋଷଣ, ଉନ୍ନତ ରୋଗ ପ୍ରତିରୋଧକ ଶକ୍ତି ଓ ସାମୂହିକ ସୁସ୍ଥତା ପାଇଁ ହେଲ୍ଥ ସପ୍ଲିମେଣ୍ଟ୍ ବା ସ୍ୱାସ୍ଥ୍ୟ ପରିପୂରକ ଗ୍ରହଣ କରିଥା'ନ୍ତି। ହେଲ୍ଥ ସପ୍ଲିମେଣ୍ଟ୍ ଖୁବ୍ ଲୋକପ୍ରିୟତା ହାସଲ କରିବା ସତ୍ତ୍ୱେ ତାହା ସମ୍ପର୍କରେ ଅନେକ ଭ୍ରାନ୍ତ ଧାରଣା ରହିଛି। ଏହା ହେଲ୍ଥ ସପ୍ଲିମେଣ୍ଟ୍‌ର ନିରାପତ୍ତା ଓ ପ୍ରଭାବ ବାବଦରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଅନେକଙ୍କର ବିଶ୍ୱାସ ଯେ ଏହା ସନ୍ତୁଳିତ ଖାଦ୍ୟର ସ୍ଥାନ ନେଇପାରେ। ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ, ଆବଶ୍ୟକ ପଡ଼ିଲେ ହେଲ୍ଥ ସପ୍ଲିମେଣ୍ଟ ନେବା ଠିକ୍, ମାତ୍ର ତାହା ଖାଦ୍ୟର ବିକଳ୍ପ ଭାବରେ ଗ୍ରହଣୀୟ ନୁହେଁ। ତେଣୁ ହେଲ୍ଥ ସପ୍ଲିମେଣ୍ଟ୍ ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂରହେବା ଜରୁରି।

ପ୍ରଥମତଃ ହେଲ୍ଥ ସପ୍ଲିମେଣ୍ଟ୍ ସ୍ୱାସ୍ଥ୍ୟପ୍ରଦ ଭୋଜନର ଏକ ବିକଳ୍ପ ବୋଲି ଯେଉଁ ଧାରଣା ରହିଛି, ତାହା ଆଦୌ ଠିକ୍ ନୁହେଁ। କାରଣ ସନ୍ତୁଳିତ ଆହାର ଖାଦ୍ୟସାର, ଖଣିଜସାର, ତନ୍ତୁସାର ଓ ଆଣ୍ଟିଅକ୍ସିଡାଣ୍ଟ୍‌ର ଏକ ଉତ୍ତମ ମିଶ୍ରଣ, ଯାହା ପୋଷକର ଶୋଷଣ ତଥା ସାମୂହିକ ସ୍ୱାସ୍ଥ୍ୟ ପାଇଁ ଏକାଠି କାମ କରେ। ଅପରପକ୍ଷେ, ହେଲ୍ଥ ସପ୍ଲିମେଣ୍ଟ୍ ପୋଷକର ଅଭାବ ପୂରଣ କରିପାରେ, ମାତ୍ର ପ୍ରକୃତ ଖାଦ୍ୟର ସ୍ଥାନ ନେଇପାରି ନଥାଏ।

ଅଧିକ ହେଲ୍ଥ ସପ୍ଲିମେଣ୍ଟ୍ ଗ୍ରହଣ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୋଇଥାଏ ବୋଲି ଧାରଣା ରହିଛି। ମାତ୍ର ବାସ୍ତବତା ହେଉଛି, ବିଶେଷ କରି ଭିଟାମିନ୍ ଏ, ଡି, ଇ ଓ କେ ପରି ଚର୍ବି ଦ୍ରବଣୀୟ ଖାଦ୍ୟସାରଗୁଡ଼ିକର ଅତ୍ୟଧିକ ସେବନ ଶରୀରରେ ଫୁଡ୍ ପଏଜନିଙ୍ଗ୍ ସମେତ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କିଛି ହେଲ୍ଥ ସପ୍ଲିମେଣ୍ଟ୍ ଯକୃତ କ୍ଷତି, ସ୍ନାୟୁ ସମସ୍ୟା ଏବଂ ହଜମ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେଲ୍ଥ ସପ୍ଲିମେଣ୍ଟ୍‌ର ଧାର୍ଯ୍ୟ ମାତ୍ରା ସେବନ କରିବା ଉଚିତ। ପ୍ରାକୃତିକ ହେଲ୍ଥ ସପ୍ଲିମେଣ୍ଟ୍‌ଗୁଡ଼ିକ ସର୍ବଦା ନିରାପଦ ବୋଲି ଅନେକଙ୍କର ଧାରଣା। ମାତ୍ର ସେଗୁଡ଼ିକ ସବୁବେଳେ ବିପଦମୁକ୍ତ ନୁହେଁ। କିଛି ଚେରମୂଳି ହେଲ୍ଥ ସପ୍ଲିମେଣ୍ଟକୁ ଅନ୍ୟ ଔଷଧ ସହ ଖାଇଲେ ନକାରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ରହିଛି। ତେଣୁ ସେପରି କୌଣସି ହେଲ୍ଥ ସପ୍ଲିମେଣ୍ଟ୍ ଗ୍ରହଣ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଜରୁରି।

କେବଳ ବଡିବିଲ୍ଡର କି ଖେଳାଳିମାନଙ୍କ ପାଇଁ ପୁଷ୍ଟିସାର ବା ପ୍ରୋଟିନ୍ ସପ୍ଲିମେଣ୍ଟ୍ ଦରକାର ବୋଲି ଅନେକ ଭାବିଥା'ନ୍ତି। ମାତ୍ର ମାଂସପେଶୀ ମରାମତି, ରୋଗପ୍ରତିରୋଧକ ଶକ୍ତି ଓ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିସାର ଅତ୍ୟାବଶ୍ୟକ। ବିଶେଷ କରି ନିରାମିଷାସୀ, ବୟସ୍କ ବ୍ୟକ୍ତି କିମ୍ବା ଅସୁସ୍ଥତାରୁ ଆରୋଗ୍ୟ ଲାଭ କରୁଥିବା ବ୍ୟକ୍ତିମାନେ ସାଧାରଣ ଖାଦ୍ୟ ଉତ୍ସରୁ ପର୍ଯ୍ୟାପ୍ତ ପୁଷ୍ଟିସାର ପାଉନଥିବାରୁ ସେମାନେ ପୁଷ୍ଟିସାର ସପ୍ଲିମେଣ୍ଟରୁ ଉପକୃତ ହୋଇପାରିବେ।

ସେହିପରି ହେଲ୍ଥ ସପ୍ଲିମେଣ୍ଟ୍‌ଗୁଡ଼ିକ ଔଷଧ ପରି ତୁରନ୍ତ ଫଳାଫଳ ପ୍ରଦାନ କରନ୍ତି ନାହିଁ। ସେଗୁଡ଼ିକ ପୁଷ୍ଟିସାର ଅଭାବକୁ ପୂରଣ କରି ସାମୂହିକ ସ୍ୱାସ୍ଥ୍ୟକୁ ଧୀରେ ଧୀରେ ଉନ୍ନତ କରିଥା'ନ୍ତି। ତାହାର ଉଲ୍ଲେଖନୀୟ ଲାଭ ଦେଖିବା ପାଇଁ କିଛି ସପ୍ତାହ ବା ମାସ ଅପେକ୍ଷା କରିବାକୁ ପଡ଼ିପାରେ।

ସମସ୍ତେ ହେଲ୍ଥ ସପ୍ଲିମେଣ୍ଟ୍ ଖାଇବା ଉଚିତ ବୋଲି ଅନେକଙ୍କର ଧାରଣା। ବାସ୍ତବରେ ପୁଷ୍ଟିକର ଖାଦ୍ୟ ଗ୍ରହଣ କରୁଥିବା ବ୍ୟକ୍ତି ସପ୍ଲିମେଣ୍ଟ୍ ଖାଇବାର ଆବଶ୍ୟକତା ନାହିଁ। ତେବେ ଗର୍ଭବତୀ, ବୟସ୍କ ଓ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେଲ୍ଥ ସପ୍ଲିମେଣ୍ଟ ଖାଇବାକୁ ପଡ଼ିପାରେ। ବିନା ଡାକ୍ତରୀ ପରାମର୍ଶରେ ଏହା ଗ୍ରହଣୀୟ ନୁହେଁ।

## କେଉଁଟି ଅଧିକ ସ୍ୱାସ୍ଥ୍ୟକର





| ସାଦା ମଖାନା | ପୋଷକ ତତ୍ତ୍ୱ | ସାଦା ପପ୍‌କର୍ଣ୍ଣ (ମାଇକ୍ରୋୱେଭ୍) |
|---|---|---|
| ୩୩୨ କିଲୋକ୍ୟାଲୋରି | କ୍ୟାଲୋରି | ୪୯୬ କିଲୋକ୍ୟାଲୋରି |
| ୨ ଗ୍ରାମ | ସମୁଦାୟ ସ୍ନେହସାର | ୨୮ ଗ୍ରାମ୍ |
| ୦.୩ ଗ୍ରାମ୍ | ସାଚୁରେଟେଡ୍ ଫ୍ୟାଟ୍ | ୫ ଗ୍ରାମ୍ |
| ୧୫ ଗ୍ରାମ୍ | ପୁଷ୍ଟିସାର | ୮ ଗ୍ରାମ୍ |
| ୨୧୦ ମିଲିଗ୍ରାମ୍ | ମ୍ୟାଗ୍ନେସିୟମ୍ | ୧୦୭ ମିଲିଗ୍ରାମ୍ |
| ୧୩୬୮ ମିଲିଗ୍ରାମ୍ | ପୋଟାସିୟମ୍ | ୨୨୩ ମିଲିଗ୍ରାମ୍ |
| ୧୬୩ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | ୧୦ ମିଲିଗ୍ରାମ୍ |

ସିନେମା ହଲ୍‌ରେ ହେଉ ବା ଘରେ, ପପ୍‌କର୍ଣ୍ଣ ଭଳି ସ୍ନାକ୍ସର ସବୁଠି ଆଦର ରହିଛି। ତେବେ ସେଲିବ୍ରିଟିଙ୍କ ମଧ୍ୟରେ ମଖାନା ଏବେ ଏକ ସ୍ୱାସ୍ଥ୍ୟକର ସ୍ନାକ୍ସର ସ୍ଥାନ ନେଇଛି। ପପ୍‌କର୍ଣ୍ଣ ଓ ମଖାନା ଉଭୟ ପୁଷ୍ଟିକର ହୋଇଥିବା ବେଳେ ମଖାନା ଏହି ଲଢ଼େଇର ବିଜେତା ହୋଇପାରେ। ମଖାନା ସ୍ୱଳ୍ପ କ୍ୟାଲୋରି, କମ୍ ସ୍ନେହସାର ଓ ସାଚୁରେଟେଡ୍ ଫ୍ୟାଟ୍ ତଥା ଯଥେଷ୍ଟ ପୁଷ୍ଟିସାର ସମେତ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ କାଲସିୟମ୍ ଭଳି ଅତ୍ୟାବଶ୍ୟକ ଖଣିଜସାରର ପ୍ରଭାବଶାଳୀ ମିଶ୍ରଣ। ଏଣୁ ଏହା ପ୍ରାୟ ସବୁ ଦୃଷ୍ଟିରୁ ପପ୍‌କର୍ଣ୍ଣକୁ ପଛରେ ପକାଇ ଦେଇଥାଏ। ଓଜନ କମାଇବା ଲାଗି, ଉଭୟ ମଖାନା ଓ ପପ୍‌କର୍ଣ୍ଣ ଉପାଦେୟ ଜଳଖିଆ। ତେବେ କମ୍ କ୍ୟାଲୋରି ଓ ଅଧିକ ପୁଷ୍ଟିସାର ଥିବା ଯୋଗୁଁ ମଖାନା ଓଜନ ହ୍ରାସ ଲାଗି ଏକ ଉତ୍ତମ ବିକଳ୍ପ। ତେବେ ବଜାରରେ ମିଳୁଥିବା ଫ୍ଲେବର୍ଡ ମଖାନା ଓ ପପ୍‌କର୍ଣ୍ଣ ଅପେକ୍ଷା ଘରେ ଭଜା ଯାଇଥିବା ମଖାନା ଓ ପପ୍‌କର୍ଣ୍ଣ ଅଧିକ ସ୍ୱାସ୍ଥ୍ୟକର।



# ପଖାଳର ଔଷଧୀୟ ଗୁଣ



ପଖାଳର ସଂପର୍କ ଓଡ଼ିଆ ଜାତି ସହ କାହିଁ କେବେଠୁ ଯୋଡ଼ି ହୋଇରହିଛି। ଆମ ପୂର୍ବସୂରୀମାନେ ପଖାଳରୁ ଦହି ପଖାଳ, ଅବଢ଼ା ପଖାଳ, ଚିପୁଡ଼ା ପଖାଳ, ଟଙ୍କ ତୋରାଣି, କାଞ୍ଜି ଓ ଖୁଦପିତା ଭଳି କେତେ କ'ଣ ସୁଆଦିଆ ବ୍ୟଞ୍ଜନ ତିଆରି ଶିଖାଇଛନ୍ତି।

ପଖାଳର ଔଷଧୀୟ ଗୁଣ ଅପରିସୀମ। ଆମ ସାଧାରଣ ଜୀବନରେ 'ବାସି' କହିଦେଲେ ଆମେ ସେ ଖାଦ୍ୟ ପ୍ରତି ନାକ ଟେକୁ, ସ୍ୱାସ୍ଥ୍ୟ ସଚେତନ ହୋଇଯାଉ। ବାସି ଖାଦ୍ୟରେ ବିଷାକ୍ତ ଜୀବାଣୁ ସୃଷ୍ଟି ହେଉଥିବାବେଳେ ବାସି ପଖାଳରେ ଅତି ଉପକାରୀ ବ୍ୟାକ୍‌ଟେରିଆ ସୃଷ୍ଟି ହୁଅନ୍ତି। ପଖାଳ ତୋରାଣିକୁ ଖଟାଳିଆ କରିବାରେ 'ଲାକ୍ଟୋ ବାସିଲସ୍' ନାମକ ଅତି ଉପକାରୀ ବ୍ୟାକ୍‌ଟେରିଆର ଭୂମିକା ଥାଏ। ଏହା ପ୍ରାକୃତିକ ପ୍ରୋବାୟୋଟିକ୍ ଭଳି କାମ କରେ। ଉକ୍ତ ବ୍ୟାକ୍‌ଟେରିଆ ଲାକ୍‌ଟିକ୍ ଏସିଡ୍ ତିଆରି କରି ତୋରାଣିରେ କାଲ୍‌ସିୟମ୍, ପୋଟାସିୟମ୍, ସୋଡିୟମ୍, ଆଇରନ୍‌ର ପରିମାଣ ପ୍ରାୟ ୨୦ ଗୁଣା ବଢ଼ାଇଦିଏ। ପୁଣି ତୋରାଣିରେ ପ୍ରଚୁର ଭିଟାମିନ୍ ବି-୬ ଓ ବି-୧୨ ଥାଏ। ବାସି ପଖାଳ ନିୟମିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହା ଶରୀରର ଘା'କୁ ଶୀଘ୍ର ଶୁଖାଇବାରେ ବି ସାହାଯ୍ୟ କରେ। ପୁଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଆଳସ୍ୟ ଓ ଥକାପଣ ଦୂର କରିଥାଏ। ବାସି ପଖାଳ ଖାଉଥିବା ବ୍ୟକ୍ତି ଅଂଶୁଘାତରୁ ରକ୍ଷା ପାଇଥାଏ କାରଣ ଏହା ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖେ, ତ୍ୱଚାକୁ ଚିକ୍‌କଣ ରଖିବା ସଙ୍ଗେ ସଙ୍ଗେ ଅସ୍ଥି ଓ ମାଂସପେଶୀକୁ ଶକ୍ତ କରିବାରେ ସାହାଯ୍ୟ କରେ। ଆୟୁର୍ବେଦ ବିଶାରଦମାନଙ୍କ ମତରେ ପଖାଳ ତ୍ରି-ଦୋଷ ଯଥା ବାତ, ପିତ୍ତ ଓ କଫର ସନ୍ତୁଳନ ରକ୍ଷା କରେ। ସୁନିଦ୍ରା ପାଇଁ ପଖାଳ ବ୍ରହ୍ମାସ୍ତ୍ର ଭଳି କାର୍ଯ୍ୟକରେ। ତୋରାଣି ପିଇଲେ କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ପେଟବ୍ୟଥା ଦୂର ହୋଇଥାଏ।

**- ସୁଦର୍ଶନ ସାହୁ, ଐତିହ୍ୟ ଗବେଷକ ଓ କଂସା କଳା ସଂଗ୍ରାହକ, ମୋ: ୮୮୯୫୨୯୫୧୬୫**

# ସାମନ୍ଥାଙ୍କ ପ୍ରିୟ ବିମ୍ ହଫ୍ ବ୍ୟାୟାମ୍



ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପ୍ରାୟ ସମୟରେ ସାମାଜିକ ଗଣମାଧ୍ୟମରେ ନିଜର ଫିଟନେସ୍ ଓ ସୁସ୍ଥତା ବିଷୟରେ ଆଲୋଚନା କରନ୍ତି। ନିକଟରେ ସେ ତାଙ୍କର ପଡ୍‌କାଷ୍ଟରେ ସକାଳ ବ୍ୟାୟାମ ଉପରେ ଆଲୋକପାତ କରିଥିଲେ। ସକାଳେ ସୂର୍ଯ୍ୟସ୍ନାନ ପରେ ବିମ୍ ହଫ୍ ନାମକ ଶ୍ୱାସକ୍ରିୟା ବ୍ୟାୟାମ ଓ ଧ୍ୟାନ ତାଙ୍କୁ ସୁସ୍ଥ ତଥା ସତେଜ ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସାମନ୍ଥା ସକାଳେ ପ୍ରାୟ ପାଞ୍ଚ ମିନିଟ୍ କାଳ ଖରାରେ ବସିବା ପରେ ବିମ୍ ହଫ୍ ପଦ୍ଧତିର ଶ୍ୱାସକ୍ରିୟା ବ୍ୟାୟାମ କରନ୍ତି ଏବଂ ତା'ପରେ ୨୫ ମିନିଟ୍ କାଳ ଧ୍ୟାନରେ ନିମଗ୍ନ ରହନ୍ତି। ଏହି ସରଳ ବ୍ୟାୟାମରେ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବାର ଶକ୍ତି ଅଛି ବୋଲି ସେ କହିଛନ୍ତି। ଆସନ୍ତୁ ବିମ୍ ହଫ୍ ଶ୍ୱାସକ୍ରିୟା ପଦ୍ଧତିର ଉପକାରିତା ବାବଦରେ ଜାଣିବା। ଏହି ଶ୍ୱାସକ୍ରିୟା ବ୍ୟାୟାମ ପ୍ରସିଦ୍ଧ ଡଚ୍ ଅଧିବକ୍ତା ଓ କ୍ରୀଡ଼ାବିତ୍ ବିମ୍ ହଫ୍‌ଙ୍କ ଦ୍ୱାରା ବିକଶିତ। ଏଥିପାଇଁ ପ୍ରଥମେ ସ୍ଥିର ହୋଇ ବସନ୍ତୁ ବା ଲମ୍ବଦଣ୍ଡ ହୋଇ ଶୁଅନ୍ତୁ। ତା'ପରେ ନାକବାଟେ ଗଭୀର ପ୍ରଶ୍ୱାସ ନେବା ଆରମ୍ଭ କରନ୍ତୁ ଏବଂ ପାଟି ଦେଇ ନିଃଶ୍ୱାସ ଛାଡ଼ନ୍ତୁ। ସଚେତନ ଭାବରେ ୩୦ରୁ ୪୦ ଥର ଏପରି ଗଭୀର ଶ୍ୱାସକ୍ରିୟା କରନ୍ତୁ। ଏପରି ପ୍ରଶ୍ୱାସ ଛାଡ଼ିଲା ପରେ ନିଃଶ୍ୱାସକୁ ଯେତେ ସମୟ ସମ୍ଭବ ଧରି ରଖନ୍ତୁ। ଯେତେବେଳେ ପୁଣି ପ୍ରଶ୍ୱାସ ନେବା ଦରକାର ପଡ଼ିବ, ସେତେବେଳେ ଗଭୀର ଭାବରେ ପ୍ରଶ୍ୱାସ ନିଅନ୍ତୁ ଓ ୧୫ରୁ ୨୦ ସେକେଣ୍ଡ ଯାଏ ଧରି ରଖନ୍ତୁ। ଏହି ପ୍ରକ୍ରିୟାକୁ ୩ରୁ ୪ ଥର ପୁନରାବୃତ୍ତି କରନ୍ତୁ। ଧୀରେ ଧୀରେ ଏହାକୁ ବଢ଼ାଇ ୧୦ରୁ ୨୦ ଥର ଯାଏ କରନ୍ତୁ। ଏହି କୌଶଳ ଶକ୍ତି ବଢ଼ାଏ, ଚାପ କମାଏ, ଧ୍ୟାନକୁ ଉନ୍ନତ କରେ ଓ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ। ଏହି ବ୍ୟାୟାମ କରିବା ବେଳେ ମୁଣ୍ଡ ବୁଲାଇପାରେ କିମ୍ବା ହାଲୁକା ମୁଣ୍ଡବିନ୍ଧା ହୋଇପାରେ, ତେଣୁ ଗାଡ଼ି ଚଲାଇବା କିମ୍ବା ପହଁରିବା ସମୟରେ ଏହା କରନ୍ତୁ ନାହିଁ। ଯଦି ହୃଦ୍‌ରୋଗ କି ଶ୍ୱାସ ସମସ୍ୟା ଥାଏ, ତେବେ ପ୍ରଥମେ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରି।



# ଦ୍ୱିତୀୟ ସର୍ବାଧିକ ମାତୃ ମୃତ୍ୟୁ ଭାରତରେ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ନିକଟରେ 'ଟ୍ରେଣ୍ଡ୍‌ସ ଇନ୍ ମାଟର୍‌ନାଲ୍ ମୋର୍ଟାଲିଟି ୨୦୦୦ ଟୁ ୨୦୨୩' ନାମକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ମାତୃ ମୃତ୍ୟୁର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୩ରେ ପୃଥିବୀରେ ପ୍ରତି ଦିନ ୭୦୦ ଜଣ ମହିଳା ନିବାରଣଯୋଗ୍ୟ ଗର୍ଭଧାରଣ ଓ ପ୍ରସବକାଳୀନ ଜଟିଳତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ସେହି ବର୍ଷ ନାଇଜେରିଆରେ ସର୍ବାଧିକ ୭୫,୦୦୦ ମାତୃ ମୃତ୍ୟୁ ହୋଇଥିଲା। ତା' ପଛକୁ ଭାରତ ଓ କଙ୍ଗୋରେ ୧୯,୦୦୦ ଲେଖାଏଁ ମାତୃ ମୃତ୍ୟୁ ହୋଇଥିଲା। ଅର୍ଥାତ୍, ୨୦୨୩ରେ ଭାରତରେ ଦିନକୁ ୫୨ ମାତୃ ମୃତ୍ୟୁ ପଞ୍ଜୀକୃତ ହୋଇଥିଲା ଏବଂ ପୃଥିବୀର ସମୁଦାୟ ମାତୃ ମୃତ୍ୟୁରେ ଭାରତର ଭାଗ ହେଉଛି ୭.୨%। ୧୧,୦୦୦ ମାତୃ ମୃତ୍ୟୁ ସହିତ ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି। ଚିନ୍ତାଜନକ ବିଷୟ ହେଉଛି, ଏହି ଚାରିଟି ଦେଶର ମାତୃ ମୃତ୍ୟୁ ସଂଖ୍ୟା ପୃଥିବୀର ସମୁଦାୟ ମାତୃ ମୃତ୍ୟୁର ପ୍ରାୟ ଅଧା। ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ଡାକ୍ତର ଟେଡ୍ରୋସ୍ ଆଧାନୋମ୍‌ଙ୍କ ମତରେ ନିବାରଣଯୋଗ୍ୟ ମାତୃ ମୃତ୍ୟୁର ଦାରିଦ୍ର୍ୟ ଓ ବୈଷମ୍ୟ ସହିତ ଗଭୀର ସମ୍ପର୍କ ରହିଛି। ପ୍ରାୟ ସମସ୍ତ ମାତୃ ମୃତ୍ୟୁ ନିମ୍ନ ଓ ମଧ୍ୟ ଆୟକାରୀ ଦେଶରେ ହୋଇଥାଏ। ମାତୃ ମୃତ୍ୟୁ ହ୍ରାସ ଦିଗରେ ଅଗ୍ରଗତି ହୋଇଥିଲେ ହେଁ ଅନେକ ମହିଳାଙ୍କ ପାଇଁ ଆଜି ବି ଗର୍ଭଧାରଣ କରିବା ବିପଜ୍ଜନକ। ଏହି ବିପଦର ସମାଧାନ ରହିଛି, କିନ୍ତୁ ସର୍ବାଧିକ ସହାୟତା ଲୋଡ଼ୁଥିବା ମହିଳାଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ। ଜନସଂଖ୍ୟା ଦୃଷ୍ଟିରୁ ଭାରତ ସହ ସମକକ୍ଷ ଚୀନ ସହିତ ଯଦି ତୁଳନା କରିବା ତେବେ ସମାନ ବର୍ଷରେ ଚୀନରେ ମାତ୍ର ୧,୪୦୦ ମାତୃ ମୃତ୍ୟୁ ହୋଇଥିଲା। ଭାରତରେ ଚୀନ ତୁଳନାରେ ୧୩ ଗୁଣ ଅଧିକ ମାତୃ ମୃତ୍ୟୁ ହେବା ଆମ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନେଇ ଉଦ୍‌ବେଗଜନକ ପ୍ରଶ୍ନମାନ ଛିଡ଼ା କରୁଛି। ତେବେ ଏହି ରିପୋର୍ଟରୁ ମିଳିଥିବା ଏକ ସକାରାତ୍ମକ ଚିତ୍ର ହେଉଛି ଯେ ୨୦୦୦ ମସିହାରୁ ୨୦୨୩ ମସିହା ମଧ୍ୟରେ ଭାରତରେ ମାତୃ ମୃତ୍ୟୁ ଅନୁପାତ (ଏମ୍‌ଏମ୍‌ଆର୍) ୩୬୨ରୁ ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୮୦ରେ ପହଞ୍ଚିଛି। ସମାନ ଅବଧିରେ ଚୀନର ଏମ୍‌ଏମ୍‌ଆର୍ ୫୬ରୁ ୧୬କୁ ଖସିଆସିଛି। ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱ ସ୍ତରରେ ମାତୃ ମୃତ୍ୟୁ ଅନୁପାତ ୪୦% କମିଛି, କିନ୍ତୁ ୨୦୧୬ ପରଠୁ ଏହି ଅଗ୍ରଗତିର ବେଗ ତୀବ୍ର ଭାବେ ହ୍ରାସ ପାଇଛି।

**ଜନସଂଖ୍ୟା ଦୃଷ୍ଟିରୁ ଭାରତ ସହ ସମକକ୍ଷ ଚୀନ ସହିତ ଯଦି ତୁଳନା କରିବା ତେବେ ୨୦୨୩ ମସିହାରେ ଭାରତରେ ୧୯,୦୦୦ ମାତୃ ମୃତ୍ୟୁ ହୋଇଥିବା ବେଳେ ଚୀନରେ ଏହି ସଂଖ୍ୟା ମାତ୍ର ୧,୪୦୦। ଭାରତର ମାତୃ ମୃତ୍ୟୁ ଅନୁପାତ ୮୦, କିନ୍ତୁ ଚୀନରେ ତାହା ୧୬।**

